

ଇରାନ୍ ଉତ୍ତରରେ ଟ୍ରମ୍ପ୍ ଖପ୍ପା

ପୃଷ୍ଠା ୪


# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 50 ଭାଗ ୩୪ | ସଂଖ୍ୟା ୫୦ | Tuesday 12 May 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୧୨ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଲିଙ୍ଗରାଜ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ'

## 'ଅରେଞ୍ଜ ଇକୋନୋମି'ରେ ସମୃଦ୍ଧ ହେବ ଓଡ଼ିଶା

ରାଜ୍ୟକୁ ଦେଶର ସାଂସ୍କୃତିକ ରାଜଧାନୀ କରିବାକୁ ସଂକଳ୍ପ

ସୋମନାଥ ପର୍ବର ସିଧାପ୍ରସାରଣ ଦେଖିଲେ ମୁଖ୍ୟମନ୍ତ୍ରୀ

ପଶ୍ଚିମର ପ୍ରହରୀ ସୋମନାଥ ଓ ପୂର୍ବର ଅଜେୟ ଶକ୍ତି ଲିଙ୍ଗରାଜ

ଦେଶର ସାଂସ୍କୃତିକ ପୁନର୍ଜାଗରଣର ନୂଆ ଅଧ୍ୟାୟ :ମୋହନ

ଆକ୍ରମଣ ସତ୍ତ୍ୱେ ବାରମ୍ବାର ପୁନର୍ଜନ୍ମ ନେଇଛି ଭାରତର ସ୍ୱାଭିମାନ



ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଏକାମ୍ର କ୍ଷେତ୍ରସ୍ଥ ପ୍ରଭୁ ଲିଙ୍ଗରାଜଙ୍କ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ' ଏକ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ ସୋମନାଥ ଓ ଲିଙ୍ଗରାଜଙ୍କ ମଧ୍ୟରେ ଥିବା ଏକ ଅଦୃଶ୍ୟ ଓ ଗଭୀର ସମ୍ପର୍କ ଉପରେ ଆଲୋକପାତ କରି କହିଥିଲେ ସୋମନାଥ ଯଦି ଭାରତର ପଶ୍ଚିମ ପ୍ରହରୀ, ତେବେ ଲିଙ୍ଗରାଜ ହେଉଛନ୍ତି ପୂର୍ବର ଅବିଚଳିତ ଶକ୍ତି।

ଆଜି ଏକାମ୍ର ପୀଠରେ ଏକ ବିଶେଷ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା, ଯେତେବେଳେ ମୁଖ୍ୟମନ୍ତ୍ରୀ ଗୁଜରାଟର ପ୍ରଭାସ ପାଟନସ୍ଥିତ ସୋମନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପରିଚାଳିତ ଭବ୍ୟ ସମାରୋହର ସିଧାପ୍ରସାରଣ ଦେଖିଥିଲେ। ଗୁଜରାଟରୁ ସୋମନାଥ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାର ସହ ଦେଖିବା ସହ ଲିଙ୍ଗରାଜ ପୀଠର ଶ୍ରଦ୍ଧାଳୁଙ୍କ ସହ ଉକ୍ତ ମୁହୂର୍ତ୍ତକୁ ବାଣ୍ଟିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ ଭାରତୀୟ ସଂସ୍କୃତିର ସୁରକ୍ଷା ଓ ଶୈବପୀଠଗୁଡ଼ିକର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରଭୁ ସୋମନାଥଙ୍କ ପୃଷ୍ଠା-୬

## ଚାରି ଲେନ୍‌ବିଶିଷ୍ଟ ହେବ ଭବାନୀପାଟଣା-ଖରିଆର ରୋଡ୍




ନିର୍ମାଣ ହେବ ୫ଟି ମୁଖ୍ୟ ସେତୁ ସହ ୧୫ ଛୋଟ ସେତୁ

ତେଲ ନଦୀ ପୁରୁଣା ସେତୁର ପୁନରୁଦ୍ଧାର ହେବ

ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ଭବାନୀପାଟଣାବାସୀଙ୍କ ଦୀର୍ଘଦିନର ଦାବି ଆଜି ସାକାର ରୂପ ନେବାକୁ ଯାଉଛି। ଭବାନୀପାଟଣାବାସୀଙ୍କ ଆବେଗକୁ ଗୁରୁତ୍ୱ ଦେଇ ପୂର୍ତ୍ତ ବିଭାଗ ଭବାନୀପାଟଣା-ଖରିଆର ରାସ୍ତାକୁ ଦୁଇ ଲେନ୍‌ରୁ ଚାରି ଲେନ୍ ବିଶିଷ୍ଟ ହେବ। ଏହି ରାସ୍ତା ନିର୍ମାଣ ଦ୍ୱାରା ସ୍ଥାନୀୟ ଲୋକଙ୍କ ଗମନାଗମନରେ ସୁବିଧା ହେବା ସହ କ୍ଷୁଦ୍ର ଚାଷୀ ଓ ବ୍ୟବସାୟୀ ବିଶେଷ ଭାବେ ଉପକୃତ ହେବେ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ କହିଛନ୍ତି ଯେ ନୂତନ ଭବାନୀପାଟଣା-ଖରିଆର ରାସ୍ତା ଭବାନୀପାଟଣା ଓ ଖରିଆର ଅଞ୍ଚଳର ଲୋକଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିବ। କଳାହାଣ୍ଡି ଓ ନୂଆପଡା ଜିଲ୍ଲା ମଧ୍ୟରେ ଯୋଗାଯୋଗ ତ୍ୱରିତ ଓ ସୁଗମ ହେବା ସହ ସଂଯୁକ୍ତ ଗ୍ରାମଗୁଡ଼ିକର ଜନସାଧାରଣ ସହର ଓ ବଜାରକୁ ମଧ୍ୟ ସହଜରେ ଯାଇପାରିବେ। ଉନ୍ନତ ରାସ୍ତା ଯୋଗୁଁ ଯାତ୍ରୀବାହୀ ବସ୍, ଆମ୍ବୁଲାନ୍ସ ଓ ବ୍ୟକ୍ତିଗତ ଯାନଗୁଡ଼ିକ ଶୀଘ୍ର ଗନ୍ତବ୍ୟସ୍ଥଳରେ ପହଞ୍ଚିବା ସହ ଇନ୍ଧନ ଓ ସମୟ ଅପଚୟ ମଧ୍ୟ ହ୍ରାସ ପାଇବ। କୃଷକ ଓ ବ୍ୟବସାୟୀମାନେ ଧାନ, ପନିପରିବା, ଜଙ୍ଗଲଜାତ ଦ୍ରବ୍ୟ ଓ ଅନ୍ୟାନ୍ୟ ସାମଗ୍ରୀକୁ ବଜାରକୁ ସହଜରେ ପରିବହନ କରିପାରିବେ, ଯାହାଦ୍ୱାରା ପୃଷ୍ଠା-୬

### ସୌମ୍ୟ ହତ୍ୟା ମାମଲା

## ଲାଗିନି ମବ୍ ଲିଞ୍ଚିଂ ଧାରା



ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ଗତ ସପ୍ତାହରେ ବାଲିଅନ୍ତାରେ ଘଟିଥିବା ସୌମ୍ୟ ରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ପୁଲିସ୍ ପକ୍ଷରୁ ମବ୍ ଲିଞ୍ଚିଙ୍ଗ୍ ଧାରା ଲାଗୁ କରାଯାଇନାହିଁ। ଏନେଇ ଆଜି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସ୍ପଷ୍ଟୀକରଣ ରଖିଛନ୍ତି। ବିଶେଷ ପରିସ୍ଥିତିରେ ମବ୍ ଲିଞ୍ଚିଂ ସେକ୍ସନ ଲଗାଯାଏ ବୋଲି ସେ କହିଛନ୍ତି। ଜାତି, ଧର୍ମ, ସମ୍ପ୍ରଦାୟ ଆଧାରରେ ୫ରୁ ଅଧିକ ଲୋକଙ୍କ ସମ୍ପୃକ୍ତି ଥିଲେ ଭିଡ଼ ହିଂସା ବା ମବ୍ ଲିଞ୍ଚିଙ୍ଗ୍ ଧାରା ଲାଗିଥାଏ। ଏହାଛଡ଼ା ଗୁଣିଗାରେଡ଼ିଜନିତ ହିଂସା ମାମଲାରେ ମଧ୍ୟ ଏଭଳି ଦଫା ଲଗାଯାଇଥାଏ। କିନ୍ତୁ ସୌମ୍ୟ ରଞ୍ଜନଙ୍କ ହତ୍ୟା ଘଟଣାରେ ଏଭଳି କିଛି ହୋଇ ନ ଥିବାରୁ ଭିଡ଼ ହିଂସା ଧାରା ଲାଗିନାହିଁ। ତେବେ ମବ୍ ଲିଞ୍ଚିଂ ଧାରା ଲାଗୁ କି ନ ଲାଗୁ, ହତ୍ୟା ପାଇଁ ଦୋଷୀ ସାବ୍ୟସ୍ତ ବ୍ୟକ୍ତିବିଶେଷଙ୍କ ପ୍ରତି ହେବାକୁ ଥିବା ଦଣ୍ଡବିଧାନ ସମାନ ରହିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେଉଁମାନେ ଘଟଣାସ୍ଥଳରେ ଥିଲେ ସମସ୍ତେ ଯେ ମବ୍ ଲିଞ୍ଚିଂ କରିଛନ୍ତି, ତାହା କହିବା ବି ଠିକ ନୁହେଁ।

## ସଡ଼କ ଦୁର୍ଘଟଣାରେ ୨ ମୃତ

କୁଚିଣ୍ଡା,୧୧।୫(ସଂଚାର ବ୍ୟୁରୋ): ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅନ୍ତର୍ଗତ ପେଟ୍ରୋଲ ପମ୍ପ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏକ ପିକ ଅପ୍ ଭ୍ୟାନ୍ ବାଇକକୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ଅନ୍ୟ ଜଣେ ଆହତ ହୋଇ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ବି ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହାଛଡ଼ା ଏହି ଦୁର୍ଘଟଣାରେ ଆଉ ଜଣେ ଆହତଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ମୃତକଦ୍ୱୟ ଚିନ୍ମୟ ଠାକୁର ଓ ଗଗନ ପାତ୍ର ବୋଲି ଜଣାପଡ଼ିଛି। ସେହିପରି ସଙ୍କଟାପନ୍ନ ଥିବା ଯୁବକ ଜଣଙ୍କ ଶିଶିର ଠାକୁର ହୋଇଥିବା ବେଳେ ସମସ୍ତେ କୁଚିଣ୍ଡା ଥାନା ଛେପରାବେଡା ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଏନେଇ ଖବର ପାଇବା ପରେ ମହୁଲପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛି।




## ପଞ୍ଚାୟତ ଦଖଲ ପାଇଁ ବିଜେପିର ବ୍ଲୁ-ପ୍ରିଣ୍ଟ



ପ୍ରତି ମାସରେ ଦଳର ପିସିସି ବୈଠକ

ଆଭ୍ୟନ୍ତରୀଣ କନ୍ଦଳ ପାଇଁ ଅକଳରେ କଂଗ୍ରେସ

ବିଜେଡିକୁ ଟେନସନ, ମୁହଁ ଫେରାଉଛନ୍ତି ପଞ୍ଚାୟତ ପ୍ରତିନିଧି

ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ଆଉ ବର୍ଷକ ପରେ ପଞ୍ଚାୟତ ନିର୍ବାଚନ ଥିବାରୁ ତିନି ପ୍ରମୁଖ ଦଳ ଆରମ୍ଭ କରିଦେଇଛନ୍ତି ସମର ସଜ୍ଜା। ନିର୍ବାଚନ ପୂର୍ବରୁ ଜିଲ୍ଲା ସଂଗଠନକୁ ଶକ୍ତିଶାଳୀ କରିବାକୁ ବିଜେପି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି। ରାଜ୍ୟ କାର୍ଯ୍ୟାଳୟରେ ସଂସଦୀୟ କ୍ଷେତ୍ରୱାରୀ ଚାଲିଛି ମାନସ ମନ୍ଥନ। ବିଧାୟକ ଓ ସାଂସଦଙ୍କ ସହ ବୈଠକ କରି ଟାସ୍କ ଦେଉଛନ୍ତି ସଭାପତି। ସେପଟେ ବୁଥ ସ୍ତରରୁ ପଞ୍ଚାୟତ ପାଇଁ କଂଗ୍ରେସ ପ୍ରସ୍ତୁତି ଆରମ୍ଭ କରିଥିବା କହିଛି। ହେଲେ ବିଜେଡି ପାଇଁ ମୁଣ୍ଡବିନ୍ଧା ହୋଇଛି ପଞ୍ଚାୟତ ପ୍ରତିନିଧି ମୁହଁ ଫେରାଇବା।

ରାଜ୍ୟରେ ଏକାକୀ କ୍ଷମତାକୁ ଆସିବା ପରେ ଏବେ ପଞ୍ଚାୟତ ଦଖଲ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି ବିଜେପି। ବିଧାୟକ, ସାଂସଦ, ଜିଲ୍ଲା ସଭାପତି ଓ ପ୍ରଭାରୀମାନଙ୍କୁ ଡାକି ଆଲୋଚନା କରୁଛନ୍ତି ସଭାପତି ଆଉ ସଂଗଠନ ସମ୍ପାଦକ। ବୁଥ୍‌କୁ ଫୋକସ କରି ପୃଷ୍ଠା-୬

### ପଙ୍କପାଳ-୨ ବାଲିଘାଟରେ ବେଆଇନ ବାଲି ଉତ୍ତୋଳନ

## ଆଖିରେ ଅନ୍ଧପୁଟୁଳି ବାନ୍ଧିଛି ପ୍ରଶାସନ




ଖୁଲମଖୁଲ୍ଲା ଚାଲିଛି ପ୍ରୋକ୍ଲିନ୍ ମେସିନ୍

ଆନ୍ଦୋଳନର ଚେତାବନୀ ଦେଲେ ଗ୍ରାମବାସୀ

ଯାଜପୁର,୧୧।୫(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଦାନଗଦି ତହସିଲ ଅଧୀନସ୍ଥ ପଙ୍କପାଳ ନୀଳମଣି ଦେଇପୁର ଶାସନ ଗ୍ରାମରେ ଥିବା ବ୍ରାହ୍ମଣୀ ନଦୀର ପଙ୍କପାଳ-୨ ବାଲିଘାଟରେ ଏବେ ବେଆଇନ ବାଲି ଖନନର ରାଜୁତି ଚାଲିଛି। ଗତ ମାର୍ଚ୍ଚ ୩୧ ତାରିଖରେ ଏହି ବାଲିଘାଟର ପ୍ରଦୂଷଣ ପ୍ରମାଣପତ୍ର (ସିଟିଓ) ମିଆଦ ଶେଷ ହୋଇଯାଇଥିଲେ ସୁଦ୍ଧା ନିୟମକୁ ବେଖାତିର କରି ଏବେ ବି ଖୁଲମଖୁଲ୍ଲା ବାଲି ଚାଲାଣ ଜାରି ରହିଛି।

ଏହି ଘାଟରେ କୌଣସି ପରିବେଶ ମଞ୍ଜୁରୀ ବା ବୈଧ କାଗଜପତ୍ର ନ ଥାଇ ଲିଜଧାରୀ ବେଆଇନ ଭାବେ ୪ଟି ଭାରୀ ପ୍ରୋକ୍ଲିନ୍ ମେସିନ୍ ଲଗାଇ ଦିନରାତି ବାଲି ଖୋଲୁଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ବେଆଇନ ଖନନ ପାଇଁ ମେସିନ୍ ଜବତ କରାଯାଇଥିବାର ପ୍ରମାଣ ଥିଲେ ମଧ୍ୟ ମାଫିଆମାନେ ଏହାକୁ ଖାତିର କରୁନାହାଁନ୍ତି। ଦିନକୁ ଶହ ଶହ ଓଭରଲୋଡ୍ ଟ୍ରକ ଯୋଗେ ଅନବରତ ବାଲି ବୁହାଯାଉଛି। ଏହାଦ୍ୱାରା ସରକାରଙ୍କର କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଛି ଓ ପରିବେଶ ମଧ୍ୟ ନଷ୍ଟ ହେଉଛି।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏତେ ବଡ଼ ବେଆଇନ କାର୍ଯ୍ୟକଳାପ ଚାଲିଥିବା ଜାଣି ମଧ୍ୟ ସ୍ଥାନୀୟ ପ୍ରଶାସନ ଓ ଖଣି ବିଭାଗ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି। ଯାଜପୁର ସର୍କଲର ମାଇନିଂ ଅଫିସର ଓ ଡେପୁଟି ଡିରେକ୍ଟର ଅଫ୍ ମାଇନ୍ସଙ୍କ ସଲାସୁତୁରାରେ ଏହି ବେଆଇନ ଖନନ ଚାଲିଥିବା ଗ୍ରାମବାସୀ ପୃଷ୍ଠା-୬

## ସୀମା ଟପିଲା ନୃଶଂସତା: ଗଡ଼ିଲା ୩ ମୁଣ୍ଡ



ମାଙ୍କଡ଼ା ମାଫିଆଙ୍କ ଆତଙ୍କରାଜ, ୪ ଗିରଫ

ସଂଘବଦ୍ଧ ଆକ୍ରମଣ କରି ଯୁବକଙ୍କୁ ହାଣି ପକାଇଲେ

ପିଟି ପିଟି ମାରିଦେଲେ ସାଙ୍ଗ

ନୟାଗଡ଼/ଝାରସୁଗୁଡ଼ା/ଭଦ୍ରକ: ଦିନକୁ ଦିନ ହଜିଯାଉଛି ମାନବିକତା। କେଉଁଠି ଅସଦାଚରଣ ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ସମ୍ପୃକ୍ତ ଯୁବକଙ୍କ ଜୀବନ ନେଉଛନ୍ତି ତ ଆଉ କେଉଁଠି ସାମାନ୍ୟ ଟଙ୍କା କେଇଟା ପାଇଁ ରଡ଼ରେ ପିଟି ପିଟି ହତ୍ୟା କରୁଛନ୍ତି ନୃଶଂସ ଦୁର୍ବୃତ୍ତ। ଆଜି ମଧ୍ୟ ରାଜ୍ୟର ତିନିଟି ପୃଥକ୍ ପୃଥକ ସ୍ଥାନରେ ଏଭଳି ଆକ୍ରମଣରେ ୩ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏହି ଘଟଣା ନୟାଗଡ଼, ଝାରସୁଗୁଡ଼ା ଓ ଭଦ୍ରକ ଅଞ୍ଚଳରେ ଘଟିଛି। ଗୋଟିଏ ପଟେ ନୟାଗଡ଼ରେ ମାଙ୍କଡ଼ା ମାଫିଆମାନେ ରକ୍ତ ପିପାସୁ ହୋଇ ଜଣେ ଯୁବକଙ୍କୁ ପାଖାପାଖି ୫୦ ଥର ଆକ୍ରମଣ କରିବା ସହ ତାଙ୍କୁ ଜୀବନରେ ମାରିଦେଇଛନ୍ତି। ସେହିପରି ଝାରସୁଗୁଡ଼ାରେ ଭୁଜାଲି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ଏହାଛଡ଼ା ଭଦ୍ରକ ଅଞ୍ଚଳର ଜନୈକ ଯୁବକଙ୍କୁ ପୃଷ୍ଠା-୬






## ମୋକିମଙ୍କ ଦଳକୁ ମିଳୁନି ବଳ

ଝିଅ ବି ହେଉଛନ୍ତି କୋଣଠେସା

ଆଗ ପଛ ହେଉଛନ୍ତି ସମର୍ଥକ



ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ମହମ୍ମଦ ମୋକିମଙ୍କ ଆଞ୍ଚଳିକ ଦଳ ଓଡ଼ିଶା ଜନତା କଂଗ୍ରେସ (ଓଜେସି)କୁ ରାଜ୍ୟରେ ବଳ ମିଳୁନି। କଟକରୁ କଳାହାଣ୍ଡି ପର୍ଯ୍ୟନ୍ତ ଯେତେ ସଭାସମିତି କଲେ ବି ଗୋଟିଏ ନୂଆ ଆଞ୍ଚଳିକ ଦଳକୁ ଲୋକେ ଯେଭଳି ସ୍ୱାଗତ କରିବା କଥା ସେଭଳି କିଛି ବି ହେଉନାହିଁ। ଦଳ ପାଇଁ ବଳ ଗୋଟାଇବାକୁ ମୋକିମ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ସମାବେଶମାନ ଆୟୋଜନ କରୁଥିବା ବେଳେ ଦଳକୁ କିନ୍ତୁ ବଳ ମିଳୁ ନ ଥିବା ଚର୍ଚ୍ଚା ହେଉଛି। କଂଗ୍ରେସ ବିରୋଧରେ ବୟାନବାଜି କରିବା ପରେ ମୋକିମଙ୍କୁ କଂଗ୍ରେସ ଦଳରୁ ବହିଷ୍କାର କରାଯାଇଥିଲା। ଏହାପରେ ଆଞ୍ଚଳିକ ଦଳ ଗଠନ ପାଇଁ ମୋକିମ ଅଣ୍ଟା ଭିଡ଼ିଥିଲେ। ରାଜ୍ୟର କିଛି ଆଗଧାଡ଼ିର ନେତାଙ୍କର ପରାମର୍ଶ ବି ନେଇଥିଲେ। ଝିଅ ସୋଫିଆ ଫିର୍ଦ୍ଦୋସ କଂଗ୍ରେସ ବିଧାୟିକା ଥିବା ବେଳେ ମୋକିମ ଦଳ ଗଠନ ପ୍ରକ୍ରିୟାକୁ ଜୋରଦାର କରିବା ସହ ଶେଷରେ ଓଜେସି ନାମରେ ଦଳ ଗଠନ କରିଛନ୍ତି। ଏହା ଭିତରେ କ୍ରସ ଭୋଟିଂ ଅଭିଯୋଗରେ ସୋଫିଆ କଂଗ୍ରେସରୁ ନିଲମ୍ବିତ ହୋଇଥିବା ପୃଷ୍ଠା-୬

# ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



**ମାର୍ଶାଘାଇ,୧୧।୫ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ମାର୍ଶାଘାଇ ସ୍ଥିତ ଜଳସେଚନ ବିଭାଗ ଡାକ ବଙ୍ଗଳାଠାରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଓ ଯୋଜନାଗୁଡିକର ସମୀକ୍ଷା କରିଥିଲେ।

ବୈଠକରେ ମାନ୍ୟବର ମନ୍ତ୍ରୀ ସ୍ୱାସ୍ଥ୍ୟ, କ୍ରୀଡା, ପାନୀୟ ଜଳ, ଦକ୍ଷତା ବିକାଶ, ଶିକ୍ଷା, ସାମାଜିକ ସୁରକ୍ଷା, ସମାଜ କଲ୍ୟାଣ, ବିଦ୍ୟୁତ୍, ଶିଳ୍ପ ସହ ବିଭିନ୍ନ ବିଭାଗର କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଥିଲେ। ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗରେ ଚାଲିଥିବା ଉନ୍ନତିମୂଳକ ପ୍ରକଳ୍ପ ଓ ସରକାରୀ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ମାନ୍ୟବର ମନ୍ତ୍ରୀ ଜିଲ୍ଲାର ସମଗ୍ର ଉନ୍ନତି ପାଇଁ ସମସ୍ତ ଅଧିକାରୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଚାଲିଥିବା ପ୍ରକଳ୍ପଗୁଡିକୁ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ।

ଏହି ସମୀକ୍ଷା ବୈଠକରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଉପସ୍ଥିତ ଥିଲେ।

## ଦେଶର ପ୍ରଥମ କାର୍ବନ କ୍ୟାପଚର ଲ୍ୟାବ୍‌ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

# ସ୍ୱଚ୍ଛ ଉର୍ଜା ଇନୋଭେସନ କ୍ଷେତ୍ରରେ ବଡ଼ ପଦକ୍ଷେପ

- ଆଇଆଇଟି ବମ୍ବେର ପଦକ୍ଷେପକୁ ପ୍ରଶଂସା କଲେ ଧର୍ମେନ୍ଦ୍ର
- ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ଲକ୍ଷ୍ୟ ହାସଲରେ ରହିବ ଭୂମିକା




**ମୁମ୍ବାଇ,୧୧।୫:** ଭାରତର ପ୍ରଥମ 'ଇଣ୍ଟିଗ୍ରେଟେଡ୍ କାର୍ବନ କ୍ୟାପଚର, ୟୁଟିଲାଇଜେସନ୍ ଏଣ୍ଡ୍ ଷ୍ଟୋରେଜ୍ (ସିସିୟୁଏସ)' ଫିଲ୍ଡ ଲାବୋରେଟୋରୀର ଶୁଭାରମ୍ଭ ବର୍ତ୍ତମାନ ସମୟରେ ପୂର୍ଣ୍ଣ ରୂପେ ସ୍ୱାଗତଯୋଗ୍ୟ। ଏହା ଭାରତର ସ୍ୱଚ୍ଛ ଉର୍ଜା ଇନୋଭେସନ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଆଜି ଆଇଆଇଟି ବମ୍ବେ ଠାରେ ଏହି ଲ୍ୟାବର ଶୁଭାରମ୍ଭ କରିବା ସହ କହିଛନ୍ତି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପଞ୍ଚାମୃତ' ପ୍ରତିଶ୍ରୁତି ଏବଂ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ଲକ୍ଷ୍ୟ ହାସଲ କରିବାରେ ଏହି ପ୍ରଯୁକ୍ତିବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ଆହରଣ ନୁହେଁ, ବରଂ ନବସୃଜନ ଓ ଗବେଷଣା ମାଧ୍ୟମରେ ଦେଶର ସାମର୍ଥ୍ୟ ବୃଦ୍ଧି କରୁଛନ୍ତି। ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ପାଇଁ ଶିକ୍ଷାବିତ୍, ଶିଳ୍ପ ଜଗତ ଏବଂ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ। ଆଇଆଇଟି ବମ୍ବେର ଦ୍ୱାରା ପ୍ରୋତ୍ସାହିତ ଷ୍ଟାର୍ଟଅପ୍ 'ଉର୍ଜାନୋଭାକ'କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ପ୍ରଧାନ ଏହାକୁ ଭାରତର ବୈଜ୍ଞାନିକ ସାମର୍ଥ୍ୟର ପ୍ରତିଫଳନ ବୋଲି ଅଭିହିତ କରିଛନ୍ତି।

ଏହାପରେ କେନ୍ଦ୍ରମନ୍ତ୍ରୀ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (ଟିସ) ର ୯୦ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ 'ଗ୍ଲୋବାଲ କଲୋକ୍ୱିଅମ୍-୨୦୨୬' କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ, ସାମାଜିକ ବିଜ୍ଞାନ କେବଳ ଏକ ପାଠ୍ୟକ୍ରମ ନୁହେଁ, ବରଂ ସମାଜର ପ୍ରଗତି ଓ ସମାନତା ପାଇଁ ଏକ ଦସ୍ତାବିଜ। ସେ କହିଥିଲେ ଯେ, ଭାରତର ବହୁସଂଖ୍ୟକ ଯୁବଶକ୍ତିଙ୍କ ପାଇଁ ବୁଝିଲା ଭଳି ତଥା ଆନ୍ତର୍ଜାତୀୟ ସ୍ତରର ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି। ସେହିପରି ଗତ ୧୨ ବର୍ଷ ମଧ୍ୟରେ 'ସବ୍‌କା ସାଥ୍, ସବ୍‌କା ବିକାଶ' ଏବଂ 'ଜାମ' ତଥା ଜନଧନ, ଆଧାର ଓ ମୋବାଇଲ୍ ମାଧ୍ୟମରେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସମାବେଶୀ ବିକାଶ ଅଣାଯାଇଛି। ଆର୍ଥିକ ପ୍ରଗତି ସହ ସାମାଜିକ ସଚେତନତା ଓ ମାନବୀୟ ସମ୍ବେଦନଶୀଳତା ହିଁ ପ୍ରକୃତ ବିକାଶର ମାପକାଠି। ଟିସ ଭଳି ଅନୁଷ୍ଠାନ ଏହି କ୍ଷେତ୍ରରେ ଏକ ସେତୁ ଭାବେ କାର୍ଯ୍ୟ କରୁଛି। ଶେଷରେ ଶ୍ରୀ ପ୍ରଧାନ ସମସ୍ତ ଅଂଶଗ୍ରହଣକାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସଫଳ ବିଚାରବିମର୍ଶ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ଅଗ୍ନିବିପନ୍ନ ପରିବାରକୁ ସହାୟତା ପ୍ରଦାନ



**ମହାକାଳପଡ଼ା,୧୧।୫(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଜମ୍ବୁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜମ୍ବୁ ଗ୍ରାମର ରୀନାରାଣୀ ପ୍ରଧାନଙ୍କ ଚାଳଛପର ଘର ଗତ ୮ ତାରିଖ ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଏହି ଦୁଃଖଦ ଘଟଣା ପରେ ବରଡାଙ୍ଗ ପଞ୍ଚାୟତ ଭିତର ସୁବଳା ଗ୍ରାମର ସଦାଶିବ ଯୁବକ ସଂଘ ପକ୍ଷରୁ ପୀଡ଼ିତ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ନୂତନ ବସ୍ତ୍ର, ରୋଷେଇ ଓ ଖାଦ୍ୟ ସାମଗ୍ରୀ ସମେତ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଦାଶିବ ଯୁବକ ସଂଘର ସଦସ୍ୟ ମନୋଜ ସାମଲ, ସୁଶାନ୍ତ ଚୌଧୁରୀ, ପ୍ରିୟ ରଞ୍ଜନ ଦାସ, ପ୍ରଶାନ୍ତ ସ୍ୱାଇଁ, ପ୍ରଦ୍ୟୁମ୍ନ ଭୂୟାଁ, ଗୌତମ ସାମଲ, ରଞ୍ଜନ ରାଉତ, ନିରଞ୍ଜନ ରାଉତ, ମୋହନ, ରାଜା ସ୍ୱାଇଁ, ବିଶ୍ୱ ରଞ୍ଜନ ବାରିକ, ସରୋଜ ବାରିକ, ଅଞ୍ଜନ ବସନ୍ତିଆ, ତପନ ରାଉଳ, ଦେବଦତ୍ତ ସାମଲ, ଶଙ୍କର ଦାସ ଓ ରୁଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଚନ୍ଦନଯାତ୍ରା ଉଦ୍‌ଯାପିତ

# ଅନ୍ଧାରରେ ଚାପ ଖେଳିଲେ ଚଳନ୍ତି ପ୍ରତିମା



**କେନ୍ଦ୍ରାପଡା,୧୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ୨୧ ଦିନ ବ୍ୟାପି ଚନ୍ଦନଯାତ୍ରା ଉଦଯାପିତ ହୋଇଯାଇଛି। ପରମ୍ପରା ଅନୁଯାଇ କେନ୍ଦ୍ରାପଡାରେ ୪୨ ଦିନ ବ୍ୟାପି ଚନ୍ଦନଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ୨୧ ଦିନ ବାହାର ଚନ୍ଦନଯାତ୍ରା ଓ ପରବର୍ତ୍ତୀ ୨୧ ଦିନ ଭିତର ଚନ୍ଦନଯାତ୍ରା ପାଳନ କରାଯାଇଥାଏ।

ଉଦଯାପନ କାର୍ଯ୍ୟକ୍ରମ ଉପଲକ୍ଷେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ବିଜେ କରାଯାଇ ୨୨ ପାହାଚ ତଳେ ସ୍ୱତନ୍ତ୍ର ପୂଜା ବିଧାନ ସହ ପଟୁଆର ଭୋଗ ଅପର୍ଣ କରାଯାଇଥିଲା । ପରେ ବାଟ ଦେଉଳରେ ଥିବା ମହାବୀର ହନୁମାଜୀଉଙ୍କ ପାଖରେ ପୂଜା ମାର୍ଜନା ପୂର୍ବକ ଶସ୍ତ୍ର ପୂଜା ଅନୁଷ୍ଠିତ ହେବା ପରେ ଚନ୍ଦନ ପୋକରୀ ଅଭିମୁଖେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସେବାୟତ ମାନଙ୍କ ପକ୍ଷରୁ ବାଜା, ବାଣ ରୋସଣୀ ସହ ବନାଟି ଖେଳ ଓ ଶସ୍ତ୍ର ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଚନ୍ଦନ ପୋଖରୀ ନିକଟରେ ପହଁଚିବା ପରେ ଶ୍ରୀଜୀଉଙ୍କୁ ନନ୍ଦା ଓ ଭଦ୍ରା ଯୋଡା ହୋଇଥିବା ୨ଟି ନୌକାରେ ସ୍ଥାପନ କରାଯାଇ ୨୧ଥର ଚନ୍ଦନ ପୋଖରୀରେ ପରିକ୍ରମା କରାଯାଇ ଥିଲା। ପରେ ପରେ ପରମ୍ପରା ଅନୁଯାଇ କେଳି କାକରା ଓ ପଣା ଭୋଗ କରାଯାଇ ବଣ୍ଟନ କରା ଯାଇଥିଲା । କିଛି ସମୟ ବିଶ୍ରାମ ପରେ ଶ୍ରୀଜୀଉଙ୍କ ବିମାନ ମୁଖ୍ୟ ମନ୍ଦିରକୁ ଫେରି ଆସିବା ପରେ ମନ୍ଦିର ରେ ଅନ୍ୟ ନୀତି କାନ୍ତି କରାଯାଇ ପ୍ରାୟ ରାତି ୨ଟା ସୁଦ୍ଧା ବଡସିଂହାର ହୋଇଥିଲା ବୋଲି ଜଣାପଡିଛି।

ତେବେ ଏତେ ବଡ ଯାତ୍ରା ସଂପୂର୍ଣ୍ଣ ଅନ୍ଧାର ରେ ପରିଚାଳନା କରାଯାଇ ଥିବାରୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ପୋଖରୀ ର ଚତୁପାଶ୍ୱର୍ରେ ଆଲୋକ ବ୍ୟବସ୍ଥା ନଥିବାରୁ ସଂପୂର୍ଣ୍ଣ ଅନ୍ଧାରରେ ବାହାର ଚନ୍ଦନଯାତ୍ରା ସଂପୂର୍ଣ୍ଣ ହୋଇଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦେବୋତ୍ତର ପ୍ରଶାସନିକ ଅବହେଳା କାରଣରୁ ଚନ୍ଦନଯାତ୍ରା ଭଳି ପ୍ରସିଦ୍ଧ ଉତ୍ସବ ଦେଖିବା ପାଇଁ ହଜାର ହଜାର ଜନ ସାଧାରଣ ଉପସ୍ଥିତ ଥିଲେ ମଧ୍ୟ ଅନ୍ଧାର କାରଣରୁ ଗୁରୁତର ଅବସ୍ଥା ମଧ୍ୟରେ ଚନ୍ଦନଯାତ୍ରା ଶେଷ ହୋଇଥିବା ଜଣାପଡିଛି ।

# ସନାତନ ସଂସ୍କୃତିର ଗୌରବ ଓ ଆଧ୍ୟାତ୍ମିକ ଚେତନାର କେନ୍ଦ୍ରବିନ୍ଦୁ ସୋମନାଥ



**ମହାକାଳପଡ଼ା,୧୧।୫(ସଂଚାର ବ୍ୟୁରୋ):** ସନାତନ ସଂସ୍କୃତିର ଗୌରବ ଓ ଆଧ୍ୟାତ୍ମିକ ଚେତନାର କେନ୍ଦ୍ରବିନ୍ଦୁ ଶ୍ରୀ ସୋମନାଥ ମହାଦେବଙ୍କ ମନ୍ଦିର ଉପରେ ହୋଇଥିବା ପ୍ରଥମ ଆକ୍ରମଣର ୧୦୦୦ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ 'ସୋମନାଥ ସ୍ୱାଭିମାନ ପର୍ବ' ପାଳନ କରାଯାଉଛି। ଆଜି ଏହି ପର୍ବ ପାଳନ ପାଇଁ ସମଗ୍ର ଦେଶକୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି ଅବସରରେ ଆଜି ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତର ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ନୀଳକଣ୍ଠେଶ୍ୱର ମନ୍ଦିରରେ ମହାଦେବଙ୍କ ଦର୍ଶନ କରିଥିଲେ। ସନାତନ ସଂସ୍କୃତିର ମହତ୍ତ୍ୱ ଓ ଆଧ୍ୟାତ୍ମିକ ଚେତନାକୁ ନେଇ ବିସ୍ତିର୍ଣ୍ଣ ଆଲୋଚନା କରାଯାଇଥିଲା। ଏହି ଅବସରରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆୟର, ଭାରାପ୍ରାପ୍ତ ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟ, ବ୍ଲକ୍ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ହଜାର ହଜାର ସଂଖ୍ୟାରେ ଜନସାଧାରଣମାନେ ଉପସ୍ଥିତ ଥିଲେ।

# ବିକଟାଳ ଶବ୍ଦ କରୁଥିବା ବାଇକକୁ ନେଇ ବଢୁଛି ଅସନ୍ତୋଷ

**କେନ୍ଦ୍ରାପଡ଼ା,୧୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଗରାପୁର ଛକ, ଗୁଲନଗର ଓ ତିନିମୁହାଣୀ ଅଞ୍ଚଳରେ ପ୍ରତିଦିନ ସନ୍ଧ୍ୟା ସମୟରେ ବିକଟାଳ ଶବ୍ଦ କରୁଥିବା ବାଇକ ଚଳାଚଳକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଥିବା ଦେଖିବାକୁ ମିଳିଛି । କେତେକ ଯୁବକ ମୋଡିଫାଏଡ୍ ସାଇଲେନ୍ସର ଲଗାଇ ବେପରୁଆ ଭାବେ ବାଇକ ଚଳାଉଥିବାରୁ ପଥଚାରୀମାନେ ଭୟଭୀତ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଅସ୍ୱସ୍ତିକର ପରିବେଶ ସୃଷ୍ଟି ହେଉଛି । ବିଶେଷକରି ଘରେ ଥିବା ଛୋଟ ଛୋଟ ପିଲାମାନେ ଏହି ବିକଟାଳ ଶବ୍ଦ ଯୋଗୁଁ ଭୟଭୀତ ହୋଇପଡୁଥିବା ଅଭିଯୋଗ ହୋଇଛି । ଏହାସହ ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ବାସିନ୍ଦାମାନେ କେନ୍ଦ୍ରାପଡ଼ା ଟାଉନ ଥାନା ପୁଲିସ ତୁରନ୍ତ ଏପରି ବାଇକ ଗୁଡିକୁ ଜବତ କରିବା ସହ ସଂପୃକ୍ତ ଚାଳକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଓ ଫାଇନ୍ ଆଦାୟ କରିବାକୁ ଦାବି କରିଛନ୍ତି । ସେହିପରି ବେଆଇନ ସାଇଲେନ୍ସର କାଢ଼ି ସାଧାରଣ ଲୋକଙ୍କୁ ଶବ୍ଦ ପ୍ରଦୂଷଣରୁ ରକ୍ଷା କରିବାକୁ ମଧ୍ୟ ଦାବି ହୋଇଛି ।

# ୨୮ତମ ଜାତୀୟ ପ୍ରଯୁକ୍ତିବଦ୍ୟା ଦିବସ ପାଳିତ



**କେନ୍ଦ୍ରାପଡ଼ା,୧୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଉପକଣ୍ଠସ୍ଥ ଗୁଲନଗର ରେ ଥିବା କିଟ୍ ଆଇଟିଆଇ କଲେଜ ପରସରରେ ମାଇ ଭାରତ ଯୁବା ଭାରତ ଦ୍ୱାରା ଆୟୋଜିତ ୨୮ତମ ପ୍ରଯୁକ୍ତି ବିଦ୍ୟା ଦିବସ ମହାବିଦ୍ୟାଳୟ ର ଅଧକ୍ଷ ଶ୍ରୀ ପ୍ରସନ୍ନ କୁମାର ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଉକ୍ତ ମହାବିଦ୍ୟାଳୟ ର ଚେୟାରମେନ ବିଶ୍ୱଜିତ୍ ଦାସ ଯୋଗ ଦେଇ ପ୍ରଯୁକ୍ତି ବିଦ୍ୟାର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ସଭା ରେ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ର ଇତିହାସ ବିଭାଗର ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀ ମୃତ୍ୟୁଞ୍ଜୟ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରଯକ୍ତିବିଦ୍ୟା ର ଉପାଦେୟତା ତଥା ତାହାର ଲକ୍ଷ୍ୟ ସମ୍ପର୍କରେ ମତଦେବା ସହ ଭାରତ କିପରି ବିଶ୍ୱଗୁରୁ ହେବାପାଇଁ ଅଗ୍ରସର ହେଉଛି ଏହି ସମ୍ପର୍କ ରେ ମତବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଳାଭର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ମହେନ୍ଦ୍ର ନାଥ ମଳିକ ଓ କିଟ୍‌ର ଅଧ୍ୟାପକ ସଞ୍ଜୀବ କୁମାର ଦାଶ ଯୋଗ ଦେଇଥିଲେ।

# ଜ୍ୱାଇଁଙ୍କୁ ଶ୍ୱଶୂରଘର ଲୋକଙ୍କ ସଙ୍ଘବଦ୍ଧ ଆକ୍ରମଣ

- ରାସ୍ତାର ପିଟିଲେ, ରସିରେ ବାନ୍ଧିଲେ
- ପାରିବାରିକ କଳହ ନେଲା ଉଗ୍ର ରୂପ
- ସ୍ୱାମୀ,ସ୍ତ୍ରୀ ମେଡିକାଲରେ ଭର୍ତ୍ତି



**ମହାକାଳପଡ଼ା,୧୧।୫ (ସଂଚାର ବ୍ୟୁରୋ):** ପାରିବାରିକ କଳହ ଉଗ୍ର ରୂପ ନେଇଛି। ନିଜ ପତ୍ନୀଙ୍କୁ ସ୍ୱାମୀ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବାରୁ ଶଶୁରଘର ଲୋକେ ଜ୍ୱାଇଁଙ୍କୁ ସର୍ବସମ୍ମୁଖରେ ସଙ୍ଘବଦ୍ଧ ଆକ୍ରମଣ କରିଛନ୍ତି। ଅବସ୍ଥା ଗୁରୁତର ଥିବାରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାଶୀ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ମନୋରଞ୍ଜନ ଗିରି ୧୪ ବର୍ଷ ପୂର୍ବେ ଜମ୍ବୁ ଗ୍ରାମର ସାରଥୀ ମାନାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିଭିନ୍ନ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଲାଗି ରହୁଥିଲା। ଉଭୟ ପକ୍ଷ ଆପୋଷ ବୁଝାମଣା କରି ରହୁଥିଲେ ମଧ୍ୟ ପୂର୍ବ ଭଳି ବିବାଦ ସୃଷ୍ଟି ହେଉଥିଲା। ଯାହାକୁ କେନ୍ଦ୍ର କରି ପତ୍ନୀ ସାରଥୀ ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ପ୍ରାୟ ଦେଢ ବର୍ଷ ଧରି ବାପଘରେ ରହୁଥିଲେ। କିଛି ମାସ ପୂର୍ବେ ଘଟଣାର ସମାଧାନ ହୋଇ ଶାଶୁଘରକୁ ଆସିଥିଲେ। ଶନିବାର କୌଣସି କାରଣରୁ ସ୍ୱାମୀ ମନୋରଞ୍ଜନ ସ୍ତ୍ରୀଙ୍କୁ କାଠ ଫାଳିଆରେ ମାଡ ମାରିବା ସହ ଗୋଡ ହାତ ବାନ୍ଧି ଡିଜେଲ ଢାଳି ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିବା ସାରଥୀଙ୍କ ମା' ସାଧନା ମାନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତରଫରୁ ୮୧/୨୬ରେ ମାମଲା ରୁଜୁ କରାଯାଇଥିଲା।

ଅପରପକ୍ଷରେ ଖବର ପାଇ ଝିଅର ବାପଘରର ଦଶରୁ ବାର ଜଣ ଲୋକ ଖରିନାଶୀ ଗ୍ରାମର ମନୋରଞ୍ଜନଙ୍କ ଘରେ ପହଞ୍ଚି ଆମ ଝିଅକୁ କାହିଁକି ବାଡେଇଲ ବୋଲି ପଚାରିବା ସହ ତାଙ୍କୁ ଘରୁ ଘୋଷାଡି ଆଣି ରାସ୍ତାରେ ବାଡେଇବା ସହିତ ରସିରେ ବାନ୍ଧୁଥିବା ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେଉଛି। ଆକ୍ରମଣର ଶିକାର ହୋଇଥିବା ମନୋରଞ୍ଜନ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ଆଧାରରେ ପୁଲିସ ୮୨/୨୬ ରେ ଆଉ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡିଛି।

# ଓଲଟିଲା ଗୋରୁ ବୋଝେଇ ଗାଡ଼ି: ୭ ଗୋରୁ ଆହତ, ଡ୍ରାଇଭର ଅଟକ



**କେନ୍ଦ୍ରାପଡ଼ା,୧୧।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାରୁ ପାଟକୁରାକୁ ସଂଯୋଗ କରୁଥିବା ରାସ୍ତାର କୁଲୁସାହି ନିକଟରେ ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ଗାଡ଼ି ଭୟଙ୍କର ଭାବେ ଓଲଟି ପଡ଼ିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଦୁର୍ଘଟଣାରେ ପ୍ରାୟ ୭ରୁ ୮ଟି ଗୋରୁ ଆହତ ହୋଇଥିବା ବେଳେ ଡ୍ରାଇଭର ଅଳ୍ପକେ ପ୍ରାଣରକ୍ଷା ପାଇଥିବା ସୂଚନା ମିଳିଛି । ରାସ୍ତାରେ ଯାଉଥିବା କିଛି ପଥଚାରୀ ମଧ୍ୟ ବଡ଼ ଅଘଟଣରୁ ବର୍ତ୍ତିଯାଇଛନ୍ତି।

ସୂଚନା ଅନୁଯାୟୀ, ଓଡ଼ି ୨୧ଏଚ ୪୦୫୪ ନମ୍ବର ବିଶିଷ୍ଟ ଏକ ଗୋରୁ ବୋଝେଇ ଗାଡ଼ିକୁ କେନ୍ଦ୍ରାପଡ଼ା ସଦର ଥାନାର ପିସିଆର ଭ୍ୟାନ ପିଛା କରୁଥିଲା । ପୋଲିସକୁ ଦେଖି ଡ୍ରାଇଭର ଭୟଭୀତ ହୋଇ ଗାଡ଼ିକୁ ଅତ୍ୟଧିକ ଗତିରେ ଚଳାଇଥିବା ବେଳେ କୁଲୁସାହି ନିକଟରେ ନିୟନ୍ତ୍ରଣ ହରାଇଥିଲେ ବୋଲି ପୋଲିସ କହିଛି । ଫଳରେ ଗାଡ଼ିଟି ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଖୁଣ୍ଟିକୁ ଧକ୍କା ଦେଇ ଓଲଟି ପଡ଼ିଥିଲା । ଦୁର୍ଘଟଣାରେ ବିଦ୍ୟୁତ ଖୁଣ୍ଟି ଭାଙ୍ଗିଯାଇଥିବା ବେଳେ ଗାଡ଼ିରେ ଥିବା ଗୋରୁମାନେ ଗୁରୁତର ଆହତ ହୋଇଥିଲେ ।

ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ି ୭ଟି ଗୋରୁ ଓ ଡ୍ରାଇଭରଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ । ପରେ ପାଟକୁରା ଥାନା ପୋଲିସ ସାଧାରଣ ଲୋକଙ୍କ ଠାରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ କରିଥିବା ଜଣାପଡ଼ିଛି ।

## ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତିଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ ,୧୧।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ବିଶ୍ୱାଳଙ୍କର ଗତକାଲି ସନ୍ଧ୍ୟାରେ ତରଡ଼ିପାଳ ବାସଭବନରେ ପରଲୋକ ହୋଇଯାଇଛି । ବିଭିନ୍ନ ରୋଗରେ ପୀଡିତ ହୋଇ ସେ ଦୀର୍ଘଦିନ ଧରି ଶଯ୍ୟାସାୟୀ ଥିଲେ । ଶିକ୍ଷକତା ଛାଡି ସମାଜସେବା ପାଇଁ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ତରଡ଼ିପାଳ ପଂଚାୟତ ସରପଞ୍ଚ ଭାବେ ପଂଚାୟତ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଜିଲ୍ଲା କଂଗ୍ରେସ ଓ ବି ସି ଅଧକ୍ଷ ମଳୟ ଦାସ ବରିଷ୍ଠ ନେତା ଧନେଶ୍ୱର ପ୍ରଧାନ ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ ପୂର୍ବତନ ସରପଞ୍ଚ କୈଳାଶ ସେଠୀ ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଦାନଗଦି ବ୍ଲକ୍‌ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

## ୫୦ ଅଭିଯୋଗ ପଞ୍ଜୀକୃତ, ୧୦ଟିର ତତ୍କାଳ ଫଇସଲା

**ଯାଜପୁର,୧୧।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୫୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ




ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୫ ଗୋଟି, ରେଡକ୍ରସ ସହାୟତା ପାଣ୍ଠିରୁ ୦୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ପଟ୍ଟାମୁଣ୍ଡାଇ କେନାଲ ପାଲଟିଛି ଆବର୍ଜନା ପ୍ରାଣକେନ୍ଦ୍ର



**ପଟ୍ଟାମୁଣ୍ଡାଇ,୧୧।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳର ଜୀବନ୍ତ କିମ୍ବଦନ୍ତୀ ହେଉଛି ପଟ୍ଟାମୁଣ୍ଡାଇ କେନାଲ। ପଟ୍ଟାମୁଣ୍ଡାଇ ସହର ମଧ୍ୟରେ ପ୍ରବାହିତ ପଟ୍ଟାମୁଣ୍ଡାଇ କେନାଲର ଅନେକ ଗୁରୁତ୍ୱ ରହିଛି । କେନାଲ କୂଳରେ ବସ ବାସ କରୁଥିବା ଲୋକମାନେ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ସହିତ ମାଛ ଧରି ଖାଇବାର ଭିନ୍ନ ମଜ୍ଜା ନେଇଥାନ୍ତି । ପଟ୍ଟାମୁଣ୍ଡାଇ କେନାଲରେ ଗାଧୋଇବାର ମଜ୍ଜା ବାହାର ଲୋକମାନଙ୍କୁ ପଟ୍ଟାମୁଣ୍ଡାଇ ମନସ୍କ କରିଥାଏ। ବନ୍ୟା ସମୟରେ ପଟ୍ଟାମୁଣ୍ଡାଇ କେନାଲ ଦେଇ ବନ୍ୟା ଜଳ ନିଷ୍କାସିତ ହୋଇ ଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପଟ୍ଟାମୁଣ୍ଡାଇ କେନାଲ ଜଳରେ ଅଂଚଳର ଶସ୍ୟ ଭଣ୍ଡାର ପୁରି ଉଠିଥାଏ। ପଟ୍ଟାମୁଣ୍ଡାଇ କେନାଲ ସମେତ ଏହାର ଶାଖା କେନାଲ ଦ୍ୱାରା ହଜାର ହଜାର ଏକର ଜମି ଜଳସେଚିତ ହୋଇ ସୁନାର ଫସଲ ରେ ଭରପୁର ହୋଇଥାଏ ।

ଏବେ ଶ୍ରୀହୀନ ହୋଇପଡିଛି ପଟ୍ଟାମୁଣ୍ଡାଇ କେନାଲ । ଜଳସମ୍ପଦ ବିଭାଗର ଅପାରଗତା ଯୋଗୁଁ ପଟ୍ଟାମୁଣ୍ଡାଇ କେନାଲ ନାଁକୁ ମାତ୍ର ନବୀକରଣ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଅର୍ଥ ଲୁଟ କରାଯାଉଛି । କେନାଲ ପୋତି ହୋଇ ପଡିଥିବାରୁ ଜଳ ଧାରଣ କ୍ଷମତା ହରାଇ ବସିଛି। ପଟ୍ଟାମୁଣ୍ଡାଇ କେନାଲର ଜଳ ଧାରଣ କ୍ଷମତା ହ୍ରାସ ପାଉଥିବାରୁ ଶାଖା କେନାଲକୁ ପାଣି ଯାଉନାହିଁ। ଯାହାଫଳରେ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି । କେନାଲ ସଫା ଓ ନବୀକରଣ ରାଜନେତା ଓ ଠିକାଦାରଙ୍କ ଲେଉଟିଆ କିଆରୀ ପାଲଟିଛି।

ଅଧିକନ୍ତୁ ପଟ୍ଟାମୁଣ୍ଡାଇ ଅଂଚଳର ଜୀବନ୍ତ କିମ୍ବଦନ୍ତୀ ପଟ୍ଟାମୁଣ୍ଡାଇ କେନାଲ ଶ୍ରୀହୀନ ହୋଇ ଅଳିଆ ଆବର୍ଜନାର ପ୍ରାଣକେନ୍ଦ୍ର ପାଲଟିଛି। ଯାହାକି ପରିବେଶବିତ ପ୍ରକୃତି ପ୍ରେମୀ ସାଧାରଣ ଜନତା ଓ ଚାଷୀ ମାନଙ୍କୁ ବ୍ୟଥିତ କରିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଅଳିଆ ଆବର୍ଜନା ପାଇଁ ମାଟିଆପାଳରେ ଡମ୍ପିୟାର୍ଡ଼ ରହିଛି । ପ୍ରତ୍ୟେକ ଦିନ ଅଳିଆ ଗାଡି ସହରର ଗଳି କନ୍ଦି ବୁଲି ଅଳିଆ ସଂଗ୍ରହ କରୁଛି । ତା ସତ୍ତ୍ୱେ ପଟ୍ଟାମୁଣ୍ଡାଇ କେନାଲ ଅଳିଆ ଆବର୍ଜନା ପ୍ରାଣକେନ୍ଦ୍ର ପାଲଟିଛି। ଜଳସମ୍ପଦ ବିଭାଗ ନିଜ ଅପାରଗତା ଲୁଚାଇବାକୁ ନିଦ୍ରାବିଷ୍ଟ ସାଜିଥିବା ବେଳେ ପଟ୍ଟାମୁଣ୍ଡାଇ ପୌର ପରିଷଦ ନୀରବଦ୍ରଷ୍ଟା ରହିବା ଘଟଣା ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି ।

# ପାଉଣା କାଟ୍‌କୁ ନେଇ ଡେଲିଭରୀ କର୍ମଚାରୀଙ୍କ ବିକ୍ଷୋଭ




**ଯାଜପୁର ରୋଡ଼,୧୧।୫ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ଚୋରଦା ଛକ ଠାରେ ଥିବା ରିଲାଏନ୍ସ ସ୍ମାର୍ଟ, ଷ୍ଟୋର କୋଡ-୨୯୫୯ କେନ୍ଦ୍ର ସମ୍ମୁଖରେ ଆଜି ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ଜିଓ ମାର୍ଟ ବାଇକ୍ ଡେଲିଭରୀ କର୍ମଚାରୀ ମାନେ ବିଭିନ୍ନ ଜିନିଷ ସାମଗ୍ରୀ ଡୋର ଟୁ ଡୋର ଡେଲିଭରୀ ଅର୍ଥ ଟଙ୍କାର ଡେଲିଭରୀ ଅର୍ଥରାଶି ପାଉଣାକୁ କର୍ମଚାରୀ ମାନଙ୍କୁ କଟା ଯାଉଥିବା ପରିପ୍ରେକ୍ଷୀରେ ଦୀର୍ଘ ସମୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଖବରର ଆଧାରରୁ ପ୍ରକାଶ'ଯେ ବ୍ୟାସନଗର ସହରରେ ୩ଟି ରିଲାଏନ୍ସ ସ୍ମାର୍ଟ ଷ୍ଟୋର ରହିଛି। କିନ୍ତୁ ୨ ଗୋଟି ଷ୍ଟୋରରେ ଜିଓ ମାର୍ଟ ବାଇକ୍ ଡେଲିଭରୀ କର୍ମଚାରୀ ମାନଙ୍କୁ ଠିକ୍ ପାଉଣା ମିଳୁଥିବା ବେଳେ "ଷ୍ଟୋର କୋଡ୍ - ୨୯୫୯ କେନ୍ଦ୍ରରେ କାର୍ଯ୍ୟରତ ଜିଓ ମାର୍ଟ ବାଇକ୍ ଡେଲିଭରୀ କର୍ମଚାରୀ ମାନଙ୍କୁ ଉଚିତ୍ ମୂଲ୍ୟ ପାଉଣା ଟଙ୍କା ମିଳୁନାହିଁ । ଏଥିଯୋଗୁଁ ଏହି କର୍ମଚାରୀ ମାନେ ନିଜର ଓ ନିଜ ପରିବାରର ପ୍ରତିପୋଷଣ ସମସ୍ୟା ବିଷୟରେ ଜଣାଇଥିଲେ। ଗୋଟିଏ ଦିନରେ ୩୦ଟା ପାରସଲ, ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖଟିବା, ଗୋଟିଏ ପାରସଲରେ ମାତ୍ର ୧୫ ଟଙ୍କା ପାଉଣା ମିଳୁଥିବା, କୋଣସି ଇନସୁରାନ୍ସରେ ସାମିଲ କରାଯାଇନଥିବା ଭଳି ବିଭିନ୍ନ ସମସ୍ୟା ଉପରେ ଆଧାରିତ ଅଭିଯୋଗକୁ ନେଇ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଥିଲେ।

# ଆରମ୍ଭ ହେଲା ରବି ଧାନ କିଣା ପ୍ରକ୍ରିୟା



● ବରଗଡ ଜିଲ୍ଲାରୁ ହେଲା ଶୁଭାରମ୍ଭ
● ୧୫ରେ ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁରରେ ଧାନକିଣା

ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ରାଜ୍ୟରେ ରବି ଋତୁରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ବରଗଡ଼ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଛି। ବରଗଡ଼ରେ ସରକାରୀ ସ୍ତରରେ ଧାନ ବିକ୍ରୟ ପାଇଁ ପ୍ରାୟ ଏକ ଲକ୍ଷ ୫ ହଜାର ଚାଷୀ ପଞ୍ଜିକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୯୬ ହଜାର ୩୭୭ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ସେହିପରି ଆସନ୍ତା ୧୫ ତାରିଖରେ ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁରରେ ଧାନ ସଂଗ୍ରହ କରାଯିବ। ଚଳିତ ରବି ଋତୁରେ ବାଲେଶ୍ୱର ଜିଲ୍ଲାରେ ୩୮, ୧୧୩ ଚାଷୀ ପଞ୍ଜିକରଣ କରିଥିବା ବେଳେ କଟକ ଜିଲ୍ଲାରେ ୩୫୧୮ ଜଣ, ପୁରୀରେ ୨୨,୨୩୬ ଜଣ ଓ ସମ୍ବଲପୁର ଜିଲ୍ଲାରେ ୧୯,୧୧୩ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଏହି ସବୁ ଜିଲ୍ଲାର ଚାଷୀମାନଙ୍କୁ ଯାଞ୍ଚ ପ୍ରକ୍ରିୟା ପରେ ଆଜି ଟୋକନ ପ୍ରଦାନ କରାଯିବ। ପ୍ରତ୍ୟେକ ମଣ୍ଡିରେ ଚାଷୀ ମାନଙ୍କ ସୁବିଧା ପାଇଁ ଆବଶ୍ୟକୀୟ ନୋଡାଲ ଅଧିକାରୀ ଏବଂ ସୁପରଭାଇଜର ନିଯୁକ୍ତ କରାଯାଇଛି।

ସବୁ ମଣ୍ଡିରେ ଚାଷୀମାନେ ଧାନ ବିକ୍ରୟ କରି ଯେପରି ଏକ ଭଲ ଅନୁଭୂତି ନେଇ ଫେରିବେ ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରତ୍ୟେକ ମଣ୍ଡିରେ ଖରାରୁ ରକ୍ଷା ପାଇବା ପାଇଁ ଅସ୍ଥାୟୀ ସେଡ୍, ପାନୀୟ ଜଳ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବାବେଳେ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ସିସିଟିଭିର ବ୍ୟବସ୍ଥା କରାଯାଇଛି। ସେହିଭଳି ଅଦିନିଆ ବର୍ଷା ଓ ଖରାକୁ ଦୃଷ୍ଟିରେ ରଖି ଧାନର ସୁରକ୍ଷା ପାଇଁ ଆବଶ୍ୟକୀୟ ପଲିଥିନ୍ ବ୍ୟବସ୍ଥା କରାଯାଇଛି। କୌଣସି ଯୋଗ୍ୟ ଚାଷୀ ଯେପରି ଧାନସଂଗ୍ରହ ପ୍ରକ୍ରିୟାରୁ ବାଦ ନପଡ଼ନ୍ତି ସେଥି ପ୍ରତି ମଧ୍ୟ ଯଥେଷ୍ଟ ଧ୍ୟାନ ରଖାଯାଉଛି। ଧାନକିଣା ପ୍ରକ୍ରିୟା ଦାୟିତ୍ୱରେ ଥିବା ଅଧିକାରୀମାନେ କର୍ତ୍ତବ୍ୟରେ ଅବହେଳା କଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଧାନକିଣାର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ଆକାଉଣ୍ଟକୁ ସର୍ବନିମ୍ନ ସହାୟକ ମୂଲ୍ୟଏବଂ ଇନ୍‌ପୁଟ ସବ୍‌ସିଡିକୁ ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାଜ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ

# ଅନ୍ୟ ରାଜ୍ୟ ପାଇଁ ଓଡ଼ିଶା ରୋଲ୍ ମଡେଲ



ଭୁବନେଶ୍ୱର, ୧୧।୫ (ସଂଚାର ବ୍ୟୁରୋ) : ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ)ର ସଫଳ କାର୍ଯ୍ୟାନ୍ୱୟନ ଏବଂ ଗ୍ରାମୀଣ ସଂଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ଓଡ଼ିଶାକୁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି। ମଧ୍ୟପ୍ରଦେଶର ସିହୋରଠାରେ ମେ ୧୦ ତାରିଖରେ ଆୟୋଜିତ ପିଏମଜିଏସୱାଇର ୨୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ସର୍ବାଧିକ ବସବାସ କ୍ଷେତ୍ରକୁ ସଡ଼କ ସଂଯୋଗ ପ୍ରଦାନ କରିଥିବା ରାଜ୍ୟମାନଙ୍କ ବର୍ଗରେ ଓଡ଼ିଶା ୧୬,୯୯୦ଟି ଜନବସତିକୁ ସଂଯୋଗ ପ୍ରଦାନ କରି ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଉତ୍ତର-ପୂର୍ବ ରାଜ୍ୟ, କେନ୍ଦ୍ରାଶାସିତ ଅଂଚଳ ଏବଂ ପାହାଡ଼ିଆ ଅଞ୍ଚଳ ବର୍ଗରେ ମଧ୍ୟ ରାଜ୍ୟର ପାହାଡିଆ ଅଞ୍ଚଳରେ ଥିବା ୨,୧୩୨ ଗୋଟି ଜନବସତିକୁ ସଡ଼କ ସଂଯୋଗୀକରଣ କରି ଜାତୀୟସ୍ତରରେ ତୃତୀୟ ସ୍ଥାନ ହାସଲ କରିଛି।

ଜାତୀୟ କାର୍ଯ୍ୟକ୍ରମର ଅଂଶ ଭାବରେ ଆୟୋଜିତ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା ମଡେଲ ପ୍ରଦର୍ଶନୀ ସମୟରେ ଓଡ଼ିଶାର 'ବନ୍ଧାରା ମଡେଲ' ପ୍ରଦର୍ଶିତ ହୋଇଛି। ଗ୍ରାମୀଣ ସଂଯୋଗ ଓ ଜଳ ନିରାପତ୍ତାକୁ ସମନ୍ୱୟ କରିଥିବା ଏହି ଆଡ଼ିବନ୍ଧ ଯୁକ୍ତ ସେତୁ ମଡେଲ ଓଡ଼ିଶାର ଏକ ସଫଳ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ଭାବେ ପରିଚିତ ହୋଇଛି। ଋତୁକାଳୀନ ନଦୀଗୁଡ଼ିକରେ ଜଳ ଅଭାବ ସମସ୍ୟାକୁ ଦୂର କରିବା ପାଇଁ ଏଥିରେ ଆଡ଼ିବନ୍ଧ ବ୍ୟବସ୍ଥା ମାଧ୍ୟମରେ ଜଳ ପ୍ରବାହକୁ ନିୟନ୍ତ୍ରଣ କରାଯାଇ ଭୂତଳ ଜଳ ସଂରକ୍ଷଣରେ ସହାୟତା କରାଯାଉଛି। ଏହା ଫଳରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଓ ଜଳସେଚନ ପାଇଁ ଜଳ ଉପଲବ୍ଧତା ସୁନିଶ୍ଚିତ ହେଉଛି।

# ସୌମ୍ୟ ହତ୍ୟା ମାମଲାରେ କଂଗ୍ରେସର ଆନ୍ଦୋଳନ



ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରି ଆଜି କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହୋଇଛି। ଦଳ ପକ୍ଷରୁ କମିଶନରେଟ୍ ପୁଲିସ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପୁଲିସ ଉପରକୁ କଂଗ୍ରେସ କର୍ମୀମାନେ ଟମାଟୋ ମାଡ଼ କରିଛନ୍ତି। ଫଳତଃ ଏହାକୁ ନେଇ ସିପି ଅଫିସ ବାହାରେ ଖଣ୍ଡଯୁଦ୍ଧ ହୋଇଛି। ଏଥିରେ ପୁଲିସ ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଛନ୍ତି।

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ। ଗୋଟିଏ ସପ୍ତାହରେ କଣାସ-ବାଲିଅନ୍ତା-ବାଲିପାଟଣାରେ ୩ଟି ଭିଡ଼ହତ୍ୟା ବା ମବ୍-ଲିଂଚିଂ ଘଟିଛି। ଯାହା ପ୍ରମାଣ କରୁଛି ଯେ ଲୋକେ ନିଜ ହାତକୁ ଶାସନ ବ୍ୟବସ୍ଥାକୁ ନେଇସାରିଲେଣି। ସର୍ବସମ୍ମୁଖରେ ବାରମ୍ବାର ମଧ୍ୟଯୁଗୀୟ ବର୍ବରତା ଘଟିଚାଲିଥିଲେ ମଧ୍ୟ ସରକାର ମୁଖ୍ୟ କଠୋର କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟରେ ଅରାଜକତାକୁ ରୋକିବାରେ ନିଜ ବିଫଳତାର ଆତ୍ମସମୀକ୍ଷା କରନ୍ତୁ ବୋଲି ଭକ୍ତ କହିଛନ୍ତି। ସେହିପରି ପୁଲିସର ସ୍ଥାଣୁତାକୁ ନେଇ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୁଲିସ କମିଶନରେଟ ଘେରାଉ କରାଯାଇଥିଲା।

### ● ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

## ପ୍ରତିବାଦ ପାଇଁ ସିପିଆଇ(ଏମ୍)ର ଆହ୍ୱାନ



ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ବିଗତ କିଛି ସପ୍ତାହ ଧରି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଘଟୁଥିବା ହତ୍ୟା, ଭିଡ଼ ହିଂସା, ମହିଳାଙ୍କ ନିର୍ମମ ହିଂସା ଓ ମାଫିଆଙ୍କ ଆତଙ୍କ ଆଦି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ବିଭ୍ରାନ୍ତ କରିଛି। ରାଜ୍ୟରେ ଭିଡ଼ ହିଂସା ଦ୍ୱାରା ନିଜେ ନ୍ୟାୟ କରିବାର ଭୟଙ୍କର ପ୍ରବୃତ୍ତି ବଢ଼ୁଥିବାର ସୂଚନା ଦେଉଛି। ସାଧାରଣ ଲୋକ, ବିଶେଷକରି ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଗଞ୍ଜାମ ଜିଲ୍ଲାରେ ଗର୍ଭବତୀଙ୍କୁ ନିର୍ମମ ଭାବେ ଖରିଡ଼ା ଗାଁ ଦାଣ୍ଡରେ ହତ୍ୟା କରାଯାଇଥିବା ଘଟଣା ସମଗ୍ର ସମାଜକୁ ସ୍ତବ୍ଧ କରିଦେଇଛି। ସେହିପରି କଣାସ ଥାନା ନିକଟରେ ଜଣେ ଯୁବକଙ୍କୁ ଆକ୍ରମଣ କରାଯିବା, ବାଲିଅନ୍ତା ଭିଡ଼ ହିଂସା ସହ ଖଣି, ବାଲି ଓ ପଥର ଚୋରି ରୋକିବାରେ ସରକାର ବିଫଳ ହୋଇଛନ୍ତି। ତେଣୁ ଏହା ବିରୋଧରେ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ କରିବାକୁ ସମସ୍ତ କମିଟିକୁ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ଆହ୍ୱାନ ଦେଇଛି।

### ■ ସୁନାଥରରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟଣା

## ଦୁଇ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର



ପୁରୁଷୋତ୍ତମପୁର, ୧୧।୫ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ସୁନାଥର ଗ୍ରାମରେ ରବିବାର ସନ୍ଧ୍ୟାରେ ରୋଷେଇ ପାଇଁ ଗ୍ୟାସ୍ ଲଗାଇବା ବେଳେ ହଠାତ୍ ସିଲିଣ୍ଡରଟି ବିସ୍ଫୋରଣ ହୋଇ ଘରର ଟିଣ ଉଡ଼ିଯିବା ସହ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଦୁଇ ମହିଳା ଦୁଇ ଶିଶୁଙ୍କ ସମେତ ୬ ଜଣ ଆହତ ହୋଇଥିଲେ। ଆହତମାନେ ହେଲେ ଶୋଭା ନାହାକ (୬୫) ପ୍ରସନ୍ନ ନାହାକ (୩୫), କୀର୍ତ୍ତନ ନାହାକ (୭୦), ପାଣ୍ଡା ନାହାକ (୪) ଓ ଖୁସି ନାହାକ (୧.୫ ବର୍ଷ)। ସମସ୍ତ ଆହତଙ୍କୁ ଚିକିତ୍ସା ଲାଗି ପ୍ରଥମେ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଖବରପାଇ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା ବ୍ରହ୍ମପୁର ବଡ଼ ମେଡିକାଲକୁ ଯାଇ ରାତି ତମାମ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହି ଆହତଙ୍କ ଚିକିତ୍ସାର ତଦାରଖ କରିବା ସହ ରେଡକ୍ରସରୁ ୪୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଚିକିତ୍ସା ସମୟରେ ଶୋଭା ଓ ପ୍ରସନ୍ନଙ୍କ ଅବସ୍ଥା ଗୁରୁତର ହେବାରୁ ସଙ୍ଗେ ସଙ୍ଗେ ରାତିରେ ହିଁ ପ୍ରଶାସନ ପକ୍ଷରୁ ଦୁଇ ଜଣଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ଆହତଙ୍କ ଚିକିତ୍ସା ଉପରେ ପ୍ରଶାସନ ସମ୍ପୂର୍ଣ୍ଣ ନଜର ରଖିଥିବା ତହସିଲଦାର ବିନୋଦ କୁମାର ବେହେରା କହିଛନ୍ତି। ସୂଚନାଯୋଗ୍ୟ ଯେ କୀର୍ତ୍ତନଙ୍କ ଘରେ ରୋଷେଇ ପାଇଁ ଥିବା ଗ୍ୟାସ୍‌ଟିକୁ ଲଗାଇ ଦେବା ଲାଗି ସେହି ଗ୍ରାମର ସମ୍ପର୍କୀୟ ପ୍ରସନ୍ନଙ୍କୁ ଡାକିଥିଲେ। ସେ ଗ୍ୟାସ୍ ଲଗାଇବାବେଳେ ତାହା ହଠାତ୍ ଫାଟିଯାଇ ଘରସାରା ଜଳିଉଠିଥିଲା। ଏଥିରେ ସମସ୍ତେ ପୋଡ଼ିଯାଇ ଆହତ ହୋଇଥିଲେ।

## ମୋବାଇଲ ଟାୱାର ଉପରେ ଚଢ଼ିଗଲେ ଯୁବକ



କଲ୍ୟାଣସିଂହପୁର, ୧୧।୫(ସଂଚାର ବ୍ୟୁରୋ): ମୋବାଇଲ ଟାୱାର ଉପରେ ଚଢ଼ି ମଦ୍ୟପ ଯୁବକ ଘଟାଇଛନ୍ତି ଉନ୍ମତ୍ତ କାଣ୍ଡ। ଏଭଳି ଘଟଣା ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସହରରେ ଘଟିଛି। ନିଶାସକ୍ତ ଅବସ୍ଥାରେ ଜଣେ ଯୁବକ ମୋବାଇଲ ଟାୱାର ଉପରକୁ ଚଢ଼ି ଆତ୍ମହତ୍ୟା ଧମକ ଦେବାରୁ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ପୁଲିସ ଓ ଅଗ୍ନିଶମ ବାହିନୀର ଉଦ୍ୟମରେ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ତ୍ରିଲୋଚନ କାଶୀଙ୍କୁ କଲ୍ୟାଣସିଂହପୁର ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ଘଟଣାଟିକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

### ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲାଟ୍ ପେପର ଜାରି ପ୍ରସଙ୍ଗ

## ସିଇଓଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ



ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ଗତ ରାଜ୍ୟସଭା ନିର୍ବାଚନ ସମୟରେ ବିଜେପିର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅନୈତିକ ଭାବେ ଦ୍ୱିତୀୟ ବାଲାଟ ପେପର ଜାରି କରିଥିଲେ ନିର୍ବାଚନ ଅଧିକାରୀ, ଯାହା ନିର୍ବାଚନର ନୀତିବିରୋଧୀ। ତେଣୁ ବିଜେଡି ଏହାକୁ ବିରୋଧ କରି ଗତ ୨୮ ତାରିଖରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରସ୍ଥ ହୋଇଥିଲା। ଗତ ୨୯ରେ ଇସିଆଇ ରାଜ୍ୟ ନିର୍ବାଚନ କମିଶନରଙ୍କୁ ବିଜେଡି ସହ ଏହି ପ୍ରସଙ୍ଗରେ ଆଲୋଚନା କରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କ୍ରମେ ରାଜ୍ୟ ନିର୍ବାଚନ କମିଶନରଙ୍କ ସମୟାନୁସାରେ ଆଜି ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲାଟ ପେପର ବ୍ୟବହାରକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନକୁ ଭେଟିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ ଦେବ, ବିଧାୟକ ଡ ଅରୁଣ କୁମାର ସାହୁ, ସାଂସଦ ଡ ସସ୍ମିତ ପାତ୍ର, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ ଲେନିନ ମହାନ୍ତି ଓ ଡ ପ୍ରିୟବ୍ରତ ମାଝୀ ସାମିଲ ଥିଲେ।

ଏହି ଅବସରରେ ଡ. ସାହୁ କହିଥିଲେ ଯେ ରାଜ୍ୟ ନିର୍ବାଚନ କମିଶନର ବିଜେଡିର ଅଭିଯୋଗକୁ ବିଚାର କରିବା ପାଇଁ ନିଜର ଅସାମର୍ଥ୍ୟ ପ୍ରକାଶ କଲେ। ଏହା ଦୁଃଖ ଓ ଦୁର୍ଭାଗ୍ୟର ବିଷୟ। ରାଜ୍ୟ ନିର୍ବାଚନ କମିଶନ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ ଭୋଟ ଦେବା ସମୟରେ ବ୍ୟବହାର ହେଉଥିବା କଲମରୁ ଅତ୍ୟଧିକ କାଳି ବୋହିଗଲା। ତେବେ ଉକ୍ତ କଲମକୁ ଅନ୍ୟ ବିଧାୟକମାନେ ଭୋଟ ଦେବା ବେଳେ ବ୍ୟବହାର କରିଥିଲେ ହେଁ ସେତେବେଳେ ସେଥିରୁ କାଳି ବୋହିନଥିଲା। କିନ୍ତୁ ବିଧାୟିକା ଉପାସନା ମହାପାତ୍ର ଭୋଟ ପାଇଁ ବ୍ୟବହାର କରିବା ସମୟରେ ସେଥିରୁ କିପରି କାଳି ବୋହିଲା? ତେଣୁ ବିଧାୟିକାଙ୍କ ଭୋଟ ନାକଚ ହୋଇଥିଲା ବୋଲି ଏଥିରୁ ସ୍ପଷ୍ଟ ହେଉଛି। ଏହାକୁ ବିଜେଡି ଏଜେଣ୍ଟ ବିରୋଧ କରି ଅଭିଯୋଗ କରିଥିଲେ ହେଁ ନିର୍ବାଚନ କମିଶନର ଶାସକ ବିଜେପିର ପ୍ରରୋଚନାରେ ଦ୍ୱିତୀୟ ବାଲାଟ ପ୍ରଦାନ କରିଥିଲେ। ଯାହା ନିୟମର ଖୋଲାଖୋଲି ଉଲ୍ଲଙ୍ଘନ ବୋଲି ଡ. ସାହୁ କହିଛନ୍ତି।

### ■ ପରିବହନ ବିଭାଗର ଫାଇନ ଆଦାୟ ପ୍ରସଙ୍ଗ

# ଓଡ଼ିଶାବାସୀଙ୍କୁ ଶୋଷଣ କରୁଛନ୍ତି ସରକାର



ଭୁବନେଶ୍ୱର, ୧୧।୫ (ସଂଚାର ବ୍ୟୁରୋ): ରାଜ୍ୟରେ ଦିନକୁ ଦିନ ବଢ଼ୁଛି ସଡ଼କ ଦୁର୍ଘଟଣା। ରାଜଧାନୀ ଭୁବନେଶ୍ୱର ସଡ଼କ ଦୁର୍ଘଟଣାର ପେଣ୍ଠସ୍ଥଳୀ ପାଲଟିଥିବାବେଳେ ପରିବହନ ବିଭାଗ ଦୁର୍ଘଟଣା ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା କହିଛି ବିଜୁ ଜନତା ଦଳ। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ ପରିବହନ ବିଭାଗର ଅପାରଗତା କାରଣରୁ ସଡ଼କ ଦୁର୍ଘଟଣା ଘଟୁଛି। ସାଧାରଣ ଜନତାଙ୍କ ସୁରକ୍ଷାକୁ ବେଖାତିର କରି ପରିବହନ ବିଭାଗ ଲୋକଙ୍କଠାରୁ ଫାଇନ ଆଦାୟରେ ବ୍ୟସ୍ତ ରହୁଛି। ରାଜ୍ୟରେ ଚାଲୁଥିବା ସମସ୍ତ ଗାଡ଼ି ଓ ସାଧାରଣ ଜନତା ଭୁଲ୍ କରନ୍ତୁ ବା ନ କରନ୍ତୁ, ତାକୁ ତର୍ଜମା ନ କରି ଫାଇନ ଆଦାୟରେ ମାତିଛି ପରିବହନ ବିଭାଗ। ପରିବହନ କମିଶନର ତଥା ଅଧ୍ୟକ୍ଷ, ରାଜ୍ୟ ପରିବହନ ପ୍ରାଧିକରଣ ରାଜ୍ୟର ଆରଟିଓଙ୍କ ପାଇଁ ଏକ ନିର୍ଦ୍ଦେଶାନାମା ଜାରି କରି ଅର୍ଥ ଆଦାୟ ପାଇଁ ଟାର୍ଗେଟ ଦେଇଛନ୍ତି। ସେଥିପାଇଁ ଲୋକଙ୍କଠାରୁ ମୋଟା ଅଙ୍କର ଫାଇନ ଆଦାୟ କରାଯାଉଛି। ରାତି ୧୦ଟା ପୂର୍ବରୁ ସହରରେ ଭାରୀଯାନ ପ୍ରବେଶ ଉପରେ ରୋକ ଲାଗିଥିଲେ ମଧ୍ୟ ପୁଲିସ୍‌କୁ ହାତଗୁଞ୍ଜା ଦେଇ ସନ୍ଧ୍ୟା ସମୟରେ ଏପରି ଯାନ ପ୍ରବେଶ କରୁଛନ୍ତି, ଯାହାର ଜ୍ୱଳନ୍ତ ପ୍ରମାଣ ବରମୁଣ୍ଡା ଓଭରବ୍ରିଜ୍‌ରେ ଏକ ହାଇୱା ଧକ୍କାରେ ୩ ଜଣ ନିରୀହ ପିଲାଙ୍କ ଜୀବନ ଯିବା। ଫାଇନ ଆଦାୟ ନାଁରେ ସରକାର ସାଧାରଣ ଜନତାଙ୍କଠାରୁ ଜିଜିଆ କର ଆଦାୟ ବନ୍ଦ ନ କଲେ, ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଭକ୍ତଙ୍କ ଗଡ଼ରେ ମୋକିମ୍‌ଙ୍କ ସମାବେଶ



### ଭବାନୀପାଟଣାରେ କଂଗ୍ରେସର ବନ୍ଦ ଡାକରା

ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ଭକ୍ତଙ୍କ ଗଡ଼ରେ ମୋକିମ୍‌ଙ୍କ ରଣହୁଙ୍କାର। ଆଜି କଳାହାଣ୍ଡି ଭବାନୀପାଟଣାର କ୍ରିଷ୍ଣା ନଗରଠାରେ ଓଡିଶା ଜନତା କଂଗ୍ରେସର ଏକ ଜନସମାବେଶ ଅନୁଷ୍ଠିତ ହେବ। ପିସିସି ମୁଖ୍ୟ ଭକ୍ତ ଚରଣ ଦାସଙ୍କ ଗଡ଼ରେ ଜନତା କଂଗ୍ରେସ ସଭାପତି ମୋକିମ ପ୍ରଥମ ଦଳୀୟ ସମାବେଶ କରୁଛନ୍ତି। ଏଥିପାଇଁ ସହର ସାରା ଜନତା କଂଗ୍ରେସର ପୋଷ୍ଟର ଓ ବ୍ୟାନର ଛାଇଯାଇଛି। ଭକ୍ତଙ୍କ ଗଡ଼ରେ କାର୍ଯ୍ୟକ୍ରମ ହେଉଥିବାରୁ ମୋକିମଙ୍କ ପାଇଁ ଏହି କାର୍ଯ୍ୟକ୍ରମକୁ ପ୍ରଭାବୀ ଢଙ୍ଗରେ କରିବା ବଡ଼ ଚ୍ୟାଲେଞ୍ଜ ହୋଇଛି। ତେଣୁ ଆଜିର ସମାବେଶରେ ବିଜେଡି ଓ କଂଗ୍ରେସର କେତେକ ସ୍ଥାନୀୟ ନେତା ଜନତା କଂଗ୍ରେସରେ ସାମିଲ ହୋଇଛନ୍ତି।

ଏପଟେ ଭବାନୀପାଟଣା ସଦର ବ୍ଲକ୍ ଗ୍ରାମାଞ୍ଚଳରେ ତୁର୍କେଲ ବ୍ରିଜ ପ୍ରସଙ୍ଗକୁ ନେଇ କଂଗ୍ରେସ ଭବାନୀପାଟଣା ବ୍ଲକ ବନ୍ଦ ପାଇଁ ଡାକରା ଦେଇଛି। ସେତୁ ନିର୍ମାଣ ପାଇଁ ଆଜିକୁ ୧୫ ଦିନ ହେଲା ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଛି କଂଗ୍ରେସ । ସରକାର ଦାବି ଶୁଣୁ ନ ଥିବାରୁ ବନ୍ଦ ଡାକରା ଦିଆଯାଇଛି । ଗୋଟିଏ ପଟେ ଭବାନୀପାଟଣାଠାରେ ଓଡ଼ିଶା ଜନତା କଂଗ୍ରେସର ସମାବେଶ। ଅନ୍ୟପକ୍ଷରେ ଓଡ଼ିଶା ଜନତା କଂଗ୍ରେସର ସମାବେଶ। ଏହାକୁ ନେଇ ରାଜନୀତି ସରଗରମ ହୋଇଛି।

# ବିଏଡ୍ ପାଠ୍ୟକ୍ରମ, ୧୫୦୦ ଆସନ ବଢ଼ିବ



ଭୁବନେଶ୍ୱର,୧୧।୫: ବିଏଡ୍ ପାଠ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଉଥିବା ବେଳେ ଚଳିତ ଶିକ୍ଷା ବର୍ଷରୁ ରାଜ୍ୟରେ ବିଏଡ୍ ପାଠ୍ୟକ୍ରମରେ ଆଉ ୧୫୦୦ ଆସନ ବୃଦ୍ଧି ପାଇବ। ଅବଶ୍ୟ ଏହି ସମସ୍ତ ଆସନ ୧୫ଟି ଶିକ୍ଷାନୁଷ୍ଠାନରେ ଖୋଲାଯିବ ଓ ପ୍ରତ୍ୟେକରେ ୧୦୦ଟି କରି ଆସନ ରହିଛି।

ରାଜ୍ୟରେ ଏବେ ବିଏଡ୍ ପାଠ୍ୟକ୍ରମ ପାଇଁ ଓଡିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଅଧିନରେ ୧୬ଟି ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ରହିଛି। ଏଗୁଡ଼ିକରେ ୧୭୦୦ ଜଣ ଛାତ୍ରଛାତ୍ରୀ ୨ବର୍ଷିଆ ବିଏଡ୍ ପାଠ୍ୟକ୍ରମରେ ନାମ ଲେଖାଇପାରୁଛନ୍ତି। ଏଥିସହ ୧୫ଟି ସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକରେ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ଜରିଆରେ ବିଏଡ୍ ଶିକ୍ଷାଦାନର ବ୍ୟବସ୍ଥା ରହିଛି। ଏହି ୧୫ଟି ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପାଇଁ ୭୫୦ଟି ଆସନ ରହିଥିବା ବେଳେ ଏଠାରେ ମଧ୍ୟ ଛାତ୍ରଛାତ୍ରୀମାନେ ୨ବର୍ଷିଆ ବିଏଡ୍ ପାଠ୍ୟକ୍ରମ ପଢ଼ିପାରୁଛନ୍ତି।

ତେବେ ଚଳି ଶିକ୍ଷା ବର୍ଷଠାରୁ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଏନସିଟିଇର ଅନୁମୋଦନ କ୍ରମେ ୧୫ଟି ଶିକ୍ଷାନୁଷ୍ଠାନରେ ୧୫୦୦ ଆସନରେ ସମନ୍ୱିତ ଶିକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ତେବେ ଏହି ଏହିସବୁ ଆସନରେ ଛାତ୍ରଛାତ୍ରୀମାନଙ୍କୁ କେତେ ପରିମାଣର ଫି' ଦେବାକୁ ପଡ଼ିବ, ତା'ର ସୂଚନା ହସ୍ତଗତ ହୋଇନାହିଁ।

ଉଲ୍ଲେଖନୀୟ ଯେ ସରକାରୀ ବିଏଡ୍ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ଦୁଇ ବର୍ଷର ପାଠପଢ଼ା ପାଇଁ ଅତି ବେଶୀରେ ୧୦ ହଜାର ଟଙ୍କା ଫି' ଆକାରରେ ଦେବାକୁ ପଡୁଥିବା ବେଳେ ସେଲ୍ଫ ଫାଇନାନ୍ସି ପାଠ୍ୟକ୍ରମ ପାଇଁ ଏହା ୯୦ ହଜାର ଟଙ୍କା ପଡୁଛି। ଏହା ସତ୍ତ୍ୱେ ବି ଛାତ୍ରଛାତ୍ରୀମାନେ ଅଧିକରୁ ଅଧିକ ସଂଖ୍ୟାରେ ବିଏଡ୍ ପାଠ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ଦେଉଛନ୍ତି।

ଗତ ଶିକ୍ଷା ବର୍ଷରେ ବିଏଡ୍ ପରୀକ୍ଷାରେ ବ୍ୟାପକ ବିଭ୍ରାଟ ହୋଇଥିବା ବେଳେ ଏହାର ଯାଞ୍ଚ ପାଇଁ ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। କମିଟି ତଦନ୍ତ କରି ତା'ର ରିପୋର୍ଟ ଦେଇଥିଲା ଓ ପରୀକ୍ଷାଫଳ ପୁନଃପ୍ରକାଶିତ ହୋଇଥିଲା। ହେଲେ ଏହି ରିପୋର୍ଟ ଆଧାରରେ କାହା ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ତାହା ବିଏଡ୍ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ କିମ୍ବା ଅଭିଭାବକ କେହି ହେଲେ କିଛି ଜାଣିପାରିଲେ ନାହିଁ। ପରୀକ୍ଷାଫଳ ପ୍ରକାଶନରେ ବ୍ୟାପକ ଅର୍ଥ କାରବାରର ଭଳି ଗୁରୁତର ଅଭିଯୋଗ ଆସିଥିଲା।

ସବୁଠାରୁ ବଡ଼ କଥା ହେଲା, ବିଏଡ୍ ପ୍ରବେଶିକା ପରୀକ୍ଷାଫଳ ପ୍ରକାଶ ପାଇବା ସମୟରେ ସର୍ବୋଚ୍ଚ କେତେକ ପ୍ରତିଶତ ନମ୍ବର ରଖି ଛାତ୍ରଛାତ୍ରୀମାନେ ଉତ୍ତୀର୍ଣ୍ଣର୍ ହେଉଛନ୍ତି ଓ କେଉଁ ବିଏଡ୍ ଶିକ୍ଷାନୁଷ୍ଠାନରେ କେତେ ପ୍ରତିଶତ କଟ୍ ଅଫ୍ ମାର୍କ ଯାଉଛି, ତାହା ଅନଲାଇନ୍ ଜରିଆରେ ସାର୍ବଜନୀନ କରାଯାଉନାହିଁ। ତେଣୁ ଯୁକ୍ତ ଦୁଇ ଓ ତିନି ଶ୍ରେଣୀରେ ଫଳ ପ୍ରକାଶ ଓ ନାମଲେଖା ସମୟରେ ଯେଭଳି ସ୍ୱଚ୍ଛତା ବଜାୟ ରହୁଛି ବିଏଡ୍ ପରୀକ୍ଷାଫଳ ପ୍ରକାଶ ଓ ନାମଲେଖା କ୍ଷେତ୍ରରେ ତାହା ହେଉନାହିଁ। ଚଳିତ ବର୍ଷ ଶିକ୍ଷା ବର୍ଷ ପାଇଁ ମେ' ୩୦ ତାରିଖରେ ବିଏଡ୍ ପ୍ରବେଶିକା ପରୀକ୍ଷା ହେବାକୁ ଯାଉଥିବା ବେଳେ ଚଳିତବର୍ଷ ଯେଭଳି ପରୀକ୍ଷା ଆୟୋଜନ ଓ ଫଳ ପ୍ରକାଶନରେ ସ୍ୱଚ୍ଛତା ବଜାୟ ରହେ, ତା' ଉପରେ ଗୁରୁତ୍ୱ ଦେବାକୁ ଅଭିଭାବକମାନେ ମତ ଦେଉଛନ୍ତି। (ତଥ୍ୟ)

# ଛତୁଚାଷରେ ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ବେଦାନ୍ତ




ଭୁବନେଶ୍ୱର, ୧୧।୫ (ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ୭୬ ଜଣ ମହିଳାଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଛତୁଚାଷର ତାଲିମ ଦେଇ ସଫଳ ହୋଇଛି। ଏହା ଜରିଆରେ ସମ୍ପୃକ୍ତ ଅଞ୍ଚଳର ମହିଳାଙ୍କ ପାଇଁ ଜୀବିକାର ନୂଆ ରାସ୍ତା ସୃଷ୍ଟି ହୋଇଛି।

ବେଦାନ୍ତ ଦ୍ୱାରା ଆରମ୍ଭ କରାଯାଇଥିବା ପାଇଲଟ୍ ପ୍ରକଳ୍ପଟି ଡୁମେରପଦର ଏବଂ ପୋରଲଙ୍ଗ ଗ୍ରାମରେ କାର୍ଯ୍ୟକାରୀ କରାଯାଇଛି। ଅଂଶଗ୍ରହଣକାରୀମାନେ ବିଛଣା ପ୍ରସ୍ତୁତି, ବିହନ, ବ୍ୟାଗ ପୂରଣ ଏବଂ ବୈଜ୍ଞାନିକ ଚାଷ କୌଶଳର ତାଲିମ ନେଇଛନ୍ତି। ସେମାନଙ୍କୁ ଚୁନା, ବେସନ, ଛତୁ ବିହନ ଏବଂ ଚାଷ ବ୍ୟାଗ ସମେତ ଆବଶ୍ୟକୀୟ ଇନପୁଟ୍ ସହିତ ସହାୟତା ଦିଆଯାଇଛି। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଚାଷ ଆରମ୍ଭ କରିବା ପାଇଁ ଦୁଇଟି ଛତୁ ବେଡ୍ ପ୍ରଦାନ କରାଯାଇଥିଲା। ପ୍ରତି ଶଯ୍ୟା ପିଛା ୧ରୁ ୧.୨ କିଲୋଗ୍ରାମ ଛତୁ ଉତ୍ପାଦନ କରାଯାଇଛି। ଏହାର ଇନପୁଟ୍ ଖର୍ଚ୍ଚ ଶଯ୍ୟାପ୍ରତି ୨୫ ଟଙ୍କା ଏବଂ ହାରାହାରି ବଜାର ମୂଲ୍ୟ କିଲୋଗ୍ରାମ ପ୍ରତି ୧୫୦ ଟଙ୍କା। ବଣ୍ଟନ କରାଯାଇଥିବା ୧୪୦ ଶଯ୍ୟା ମଧ୍ୟରୁ ପ୍ରାୟ ୧୦୦ ସକ୍ରିୟ ଉତ୍ପାଦନ ପ୍ରକ୍ରିୟାରେ ଅଛନ୍ତି। ହିତାଧିକାରୀମାନେ ହାରାହାରି ସାଇକେଲ ପ୍ରତି ୨ କିଲୋଗ୍ରାମ ଉତ୍ପାଦନ କରିବେ ବୋଲି ଆଶା କରାଯାଉଛି। ପ୍ରାରମ୍ଭିକ ଫଳାଫଳକୁ ଦେଖି କମ୍ପାନୀ ଏହାକୁ ୧୦,୦୦୦ ଶଯ୍ୟା ଓ ସମାନ ସଂଖ୍ୟକ ସ୍ପନ ପ୍ୟାକେଟକୁ ବୃଦ୍ଧି କରିବାକୁ ଯୋଜନା କରୁଛି।

ସୂଚନାଯୋଗ୍ୟ ଯେ, ବେଦାନ୍ତ ଆଲୁମିନିୟମ ସାରା ଓଡ଼ିଶାରେ ଜୀବିକା ସୃଷ୍ଟି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଝାରସୁଗୁଡ଼ାରେ ଶୁଭଲକ୍ଷ୍ମୀ ସମବାୟ କ୍ଷୁଦ୍ର ଆର୍ଥିକ ସହାୟତା, ଉଦ୍ୟୋଗ ତାଲିମ ଏବଂ ସଂରଚିତ ସଞ୍ଚୟ ମାଧ୍ୟମରେ ୪୪୦ ସ୍ୱୟଂ ସହାୟକ ଗୋଷ୍ଠୀର ୫, ୦୦୦ ରୁ ଅଧିକ ମହିଳାଙ୍କୁ ସହାୟତା କରିଛି। କଳାହାଣ୍ଡିରେ ପ୍ରକଳ୍ପ ସଖି ଅଧୀନରେ ୩, ୦୦୦ରୁ ଅଧିକ ମହିଳାଙ୍କୁ କୃଷି ଏବଂ ଅଣ-କୃଷି ଜୀବିକାରେ ନିୟୋଜିତ କରିବାକୁ ସକ୍ଷମ କରିଛି। ଏଥିସହିତ ବର୍ଷବର୍ଷ ଧରି ବେଦାନ୍ତ ଆଲୁମିନିୟମ ସାରା ଓଡ଼ିଶାରେ ୧୨, ୦୦୦ ରୁ ଅଧିକ ମହିଳାଙ୍କୁ ସଂରଚିତ ଜୀବିକା ହସ୍ତକ୍ଷେପ ମାଧ୍ୟମରେ ସକାରାତ୍ମକ ଭାବରେ ପ୍ରଭାବିତ କରିଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ମଙ୍ଗଳବାର ୧୨ ମେ ୨୦୨୬, ଭୁବନେଶ୍ୱର
Tuesday 12 May 2026, Bhubaneswar

# ପରିବାର ବନ୍ଧନର ଅବକ୍ଷୟ ଓ ଅପରାଧ

ଆଧୁନିକ ସମାଜରେ ପରିବାର ଏକ ମୂଳ ଆଧାର ଥିଲା, ଯେଉଁଥିରେ ପ୍ରେମ, ସମର୍ଥନ, ନୈତିକତା ଏବଂ ମୂଲ୍ୟବୋଧର ବିକାଶ ହୋଇଥାଏ। କିନ୍ତୁ ଆଜିର ଦ୍ରୁତଗତି ଜୀବନଶୈଳୀ, ସହରୀକରଣ, ବ୍ୟକ୍ତିବାଦ ଏବଂ ପ୍ରଯୁକ୍ତିର ଅତ୍ୟଧିକ ବ୍ୟବହାର ଫଳରେ ପରିବାର ବନ୍ଧନ କ୍ରମଶଃ ଦୁର୍ବଳ ହୋଇ ପଡୁଛି। ଏହି ଅବକ୍ଷୟ କେବଳ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରୁନାହିଁ, ବରଂ ସମଗ୍ର ସମାଜରେ ହୀନ ଅପରାଧର ବୃଦ୍ଧିର ଏକ ପ୍ରମୁଖ କାରଣ ହୋଇ ଉଠିଛି। ଏହି ପ୍ରସଙ୍ଗ ଆମ ସମସ୍ତଙ୍କ ପାଇଁ ଗଭୀର ଚିନ୍ତାର ବିଷୟ।

ପରିବାର ହେଉଛି ପ୍ରଥମ ବିଦ୍ୟାଳୟ, ଯେଉଁଠାରେ ପିଲାମାନେ ସଦ୍ଗୁଣ, ଦାୟିତ୍ୱବୋଧ ଏବଂ ସହାନୁଭୂତି ଶିଖନ୍ତି। ଯେତେବେଳେ ପରିବାରର ସଦସ୍ୟମାନେ ଏକେ ଅନ୍ୟରୁ ଦୂରେଇ ଯାଆନ୍ତି, ସେତେବେଳେ ଏହି ମୂଳ ଶିକ୍ଷା ବ୍ୟାହତ ହୋଇଯାଏ। ବର୍ତ୍ତମାନ ଯୁବପିଢ଼ୀ ମୋବାଇଲ୍, ସୋସିଆଲ୍ ମିଡିଆ ଏବଂ କର୍ମକ୍ଷେତ୍ରର ଚାପରେ ବ୍ୟସ୍ତ ରହି ପରିବାରର ସମୟ ଦେବାକୁ ଭୁଲି ଯାଉଛନ୍ତି। ବୃଦ୍ଧ ପିତାମାତା ଏକାକୀ ଅନୁଭବ କରୁଛନ୍ତି, ପିଲାମାନେ ଅଭିଭାବକଙ୍କ ତତ୍ତ୍ୱାବଧାନ ବିନା ବଢୁଛନ୍ତି। ଫଳସ୍ୱରୂପ ମାନସିକ ସ୍ୱାସ୍ଥ୍ୟର ଅବନତି, ହତାଶା ଏବଂ ଅପରାଧପ୍ରବଣତା ବଢୁଛି। ପରିବାର ବନ୍ଧନର ଅଭାବରେ ଯୁବକମାନେ ଖରାପ ସଙ୍ଗତିରେ ପଡ଼ି ନିଶା, ହିଂସା ଏବଂ ଅନ୍ୟାୟ ପଥରେ ପାଦ ଦେଉଛନ୍ତି।

ତଥ୍ୟ ଏବଂ ରିପୋର୍ଟ ଅନୁଯାୟୀ, ଦେଶରେ ହତ୍ୟା, ଧର୍ଷଣ, ଡକାୟତି ଏବଂ ପରିବାର ହିଂସା ପରି ହୀନ ଅପରାଧର ସଂଖ୍ୟା କ୍ରମାଗତ ଭାବେ ବଢୁଛି। ଅନେକ କ୍ଷେତ୍ରରେ ଦେଖାଯାଏ ଯେ ଅପରାଧୀ ବ୍ୟକ୍ତି ପରିବାରରୁ ବିଚ୍ଛିନ୍ନ ଥିଲେ ବା ତାଙ୍କର ପାଳନପୋଷଣରେ ଅଭିଭାବକୀୟ ତତ୍ତ୍ୱାବଧାନର ଅଭାବ ଥିଲା। ପରିବାର ଏକ ପ୍ରକୃତିକ ନିୟନ୍ତ୍ରଣ ବ୍ୟବସ୍ଥା ଥିଲା, ଯେଉଁଥିରେ ଭୁଲ୍ ପଥରେ ଚାଲୁଥିବା ସଦସ୍ୟକୁ ସଠିକ୍ ରାସ୍ତା ଦେଖାଯାଏ। କିନ୍ତୁ ଆଜି ଏହି ନିୟନ୍ତ୍ରଣ ହରାଇ ଯାଇଛି। ଯୁବକମାନେ ଆର୍ଥିକ ସ୍ୱାଧୀନତା ପାଇଁ ଦୂର ସହରକୁ ଯାଇ ଏକାକୀ ଜୀବନ ଯାପନ କରୁଛନ୍ତି। ସେମାନଙ୍କ ମନରେ କ୍ରୋଧ, ଈର୍ଷା ଏବଂ ଅସ୍ଥିରତା ବଢୁଛି, ଯାହା ଛୋଟ ଛୋଟ କଳିରୁ ଆରମ୍ଭ କରି ହତ୍ୟା ପର୍ଯ୍ୟନ୍ତ ପହଞ୍ଚି ଯାଉଛି। ମହିଳା ଏବଂ ଶିଶୁଙ୍କ ଉପରେ ହୋଇଥିବା ହିଂସାର ଅନେକ ଘଟଣାରେ ପରିବାର ବିଚ୍ଛେଦ ଏବଂ ଅଭାବ ଏକ ପ୍ରମୁଖ କାରଣ ଥାଏ।

ଏହି ସଙ୍କଟର ମୂଳ କାରଣ ହେଉଛି ଆମର ମୂଲ୍ୟବୋଧର ପରିବର୍ତ୍ତନ। ପୂର୍ବରୁ ଯୌଥ ପରିବାର ପ୍ରଥା ଥିଲା, ଯେଉଁଥିରେ ପୁରୁଣା ଏବଂ ନୂଆ ପିଢ଼ୀ ଏକତ୍ର ରହି ଜ୍ଞାନ ଏବଂ ଅନୁଭବ ବାଣ୍ଟି ହେଉଥିଲା। ଆଜି ପାରମ୍ପରିକ ମୂଲ୍ୟବୋଧକୁ ପଛରେ ପକାଇ ବ୍ୟକ୍ତିଗତ ସୁଖ ଏବଂ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଉଛି। ଫଳରେ ସମାଜରେ ଏକାକୀତ୍ୱର ଭାବନା ବଢୁଛି। ମାନସିକ ରୋଗ, ଆତ୍ମହତ୍ୟା ଏବଂ ଅପରାଧ ଏହି ଏକାକୀତ୍ୱର ପରିଣାମ। ପରିବାର ବନ୍ଧନ ମଜବୁତ ଥିଲେ ବ୍ୟକ୍ତି କଷ୍ଟରେ ପଡ଼ିଲେ ମଧ୍ୟ ସମର୍ଥନ ପାଏ ଏବଂ ଖରାପ ପଥ ବାଛେ ନାହିଁ।



ଏହି ପରିସ୍ଥିତିର ସମାଧାନ ପାଇଁ ଆମକୁ ସଚେତନ ହେବାକୁ ପଡ଼ିବ। ପ୍ରଥମତଃ ପରିବାରର ସଦସ୍ୟମାନେ ପରସ୍ପର ପାଇଁ ସମୟ ଦେବା ଆରମ୍ଭ କରନ୍ତୁ। ରାତିର ଭୋଜନ ସମୟରେ କଥାବାର୍ତ୍ତା, ଉତ୍ସବ ଏବଂ ପାରିବାରିକ କାର୍ଯ୍ୟକ୍ରମ ବଢ଼ାଇବା ଉଚିତ। ଶିକ୍ଷା ପ୍ରଣାଳୀରେ ନୈତିକ ଶିକ୍ଷା ଏବଂ ପରିବାର ମୂଲ୍ୟବୋଧର ଗୁରୁତ୍ୱ ଦିଆଯାଉ। ସରକାର ଏବଂ ସମାଜ ସଂଗଠନଗୁଡ଼ିକ ପାରିବାରିକ ପରାମର୍ଶ କେନ୍ଦ୍ର ଏବଂ ସଚେତନତା ଅଭିଯାନ ଚଳାଇବା ଉଚିତ। ଯୁବକମାନଙ୍କୁ କର୍ମକ୍ଷେତ୍ର ଏବଂ ପରିବାର ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଉତ୍ସାହିତ କରାଯାଉ। ପରିବାର ହେଉଛି ସମାଜର ମେରୁଦଣ୍ଡ। ଏହା ଦୁର୍ବଳ ହେଲେ ସମାଜ ଦୁର୍ବଳ ହୋଇଯାଏ। ହୀନ ଅପରାଧର ବୃଦ୍ଧି କେବଳ ଆଇନ୍ ଏବଂ ପୁଲିସ୍ ଦ୍ୱାରା ରୋକାଯିବ ନାହିଁ, ଏହାର ମୂଳ କାରଣ ପରିବାର ବନ୍ଧନର ପୁନରୁଦ୍ଧାର ଦ୍ୱାରା ହିଁ ସମାଧାନ ହୋଇପାରିବ। ଆସନ୍ତୁ, ଆମେ ସମସ୍ତେ ଏହି ଦାୟିତ୍ୱ ଗ୍ରହଣ କରି ଏକ ସୁସ୍ଥ, ନିରାପଦ ଏବଂ ମୂଲ୍ୟବାନ୍ ସମାଜ ଗଢ଼ି ତୋଳିବା। ପରିବାରକୁ ପୁନଃ ପ୍ରାଥମିକତା ଦେବା ଆମର ସବୁଠାରୁ ବଡ଼ କର୍ତ୍ତବ୍ୟ।

# ଆତ୍ମବିଶ୍ୱାସ ହେଉଛି ସଫଳତାର ମୂଳ ପାହାଚ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ବିଶ୍ୱାସ ହେଉଛି ମାନବ ଜୀବନରେ ଶକ୍ତିର ଏକ ପ୍ରଚଣ୍ଡ ଏବଂ ବିଶାଳ ଉତ୍ସ। ଏହା ଆମ ମନର ଶକ୍ତି ଯାହା ଆମକୁ ଅସମ୍ଭବକୁ ସମ୍ଭବ କରିବାର ଆତ୍ମବିଶ୍ୱାସ ଦିଏ। ବିଶ୍ୱାସ ବିନା ଜୀବନ ଦୁର୍ବଳ ଏବଂ ଅନିଶ୍ଚିତ ହୋଇଯାଏ, ଯେତେବେଳେ ବିଶ୍ୱାସ ଜଣେ ବ୍ୟକ୍ତିକୁ ସାହସର ସହିତ ଅସୁବିଧାର ସମ୍ମୁଖୀନ କରିବାକୁ ଅନୁମତି ଦିଏ। ସେହିପରି, ବିଶ୍ୱାସ ହେଉଛି ମାନବ ଜୀବନର ମୌଳିକ ମୂଳଦୁଆ। ବିଶ୍ୱାସ ଆମର ଆତ୍ମବିଶ୍ୱାସକୁ ବୃଦ୍ଧି କରେ। ଯେତେବେଳେ ଆମେ ନିଜ ଉପରେ ବିଶ୍ୱାସ କରୁ, କିଛି ଅସମ୍ଭବ ମନେହୁଏ ନାହିଁ। ଯଦି ଜଣେ ଛାତ୍ର ନିଜ କ୍ଷମତା ଉପରେ ବିଶ୍ୱାସ କରେ, ତେବେ ସେ ନିଶ୍ଚିତ ଭାବରେ ସଫଳତା ପାଇପାରିବ। ତେଣୁ, ଆତ୍ମବିଶ୍ୱାସ ହେଉଛି ସଫଳତାର ପ୍ରଥମ ପାହାଚ। ଏହା ଜଣେ ବ୍ୟକ୍ତିକୁ ନିଜ ଲକ୍ଷ୍ୟ ଉପରେ ଧ୍ୟାନ ଦେବା ପାଇଁ ଶକ୍ତି ଦିଏ। ବିଶ୍ୱାସ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ମଜବୁତ କରେ। ପରିବାର, ବନ୍ଧୁତା ଏବଂ ସମାଜ ସମସ୍ତେ ବିଶ୍ୱାସ ଉପରେ ନିର୍ଭର କରନ୍ତି। ଯଦି ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ବିଶ୍ୱାସ ନାହିଁ, ତେବେ ସେହି ସମ୍ପର୍କ ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। ବୈବାହିକ ଜୀବନରେ, ଯଦି ବିଶ୍ୱାସ ଥାଏ, ତେବେ ଜୀବନ ସୁଖୀ ହୁଏ, ନଚେତ୍ ଅସୁବିଧା ସୃଷ୍ଟି ହୁଏ। ସେହିପରି, ବିଶ୍ୱାସ ହେଉଛି ସମ୍ପର୍କର ମୂଳଦୁଆ।

ବିଶ୍ୱାସ ଆମକୁ ଆଧ୍ୟାତ୍ମିକ ଶକ୍ତି ଦିଏ। ଈଶ୍ୱରଙ୍କଠାରେ ବିଶ୍ୱାସ କରିବା ବ୍ୟକ୍ତିକୁ ଶକ୍ତି ଏବଂ ଶାନ୍ତି ଦିଏ। କଷ୍ଟକର ସମୟରେ, ଲୋକମାନେ ଈଶ୍ୱରଙ୍କୁ ସ୍ମରଣ କରି ଶାନ୍ତି ପାଆନ୍ତି। ଏହି ବିଶ୍ୱାସ ସେମାନଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ। ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଈଶ୍ୱରଙ୍କ କୃପା ସେମାନଙ୍କୁ ସୁରକ୍ଷା ଦେଉଛି; ଏହି ଚିନ୍ତାଧାରା ସେମାନଙ୍କୁ ଶକ୍ତିଶାଳୀ କରେ। ବିଶ୍ୱାସ ଜୀବନରେ ସକାରାତ୍ମକତା ଆଣିଥାଏ। ବିଶ୍ୱାସୀ ଲୋକମାନେ ସର୍ବଦା ସକାରାତ୍ମକ ଚିନ୍ତା କରନ୍ତି। ସେମାନେ ବିଫଳତାକୁ ଶେଷ ଭାବରେ ଦେଖନ୍ତି ନାହିଁ, ବରଂ ଏହାକୁ ଏକ ଶିକ୍ଷା ଭାବରେ ଗ୍ରହଣ କରନ୍ତି। ଏପରି ମନୋଭାବ ସେମାନଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରେ। ବିଶ୍ୱାସ ସହିତ, ଜଣେ ବ୍ୟକ୍ତି ଅନ୍ଧାରରେ ମଧ୍ୟ ଆଲୋକ ଦେଖିପାରିବ। ବିଶ୍ୱାସ ଆମକୁ ଭୟ ଏବଂ ଆତଙ୍କରୁ ମୁକ୍ତ କରେ। ଯେତେବେଳେ ଆମେ ପଦକ୍ଷେପ ନେବାକୁ ଯାଉ, ଭୟ ଆମକୁ ରୋକିଥାଏ। କିନ୍ତୁ ବିଶ୍ୱାସ ସହିତ, ଆମେ ସେହି ଭୟକୁ ଦୂର କରିପାରିବା। ଜଣେ ସୈନିକ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ସହିତ ଯୁଦ୍ଧଭୂମିରେ ନିଜ ଦେଶ ପାଇଁ ଲଢ଼େ। ଏହି ବିଶ୍ୱାସ ତାକୁ ସାହସୀ କରିଥାଏ।

ଅନ୍ଧବିଶ୍ୱାସ ବିଶ୍ୱାସର ଏକ ବିକୃତ ରୂପ। ଅନ୍ଧବିଶ୍ୱାସ ଲୋକଙ୍କୁ ବିପଥଗାମୀ କରିଥାଏ। ଏହା ବୈଜ୍ଞାନିକ ଚିନ୍ତାଧାରାକୁ ବାଧା ଦିଏ ଏବଂ ସମାଜରେ ଅନେକ ଭୁଲ ଧାରଣା ସୃଷ୍ଟି କରେ। ତେଣୁ, ବିଶ୍ୱାସ ବିବେକ ଏବଂ ଜ୍ଞାନ ସହିତ ରହିବା ଉଚିତ। ପ୍ରକୃତ ବିଶ୍ୱାସ ହେଉଛି ତର୍କ ଏବଂ ସତ୍ୟ ଉପରେ ଆଧାରିତ। ଇତିହାସରେ ଅନେକ ଉଦାହରଣ ଅଛି ଯେଉଁଠାରେ ବିଶ୍ୱାସ ମହାନ ଜିନିଷ ହାସଲ କରିଛି। ଅନେକ ବୈଜ୍ଞାନିକ, ସମାଜସେବୀ ଏବଂ ନେତା ସେମାନଙ୍କ ଲକ୍ଷ୍ୟରେ ସେମାନଙ୍କର ଅଟଳ ବିଶ୍ୱାସ ମାଧ୍ୟମରେ ସଫଳତା ହାସଲ କରିଛନ୍ତି। ଅନେକ ଅସୁବିଧା ସତ୍ତ୍ୱେ, ସେମାନେ ସେମାନଙ୍କର ଲକ୍ଷ୍ୟ ପରିତ୍ୟାଗ କରିନଥିଲେ କାରଣ ସେମାନଙ୍କର ବିଶ୍ୱାସ ଦୃଢ଼ ଥିଲା। ଶିକ୍ଷାରେ ବିଶ୍ୱାସ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ଶିକ୍ଷକ ତାଙ୍କ ଛାତ୍ରଙ୍କୁ ବିଶ୍ୱାସ କରନ୍ତି, ତେବେ ଛାତ୍ରମାନେ ଉନ୍ନତି କରନ୍ତି। ସେହିପରି, ଯଦି ଛାତ୍ରମାନେ ସେମାନଙ୍କ ଶିକ୍ଷକଙ୍କୁ ବିଶ୍ୱାସ କରନ୍ତି, ତେବେ ଶିକ୍ଷଣ ଉନ୍ନତ ହୁଏ। ଏହି ପାରସ୍ପରିକ ବିଶ୍ୱାସ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରେ। ଆଜିର ସମାଜରେ ବିଶ୍ୱାସର ଅଭାବ ରହିଛି। ଲୋକମାନେ ପରସ୍ପରକୁ ବିଶ୍ୱାସ କରି ପାରୁନାହାନ୍ତି ଯାହା ସମାଜରେ ଅସନ୍ତୋଷ ଏବଂ ଅଶାନ୍ତିର କାରଣ ହୋଇଥାଏ । ତେଣୁ, ଆମକୁ ଜୀବନରେ ବିଶ୍ୱାସ ଫେରାଇ ଆଣିବାକୁ ପଡିବ। ଏଥିପାଇଁ ସତ୍ୟ, ନୈତିକତା ଏବଂ ସ୍ୱଚ୍ଛତା ଆବଶ୍ୟକ। ବିଶ୍ୱାସ ଏକ ଅଦୃଶ୍ୟ କିନ୍ତୁ ଶକ୍ତିଶାଳୀ ଶକ୍ତି। ଏହା ଲୋକଙ୍କୁ ଏକାଠି ବାନ୍ଧିଥାଏ, ସମ୍ପର୍କକୁ ମଜବୁତ କରିଥାଏ ଏବଂ ଜୀବନରେ ସଫଳତା ଆଡକୁ ନେଇଯାଏ। ଯଦି ଆମେ ପ୍ରକୃତ ବିଶ୍ୱାସ ଦ୍ୱାରା ବଞ୍ଚିଥାଉ, ତେବେ ଆମର ଜୀବନ ସୁନ୍ଦର ଏବଂ ସଫଳ ହେବ। ସେହିପରି, ବିଶ୍ୱାସର ଆଶ୍ଚର୍ଯ୍ୟଜନକ ଶକ୍ତିକୁ ବୁଝିବା ଏବଂ ଏହାକୁ ଆମ ଜୀବନରେ ଗ୍ରହଣ କରିବା ଆମ ସମସ୍ତଙ୍କ ପାଇଁ କର୍ତ୍ତବ୍ୟ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ:୮୨୪୯୫୦୨୭୭୬



# ରାଜନୈତିକ ଦଳୀୟ ପଟ୍ଟଚିତ୍ର



ଡକ୍ଟର ଲକ୍ଷ୍ମଣ ସାହୁ

ଭାରତର ସ୍ୱାଧୀନତା ସଂଗ୍ରାମର ସର୍ବୋଚ୍ଚ ସ୍ଥାନରେ ଥିବା ଭାରତୀୟ ଜାତୀୟ କଂଗ୍ରେସ ଏକ ସ୍ୱାଧୀନ ଦେଶରେ ସ୍ୱୟଂଚାଳିତ ଭାବରେ କ୍ଷମତାର ଦାବିଦାର ହୋଇଗଲା। ସ୍ୱାଧୀନ ଭାରତର ଲୋକମାନେ ମଧ୍ୟ କଂଗ୍ରେସ ଉପରେ ବିଶ୍ୱାସ କରିଥିଲେ। କ୍ଷମତାର ସ୍ୱାଭାବିକ ବୈଶିଷ୍ଟ୍ୟ ପରି, କଂଗ୍ରେସ ଅହଂକାରୀ ହୋଇଗଲା ଓ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସବୁକିଛି ଉପରେ ନିୟନ୍ତ୍ରଣ ଦାବି କଲା। ଦେଶର ପ୍ରତ୍ୟେକ ଦିଗ ପାଇଁ ରାଜନୈତିକ ନିଷ୍ପତ୍ତି ଦିଲ୍ଲୀରୁ ନିଆଯିବା ଆରମ୍ଭ ହେଲା। ଏହି ବିଶାଳ ଜାତିର ଏକ ବଡ଼ ଅଂଶ ଅନୁଭବ କରିବାକୁ ଲାଗିଲା ଯେ ଦିଲ୍ଲୀ ସେମାନଙ୍କ ପାଇଁ ବହୁତ ଦୂର। ସେମାନଙ୍କ ଅଧିକାର ବିଷୟରେ ନିଷ୍ପତ୍ତି ଏତେ ଦୂରରୁ ନିଆଯାଇପାରିବ ନାହିଁ।

କଂଗ୍ରେସ ଦଳ ଦ୍ୱାରା ରାଜନୈତିକ ସ୍ୱେଚ୍ଛାଚାରିତାର ଅଭିଯୋଗ ମଧ୍ୟରେ ୧୯୭୦ ଦଶକରେ ଜୟପ୍ରକାଶ ନାରାୟଣଙ୍କ ଉତ୍ଥାନ ହୋଇଥିଲା। ଏହା ଜୟପ୍ରକାଶ ନାରାୟଣଙ୍କ ଅଭ୍ୟୁଦୟକୁ ଚିହ୍ନିତ କରିଥିଲା। ଜରୁରୀକାଳୀନ ପରିସ୍ଥିତି ଓ କେନ୍ଦ୍ର ସରକାରଙ୍କ ସ୍ୱେଚ୍ଛାଚାରୀ ମନୋଭାବ ବିରୁଦ୍ଧରେ ଏକ ଚିନ୍ତାଧାରା ଗଠନ କରାଯାଇଥିଲା। ଜୟପ୍ରକାଶ ନାରାୟଣ ଶକ୍ତିଶାଳୀ ଓ ସ୍ୱେଚ୍ଛାଚାରୀ କେନ୍ଦ୍ରୀୟ ଶକ୍ତିକୁ ଚ୍ୟାଲେଞ୍ଜ କରିବା ପାଇଁ ଅନେକ ଛୋଟ, ବିରୋଧୀ ଓ ଆଞ୍ଚଳିକ ଗୋଷ୍ଠୀ (ଭାରତୀୟ ଲୋକଦଳ, କଂଗ୍ରେସ (ଓ), ଜନସଂଘ ତଥା ସମାଜବାଦୀ ପାର୍ଟି)ଙ୍କୁ ଏକାଠି କରିଥିଲେ। କଂଗ୍ରେସ ଦଳର ବିଶାଳ ରାଜନୈତିକ ଶକ୍ତିକୁ ଚ୍ୟାଲେଞ୍ଜ କରିବା ପାଇଁ ଏହି ଛୋଟ ଦଳଗୁଡ଼ିକ ଏକତ୍ରିତ ହୋଇଥିଲେ। ଜନତା ଦଳର ଛତ୍ରଛାୟା ତଳେ ବିଭିନ୍ନ ରାଜନୈତିକ ଚିନ୍ତାଧାରାର ଲୋକମାନେ ଏକତ୍ରିତ ହୋଇଥିଲେ।



ଜୟପ୍ରକାଶ ନାରାୟଣ, ଯେଉଁମାନେ ଏକଦା ଦଳହୀନ ଗଣତନ୍ତ୍ରର ସମର୍ଥନ କରୁଥିଲେ, ଆଞ୍ଚଳିକ ଦଳଗୁଡ଼ିକର ଶିଶୁଭବନ ଆରମ୍ଭ କରିଥିଲେ। ଏହି ଶିଶୁଭବନ ଲାଲୁ ପ୍ରସାଦ ଯାଦବ, ନୀତିଶ କୁମାର ଓ ମୁଲାୟମ ସିଂହ ଯାଦବଙ୍କ ପରି ଲୋକଙ୍କୁ ଜନ୍ମ ଦେଇଥିଲା, ଯେଉଁମାନେ ଆଞ୍ଚଳିକ ରାଜନୀତିରେ ବଟବୃକ୍ଷ ପରି ବିସ୍ତାର କରିଥିଲେ। ଏବେ ହଜାର ହଜାର କିଲୋମିଟର ଦୂରରେ ବସିଥିବା ଯେକୌଣସି ନେତା ଦିଲ୍ଲୀ ସରକାରଙ୍କୁ ଚ୍ୟାଲେଞ୍ଜ କରିପାରିବେ। ଭାରତୀୟ ରାଜନୀତିରେ ମେଣ୍ଟ ସରକାରର ଯୁଗ ଆରମ୍ଭ ହୋଇଥିଲା ଓ ଆଞ୍ଚଳିକ ପରିଚୟ ଦିଲ୍ଲୀର କ୍ଷମତାକୁ ପ୍ରଭାବିତ କରିବା ଆରମ୍ଭ କରିଥିଲା।

୧୯୭୦ ଦଶକ ପରେ ଭାରତୀୟ ରାଜନୀତିରେ ସମାନ ପରିବର୍ତ୍ତନ ୨୦୧୪ ମସିହାରେ ଆସିଥିଲା। କେନ୍ଦ୍ରରେ ବିଜେପି ସରକାର କ୍ଷମତାକୁ ଆସିଥିଲା, ଏବଂ ଭାରତ ଆଉ ଏକ ଜେପି ପାଇଲା। ସେ ଥିଲେ ଜଗତ ପ୍ରକାଶ ନଡ୍ଡା। କେନ୍ଦ୍ର ସରକାର ପରେ, ବିଜେପି ରାଜ୍ୟ ବିଧାନସଭା ନିର୍ବାଚନରେ ବିଜୟ ଧାରା ଆରମ୍ଭ କରିଥିଲା। ଯେତେବେଳେ ଆଞ୍ଚଳିକ ଦଳଗୁଡ଼ିକ ବିଜେପି ଲହର ଦ୍ୱାରା ଭାସିଯିବାରୁ ରକ୍ଷା ପାଇବା ପାଇଁ ବିଜେପି ସହିତ ବୁଝାମଣା କରିବାକୁ ଚେଷ୍ଟା କରୁଥିଲେ, ସେତେବେଳେ ନୂତନ ଜେପି ଘୋଷଣା କରିଥିଲେ ଯେ ଭାରତରେ ଆଞ୍ଚଳିକ ଦଳଗୁଡ଼ିକ ଶୀଘ୍ର ବିଲୁପ୍ତ ହୋଇଯିବେ। ଏହି ବକ୍ତବ୍ୟ ସତର୍କତାର ସହିତ ଦିଆଯାଇଥିଲା। ଓ ତା'ପରେ ନୀରବତା ପାଳନ କରାଯାଇଥିଲା। ତଥାପି ଏହି ପ୍ରସଙ୍ଗରେ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ଏହି ଛତ୍ର ଥିଲା ହିନ୍ଦୁତ୍ୱ। ଆଞ୍ଚଳିକ ବିବିଧତାର ସମାଧାନ ଖୋଜିବା ପାଇଁ ସୃଷ୍ଟି ହୋଇଥିବା ପ୍ରୟୋଗଶାଳା ହିନ୍ଦୁତ୍ୱ ସୃଷ୍ଟି କରିଥିଲା। "କାଶ୍ମୀରରୁ କନ୍ୟାକୁମାରୀ" ବାକ୍ୟାଂଶ ଅପ୍ରଚଳିତ ହୋଇଗଲା, ଓ ହିନ୍ଦୁତ୍ୱ ରାଜନୀତିର ନୂତନ ଭୂଗୋଳ ଗଙ୍ଗୋତ୍ରୀରୁ ଗଙ୍ଗାସାଗର ପର୍ଯ୍ୟନ୍ତ ବ୍ୟାପ୍ତ ହେଲା। ଗଙ୍ଗାର ଉତ୍ପତ୍ତି।

ଭାରତ ମହାସାଗରରୁ ସମୁଦ୍ର ସହିତ ଏହାର ସଂଗମ ପର୍ଯ୍ୟନ୍ତ କ୍ଷେତ୍ରୀୟ କ୍ଷେତଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଯେଉଁମାନେ ନୂତନ ଜେପି ନେତୃତ୍ୱାଧୀନ ଦଳ ଉପରେ ନିର୍ଭର କରୁଛନ୍ତି। ଏବେ ଏହା ସେମାନଙ୍କ ଉପରେ ନିର୍ଭର କରେ ଯେ ସେମାନେ ସେମାନଙ୍କର ହିନ୍ଦୁତ୍ୱ ରାଜନୀତିରେ କେତେ ଆଞ୍ଚଳିକତାକୁ ଅନୁମତି ଦେବେ। ଜମ୍ମୁ ଓ କାଶ୍ମୀରରେ ପିଡିପି, ପଞ୍ଜାବରେ ଶିରୋମଣି ଅକାଳୀ ଦଳ, ମହାରାଷ୍ଟ୍ରରେ ଶିବସେନା, ବିହାରରେ ଜେଡି(ୟୁ), ଉତ୍ତର ପ୍ରଦେଶରେ ବିଜେପି, ହରିୟାଣାରେ ଜେଜେପି, ଆନ୍ଧ୍ର ପ୍ରଦେଶରେ ସିପିଆଇ(ଏମ୍), ଉତ୍ତର ପ୍ରଦେଶରେ ଆରଏଲଡି ଓ କର୍ଣ୍ଣାଟକରେ ଜନତା ଦଳ (ଧର୍ମନିରପେକ୍ଷ) ସମସ୍ତେ ବିଶ୍ୱାସ କରୁଥିଲେ ଯେ ହିନ୍ଦୁତ୍ୱର ଛତ୍ରଛାୟା ତଳେ ସେମାନଙ୍କର ଅଞ୍ଚଳ ବଞ୍ଚିପାରିବ। କିନ୍ତୁ ନୂତନ ଜେପି ଦଳର ହିନ୍ଦୁତ୍ୱ ରାଜନୀତି, ଏହା ଏତେ 'ସୁପର ଫୁଡ୍' ଯେ ଏହାର ଚାଡ୍ ରାଜନୈତିକ ବିଚାରଧାରାର ସଂଗଠନ ଅନ୍ୟ କୌଣସି ଖାଦ୍ୟର ଆବଶ୍ୟକତା ଅନୁଭବ କରେ ନାହିଁ।

ଲଗାତାର ଦୁଇଟି ନିର୍ବାଚନ କଳିଙ୍ଗ, ଅଙ୍ଗ ଓ ବଙ୍ଗର ଆଞ୍ଚଳିକ ସାହିବସ୍ତିକୁ ଧ୍ୱଂସ କରିଛି। ବିଏସପି ଅଧ୍ୟକ୍ଷା ମାୟାବତୀଙ୍କୁ ଥରେ ଭବିଷ୍ୟତର ସମ୍ଭାବ୍ୟ ପ୍ରଧାନମନ୍ତ୍ରୀ ଭାବରେ ଦେଖାଯାଉଥିଲା। ମୁଲାୟମ ସିଂହ ଯାଦବଙ୍କ ପାଇଁ ସମାନ ପ୍ରତିଛବି ପ୍ରକ୍ଷେପିତ ହୋଇଥିଲା। ଗତ ଲୋକସଭା ନିର୍ବାଚନ ପୂର୍ବରୁ, ନୀତିଶ କୁମାରଙ୍କୁ ବିରୋଧୀ ଦଳର ଜାତୀୟ ଚେହେରା ଭାବରେ ପ୍ରତିଷ୍ଠା କରିବା ପାଇଁ ପ୍ରୟାସ ଚାଲିଥିଲା। ନୀତିଶ କୁମାର ହିନ୍ଦୁତ୍ୱ ରାଜନୀତିକୁ ଅନେକାଂଶରେ ଅଙ୍କୁଶ ଲଗାଇଥିଲେ। କିନ୍ତୁ ତାଙ୍କର ଆଞ୍ଚଳିକ ନିଜର ଅସ୍ତିତ୍ୱ ରକ୍ଷା କରିବା ପାଇଁ ସେମାନେ ହିନ୍ଦୁତ୍ୱ ରାଜନୀତିରେ ସାମିଲ ହେଲେ ଓ ମିଶିଗଲେ।

ବଙ୍ଗରେ ମମତା ବାନାର୍ଜୀ ଏକ ଦୃଢ଼ ପରିଚୟ ସ୍ଥାପନ କରିଥିଲେ ଓ କେତେକ ସମୟରେ ପ୍ରଧାନମନ୍ତ୍ରୀ ପଦ ପାଇଁ ଉପଯୁକ୍ତ ପ୍ରାର୍ଥୀ ଭାବରେ ବିବେଚିତ ହୋଇଥିଲେ। ଓଡ଼ିଶାରେ ନବୀନ ପଟ୍ଟନାୟକ ନିଜର ରାଜନୈତିକ ଇତିହାସ ଲେଖିଥିଲେ। ଏଲଜେପିର ରାମବିଲାସ ପାସୱାନଙ୍କୁ ଜଣେ ପାଣିପାଗ ବୈଜ୍ଞାନିକ କୁହାଯାଉଥିଲା, କିନ୍ତୁ ଆଜି ତାଙ୍କ ଅସ୍ତିତ୍ୱ ରକ୍ଷା କରିବା ପାଇଁ ତାଙ୍କ ପୁଅ 'ବିଜ୍ଞାନ' ପରିତ୍ୟାଗ କରି 'ହନୁମାନ' ହେବାକୁ ବାଛିଥିଲେ। ଶରଦ ପାୱାରଙ୍କୁ ନୀତିଶ କୁମାରଙ୍କ ସହିତ ରାଜ୍ୟସଭା ଶପଥ ନେବାକୁ ବାଧ୍ୟ କରାଯାଇଥିଲା। ଏକଦା ଚୌଧୁରୀ ଚରଣଜିତ ସିଂହଙ୍କ କରିସ୍ମା ମନେ ପକାନ୍ତୁ, ଯିଏ ନେହେରୁବାଦୀ ଗଠନ ବିରୁଦ୍ଧରେ ଠିଆ ହୋଇଥିଲେ, ଏହା କେନ୍ଦ୍ରୀକରଣ, ଅମଲାତନ୍ତ୍ର ଓ ବଡ଼ ଶିଳ୍ପପତିଙ୍କ ପ୍ରଭାବର ଅଭିଯୋଗ ଆଣିଥିଲେ। ମଧ୍ୟବିତ୍ତ ଚାଷୀ ଜାତିକୁ ସେ ଯେଉଁ ରାଜନୈତିକ କ୍ଷମତା ଦେଇଥିଲେ ତାହାର ଐତିହ୍ୟ ବିଜେପି ସରକାରଙ୍କୁ ଏହାର କୃଷି ଆଇନ ପ୍ରତ୍ୟାହାର କରିବାକୁ ବାଧ୍ୟ କରିଥିଲା। କିନ୍ତୁ ଆଜି ତାଙ୍କ ନାତି ଜୟନ୍ତ ଚୌଧୁରୀ, ଏନଡିଏ ସରକାରଙ୍କ ସହଯୋଗୀ। ଏବେ ମଧ୍ୟବିତ୍ତ ବର୍ଗର ଚାଷୀଙ୍କ ମଧ୍ୟ ହିନ୍ଦୁତ୍ୱ ପରିଚୟ ଅଛି। ହରିୟାଣାର 'ଲାଲ'କୁ କେସର ତୁଳନାରେ ଏକ ବିଲୁପ୍ତପ୍ରାୟ ରାଜନୈତିକ ପ୍ରଜାତି ଭାବରେ ବିବେଚନା କରାଯାଏ।

ଭାରତର ବିଶାଳ ଭୂଗୋଳ ନିଜେ ଆଞ୍ଚଳିକ ରାଜନୀତିର ଆବଶ୍ୟକତା ସୃଷ୍ଟି କରିଥିଲା। ପାର୍ବତ୍ୟାଞ୍ଚଳରେ ଜନସଂଖ୍ୟା ଓ ସମତଳ ଅଞ୍ଚଳର ଜନସଂଖ୍ୟାର ଭିନ୍ନ ଭିନ୍ନ ଆବଶ୍ୟକତା ଥିଲା। ଆଦିବାସୀ ଅଞ୍ଚଳ ମୁଖ୍ୟଧାରାର ଜବରଦଖଲରୁ ସୁରକ୍ଷା ଚାହୁଁଥିଲା। ଏହି ଆକାଂକ୍ଷା ଅନେକ ନୂତନ ରାଜ୍ୟ ସୃଷ୍ଟି କରିଥିଲା। ଝାଡ଼ଖଣ୍ଡରେ, ଶିବୁ ସୋରେନଙ୍କ ଭଳି ନେତାମାନେ ଦିଲ୍ଲୀରେ ନିଜର ଉପସ୍ଥିତି ଜାହିର କରିଥିଲେ। ତଥାପି, ପାର୍ବତ୍ୟ, ସମୁଦ୍ର, ଜଙ୍ଗଲ ପର୍ଯ୍ୟନ୍ତ ସବୁକିଛି ହିନ୍ଦୁତ୍ୱର ପରିସରକୁ ଅଣାଯାଇଥିଲା। ହେମନ୍ତ ସୋରେନ ଗତ ଚାରି ବର୍ଷ ଧରି ଆଦିବାସୀ ପରିଚୟ ଉପରେ ଆଧାର କରି ତାଙ୍କର ସରକାର ଗଠନ କରିଥାଇପାରନ୍ତି, କିନ୍ତୁ ଏବେ ହିନ୍ଦୁତ୍ୱ ପରିଚୟ ସମ୍ମୁଖରେ ତାଙ୍କର ବଞ୍ଚିବା କଷ୍ଟକର ମନେହୁଏ। ଭାଷାଗତ ଏବଂ ଆଞ୍ଚଳିକ ପରିଚୟ ଉପରେ ଉଗ୍ରବାଦ ଦ୍ୱାରା ପରିଚାଳିତ ଡିଏମକେ କ୍ଷମତା ହରାଇଛି। ସେଠାରେ ଜଣେ ନେତା ଉଭା ହୋଇଛନ୍ତି ଯିଏ ନିର୍ବାଚନରେ ଏକ ଅନ୍ତର୍ଭୁକ୍ତିମୂଳକ ମନୋଭାବ ବଜାୟ ରଖିଛନ୍ତି।

ଯେଉଁ ଅଞ୍ଚଳଗୁଡ଼ିକ ପୂର୍ବରୁ ଦିଲ୍ଲୀକୁ ଦୂରରେ ମନେ କରୁଥିଲେ, ସେମାନେ ଏବେ ଏଥିରେ ମିଶିଯାଇଛନ୍ତି। ଦିଲ୍ଲୀ ମୁଖ୍ୟାଳୟ ହେବା ପରେ, ଆଞ୍ଚଳିକ ପରିଚୟ ଖାଦ୍ୟ ଏଓ ପୋଷାକରେ ସୀମିତ ହୋଇଯାଇଛି। ଯେତେବେଳେ ଏହି ଅଞ୍ଚଳ ବିହାରର ଥିଲା, ଲିଟି ଚୋଖା ଓ ଗାମଛାକୁ ସମାର୍ଥକ ବୋଲି ବିବେଚନା କରାଯାଉଥିଲା। ବଙ୍ଗଳାର ସମୟ ପାଖେଇ ଆସିବା ସହିତ, ବିଜେପି ମୁଖ୍ୟାଳୟରେ ଏକ ଶାଲ-ମୁଦି ଷ୍ଟଲ୍ ଖୋଲିଲା, ଓ ମାଛ ଜାତୀୟ ଖାଦ୍ୟ ହୋଇଗଲା। ହିନ୍ଦୁତ୍ୱ ରାଜନୀତି ଦିଲ୍ଲୀରେ ଏକ "ବଡ଼ ବଜାର" ଖୋଲିଛି, ଯେଉଁଠାରେ ରସମ୍ ଠାରୁ ଆରମ୍ଭ କରି ପାବାସମ ପର୍ଯ୍ୟନ୍ତ ସବୁକିଛି ଗୋଟିଏ ଛାତ ତଳେ ଉପଲବ୍ଧ।

ଥରେ ଗୋଟିଏ ଜେପି ମାଧ୍ୟମରେ, ଭାରତର ଅଞ୍ଚଳଗୁଡ଼ିକ କଂଗ୍ରେସର ଏକମାତ୍ର ପ୍ରାଧାନ୍ୟକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆଜି, ଆଉ ଏକ ଜେପି ଦିଲ୍ଲୀର ରାତିକୁ ସେହି ଇଞ୍ଜିନରେ ପରିଣତ କରିଛି। ଯାହା ପଛରେ ସମସ୍ତ ଆଞ୍ଚଳିକ ଦଳ ଏବେ ଏକତ୍ରିତ ହେଉଛନ୍ତି। ଆଞ୍ଚଳିକ ଦଳଗୁଡ଼ିକର ଅସ୍ତିତ୍ୱ ହରାଇବାର ଭୟ ଓ ବୁଝାମଣା ସେମାନଙ୍କୁ ଆହୁରି କ୍ଷୁର୍ଣ୍ଣ କରିଛି। ବର୍ତ୍ତମାନ ପାଇଁ, ବିଜେପିର ଆଞ୍ଚଳିକ ଦଳଗୁଡ଼ିକ ବିରୁଦ୍ଧରେ ଜେପିର "ସମ୍ପୂର୍ଣ୍ଣ ବିପ୍ଲବ" ସଫଳ ହୋଇଛି। ଆଞ୍ଚଳିକ ସତ୍ରାପ୍‌ଙ୍କ ହ୍ରାସ ସହିତ, "ଗୋଟିଏ ଦେଶ, ଗୋଟିଏ ଦଳ" ଧାରା ବୃଦ୍ଧି ପାଉଥିବା ପରି ମନେ ହେଉଛି। ଭବିଷ୍ୟତରେ ବର୍ତ୍ତମାନର ଶାସନ ବିରୁଦ୍ଧରେ ଠିଆ ହେଉଥିବା ଯେକୌଣସି ଶକ୍ତି ନିଃସନ୍ଦେହରେ ଜାତୀୟ ବୋଲି ବିବେଚନା କରାଯାଇପାରେ....!!!

ତାରା ନିଳୟ, ପ୍ଲଟ-୮୫୪/ଏ, ଲକ୍ଷ୍ମୀନାରାୟଣ ବିହାର,
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧାଃ ୫୫, ମୋବାଇଲ୍‌ଃ୯୦୪୦୧୫୧୪୭୫

# ହାତରେ ମୋ ମୁଠା ମୁଠା ଶରଧା ବାଲି...



ବିକ୍ରମ ମହାପାତ୍ର

'ହାତରେ ମୋ ମୁଠା ମୁଠା ଶରଧା ବାଲି....' ଭାବପୂର୍ଣ୍ଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭଜନଟି ଆମକୁ ସ୍ମରଣୀୟ କରିଦିଏ ଶରଧା ବାଲିର ମହାତ୍ମ୍ୟ ଓ ଶ୍ରୀଜଗନ୍ନାଥଙ୍କ ସହିତ ଦିବ୍ୟମୟ ଭାବଚେତନାକୁ ନେଇ। ଆମେ ଓଡ଼ିଆ, ଓଡ଼ିଶାର ଜନସାଧାରଣ ପିଲାଠାରୁ ବୁଢ଼ା ଯାଏଁ ସମସ୍ତଙ୍କର ଶ୍ରୀଜଗନ୍ନାଥ ହୃଦୟର ଠାକୁର ଓ ଆରାଧ୍ୟ। ଆମର ଜଗନ୍ନାଥଙ୍କ ପ୍ରତି ଭଲ ପାଇବା ଏତେ ଗଭୀର ଯେ ଆମେ 'ପ୍ରଭୁ', 'ଭଗବାନ', 'ଶ୍ରୀଜୀଉ' ଶବ୍ଦରୁ ବାହାରକୁ ଚାଲିଯାଇ ଜଗା ବୋଲ ସମ୍ବୋଧନ କରିଥାଉ। ଏହି ଜଗା ଡାକରେ ଆମେ ଆତ୍ମତୃପ୍ତି ଲାଭ କରୁ ଓ ପ୍ରଭୁଙ୍କ ପାଖରେ ଆମର ଡାକ ପହଞ୍ଚି ଯାଏ। ଆମେ ଜଗନ୍ନାଥଙ୍କ ଲୀଳାଖେଳା ମାନବୀୟ ଲୀଳାଖେଳା ପରିସ୍ଫୁଟ। ଏହା ଆମର ପର୍ବପର୍ବାଣୀ ତଥା ବାର ମାସରେ ତେର ପର୍ବ ପାଳନାରୁ ପ୍ରତିଫଳିତ ହୁଏ। ଏହି ପର୍ବପର୍ବାଣୀ ଜଗନ୍ନାଥ ହୃଦୟରେ ସ୍ମରଣ କରି କରିଥାଉ। ଏପରିକି ଦୈନନ୍ଦିନ ରୀତିନୀତି ମଧ୍ୟ ପ୍ରଭୁଙ୍କ ଲାଗି ଖଞ୍ଜା ଯାଇଥାଏ ଏବଂ ଆମେ ପ୍ରାତଃକାଳରୁ ରାତ୍ରି ପର୍ଯ୍ୟନ୍ତ ନିଖୁଣ ଭାବେ ପାଳି ଆସୁଛୁ। ବର୍ଷ ବର୍ଷ ଧରି ବିଭିନ୍ନ ମାସରେ ଓ ଦିନ ମାନଙ୍କରେ ଯୁଗ ଯୁଗର ଅବତାର ମାନଙ୍କୁ ଆମେ ସମ୍ମୁଖକୁ ଟାଣି ଆଣୁ ଓ ଆମ ଜଗନ୍ନାଥଙ୍କୁ ସେହିପରି ସଜାଇ ଦେଇ ବା ବେଶ କରାଇ ପୂର୍ବ ସ୍ମୃତିକୁ ସ୍ମରଣ କରି ପୂଜା ଅର୍ଚ୍ଚନା କରିଥାଉ। ସେଥିପାଇଁ ଘରେ ଘରେ ପୂଜା ପଦ୍ଧତି, ଭୋଗରାଗ, ଉପାସ, ବ୍ରତମାନ ପାଳନ କରାଯାଇଥାଏ। ଏପରିକି ଆମର ଚଳଣି, ଖାଇବା, ପିଇବା, ଶସ୍ୟ ଆମଦାନୀ ସହିତ ପୂଜା ପାର୍ବଣକୁ ସଂଯୋଜିତ କରି ଜଗନ୍ନାଥ ପ୍ରଥମେ ସ୍ମରଣ କରି, ଭୋଗ ଲଗାଇ ସାରିବା ପରେ ନିଜ ପାଇଁ ବ୍ୟବହାର କରିଥାଉ। ଏହା ଖାଲି ଓଡ଼ିଶାର ନୁହଁ, ସମଗ୍ର ଭାରତବର୍ଷରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଭାଷାଭାଷୀ ସମ୍ପ୍ରଦାୟ ମଧ୍ୟ ପାଳନ କରିଥାନ୍ତି। ଏହା ସେମାନଙ୍କର ଜଗନ୍ନାଥ ଭଲ ପାଇବାକୁ ପ୍ରମାଣିତ କରିଥାଏ। ସମାଜର ପ୍ରତି କ୍ଷେତ୍ରରେ ରହିଛି ଶ୍ରୀଜଗନ୍ନାଥଙ୍କର ପ୍ରଭାବ।

ଓଡ଼ିଶାର ମାଟି, ପାଣି, ପବନରେ ମିଶି ରହିଛି ଶ୍ରୀଜଗନ୍ନାଥ ଚେତନା, ଶ୍ରୀଜଗନ୍ନାଥଙ୍କୁ ଅଲଗା କରି ଓଡ଼ିଆ ସଂସ୍କୃତିର ସ୍ଥିତି ଚିନ୍ତା କରାଯାଇ ପାରେନା। ସେଥିପାଇଁ ଓଡ଼ିଶାର ସଂସ୍କୃତିକୁ କୁହାଯାଏ ଶ୍ରୀଜଗନ୍ନାଥ ସଂସ୍କୃତି। ଜଗନ୍ନାଥ ଦେବତା ହେଲେ ମଧ୍ୟ ଉତ୍ତମ ମଣିଷ। ମାନବୋଚିତ ଗୁଣାବଳୀ ମଧ୍ୟରେ ତାଙ୍କ ସେବାପୂଜାର ସୃଷ୍ଟି। ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କର ଯାନିଯାତ୍ରା ଓ ପର୍ବପର୍ବାଣୀ କୃଷି ସହିତ ସମ୍ପୃକ୍ତ ହୋଇଥିବାରୁ ତାହାଙ୍କ ନିମନ୍ତେ ଉଦ୍ଦିଷ୍ଟ ନୀତି, ଭୋଗ ଓ ଦୈନନ୍ଦିନ ସେବାକାର୍ଯ୍ୟ ଆଦି ଶସ୍ୟର ରୋପଣ, ଉତ୍ପନ୍ନ, ଅମଳ ଓ ସଂରକ୍ଷଣ ସହିତ ସମ୍ପୃକ୍ତ। ଏଗୁଡ଼ିକ ହିଁ ମାନବ କର୍ମ ଓ ଧର୍ମର ପ୍ରତିଛବି।



ଜନଗଣମନ ଅଧିନାୟକ ଜଗନ୍ନାଥ ଯେମିତି ଏକ ସାର୍ବଭୌମ ରାଷ୍ଟ୍ର ପୁରୁଷ ଭଳି ଉଭା ହୋଇଯାଆନ୍ତି ଶରଧାବାଲିରେ...। କେବଳ ଓଡ଼ିଶା ନୁହେଁ କି ଭାରତ ନୁହେଁ ସମଗ୍ର ପୃଥିବୀର ମାନଚିତ୍ରଟା ଯେମିତି ସେଇ ଚକାଡୋଳା ଭିତରେ ଦିଶିଯାଏ। ମଣିଷ ଆଉ ମଣିଷର ଇଚ୍ଛା, ଅଭିଳାଷ, ଭାବ, ଅନୁଭବ ସବୁ ଯେମିତି ଗୋଟାଏ ଗୋଟାଏ ମୂର୍ତ୍ତି ଭିତରେ ଗୁଚ୍ଛି ହୋଇଯାଏ। ଆଉ ସେ ସବୁ ଛିଟି ପଡ଼ନ୍ତି ମୌସୁମୀ ଆକାଶରେ ବର୍ଷା ବିନ୍ଦୁ ଭଳି ଝରି ଝରି ସନ୍ତପ୍ତ ପ୍ରାଣପିଣ୍ଡ ଉପରେ ଆଉ ଭରି ଦିଅନ୍ତି ସ୍ନିଗ୍ଧ ଶୀତଳତା, କିଛି ଆଶ୍ୱାସ, କିଛି ବିଶ୍ୱାସ।

ଏଇ ତ ହେଉଛି ଜଗନ୍ନାଥ ରଥ ଯାତ୍ରାର ଗୋଟିଏ ବିରଳ ଅନୁଭୂତି - ଲକ୍ଷ ଲକ୍ଷ ଭକ୍ତ ଆଉ ଦର୍ଶନାର୍ଥୀଙ୍କ ମନ ପ୍ରାଣକୁ ଯାହା ଅଭିଭୂତ କରେ ଏକ ଅଦ୍ଭୁତ ଉପଲବ୍ଧିରେ। ଏ ସେଇ କଳା ଜହ୍ନ ଯେ ଦିନରେ ନୀଳଶୈଳର ଜନଅରଣ୍ୟରେ ଜ୍ୟୋତ୍ସ୍ନାର ଯମୁନା ବୁହାଇ ଦିଏ ସେ ଆନନ୍ଦରେ। ଉଦ୍ଦାମ ନୃତ୍ୟ, ଗୀତ, ବାଦ୍ୟ, ବାଜଣାରେ ଭରିପୂର୍ଣ୍ଣ ଜୟଧ୍ୱନିରେ ମୁଖରିତ କରି ମାତୃପ୍ରତିମା ମାଉସୀମାଆଙ୍କ ବିଜେସ୍ଥଳୀ ଗୁଣ୍ଡିଚା ନଗରକୁ ଯାତ୍ରା କରନ୍ତି ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟ ତିଥିରେ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଯେପରି ଗୋଟିଏ ମହାପ୍ଲାବନର ଦୃଶ୍ୟ ସିଂହଦ୍ୱାରରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୃଷ୍ଟି ଗୋଚର ହୁଏ। ପ୍ରତିଦିନ ଜନସ୍ରୋତ ବହିଥାଏ କିନ୍ତୁ ଏହି ଦିନ ସେ ସ୍ରୋତ ଉଚ୍ଛୁଳ, ଉତ୍ତାଳ ହୋଇଉଠେ ଘନଘୋର କୋଳାହଳ ଓ ରୂପରଙ୍ଗର ବିସ୍ଫୋରଣରେ। ସତେ ଯେମିତି ଏହି ଦିନ ଜଗନ୍ନାଥ ମୂର୍ତ୍ତି ଭିତରୁ ଅଗଣିତଙ୍କ ଭିତରେ ସ୍ଫୂର୍ତ୍ତିର ଉଲ୍ଲାସ ହୋଇଯାନ୍ତି। ଶ୍ରୀମନ୍ଦିର ମହାର୍ଘ ପରିଚର୍ଯ୍ୟା ଛାଡ଼ି ଆଜି ରାଜରାସ୍ତାର ସର୍ବସାଧାରଣ ପ୍ରେମାର୍ଜିତ ଆଦର ସମ୍ବର୍ଦ୍ଧନାରେ ଗଣଦେବତାର ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। କି ଏକ ମିଳନ ମହୋତ୍ସବ ଯେମିତି ସୃଷ୍ଟି ହୋଇଯାଏ ନରନାରାୟଣଙ୍କ ଏକାତ୍ମତା। ଜାତି, ବର୍ଣ୍ଣ, ଶ୍ରେଣୀ ନିର୍ବିଶେଷରେ କି ଧନୀ କି ଦରିଦ୍ର, କି ଜ୍ଞାନୀ କି ମୂଢ଼, ଆବାଳ-ବୃଦ୍ଧ-ବନିତା ଏକ ସ୍ୱତଃସ୍ଫୂର୍ତ୍ତ ମୁକ୍ତ ଆବେଗରେ ବିଭୋର ହୋଇଉଠନ୍ତି। ଶ୍ରୀଗୁଣ୍ଡିଚାରୁ ବାହୁଡ଼ା ଏ ନବ ଦିନ ବ୍ୟାପୀ ରଥକେନ୍ଦ୍ରିକ ଯାତ୍ରା ହୋଇଯାଏ ଏକ ଆତ୍ମୀୟତାର ମହାଯୋଗ ଯେମିତି କଳ୍ପିତ ଭଗବତ୍ତାର ଅବତରଣ ହୁଏ ବାସ୍ତବ ଜୀବନ ବାଧରେ। କିଛି ସ୍ୱପ୍ନ କିଛି ସତ୍ୟର ସମାହାରରେ ଏ ହେଉଛି ଜଗନ୍ନାଥ ଯାତ୍ରା। ରଥୀ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଅବକାଶରେ ସାରା ଭାରତ ବର୍ଷରୁ ଲୋକେ ଆସନ୍ତି। ସାରା ପୃଥିବୀର ବିଭିନ୍ନ ଦେଶରୁ ଆସନ୍ତି। ପୁରୁଷୋତ୍ତମ କ୍ଷେତ୍ର, ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଯାଏ। ଏଠି ପଥ ଓ ରଥ ହୋଇଯାଏ ଏକ, ଦୃଷ୍ଟି କାହାର ନିମ୍ନକୁ ନଥାଏ। ସମସ୍ତେ ଊର୍ଦ୍ଧ୍ୱ ଦୃଷ୍ଟି। ସେ ଦୃଷ୍ଟି ନିବଦ୍ଧ ଜଗନ୍ନାଥଙ୍କ କଳାବଦନ, ଚକାନୟନ ସହିତ। ସମସ୍ତଙ୍କ ହସ୍ତ ଉତ୍ତୋଳିତ। ସତେ ଯେମିତି ସମୁଦ୍ରର ଉତ୍ତାଳ ତରଙ୍ଗ। ଜୟ ଜଗନ୍ନାଥ ଧ୍ୱନି ଯେମିତି ସିନ୍ଧୁଘୋଷ। ଶ୍ରୀଜଗନ୍ନାଥ ସ୍ୱୟଂ ପରଂବ୍ରହ୍ମ ପୁରୁଷୋତ୍ତମ ହୋଇ ମଧ୍ୟ ରଥଯାତ୍ରାବେଳେ ସେ ଯେମିତି ଲୀଳା ପ୍ରକଟ କରନ୍ତି ତାହା କୋଟି କୋଟି ମଣିଷଙ୍କୁ ତାଙ୍କ ପାଖକୁ ଟାଣିନିଏ।

ସେ ସନାତନ ଧର୍ମର ଜୀବନ୍ତ ପ୍ରତିଭୂ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ଯାବତୀୟ ଧର୍ମର ସେ ପ୍ରତୀକ। ସେ ଏକ ହୋଇ ମଧ୍ୟ ଚତୁର୍ଦ୍ଧାମୂର୍ତ୍ତି। ତେଣୁ ସେ ଚାରିବେଦ, ଚାରି ବର୍ଣ୍ଣ, ତ୍ରିବିଜ। ସେ ବିଶ୍ୱରତ। ବିଶ୍ୱ ସତ୍ୟ। ତାଙ୍କ ପାଖରେ ଜାତି ନାହିଁ, ଅଜାତି ନାହିଁ। ସମସ୍ତେ ସମାନ। ଅଥଚ ବ୍ରାହ୍ମଣ, ପଣ୍ଡିତ, ରାଜା ତାଙ୍କୁ ସଂକୀର୍ଣ୍ଣ ମନ୍ଦିର ଭିତରେ ଆବଦ୍ଧ କରି ରଖିଦିଅନ୍ତି। ଖୋଲା ଆକାଶ ତଳକୁ ସେ ଆସିପାରନ୍ତି ନାହିଁ। ତେଣୁ ବର୍ଷକୁ ଥରେ ଆସନ୍ତି ଏହି ରଥଯାତ୍ରା ବେଳେ ବାହାରକୁ ଖୋଲା ଆକାଶ ତଳକୁ। ସିଏ ମୁକ୍ତ ଚିର ମୁକ୍ତ। ତେଣୁ ସେ ପତିତର ବନ୍ଧୁ, ଦଳିତର ବନ୍ଧୁ, ଦରିଦ୍ରର ବନ୍ଧୁ। ଯଥାର୍ଥରେ ସେ ଗଣ ବନ୍ଧୁ। ରଥଯାତ୍ରା ପରି ଏକ ଜାତୀୟ ଗଣପର୍ବ ଯେ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ବୁଝାଇ କହିବାର ନାହିଁ। ଏହି ଗଣଦେବତା ଓ ଗଣଉତ୍ସବକୁ ନେଇ ଓଡ଼ିଶାର ପରିଚିତି, ଓଡ଼ିଆ ଜାତିର ପରିଚିତି।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ମୋବାଇଲ୍‌ଃ୯୪୩୭୦୨୧୬୧୫

## ସୋମନାଥ ଅମୃତ ମହୋତ୍ସବରେ ମୋଦିଙ୍କ ବାର୍ତ୍ତା

# କାହାରି ଚାପ ଆଗରେ ନଇଁବନି ଭାରତ

### ପୋଖରାନ-୨ ଆଣବିକ ପରୀକ୍ଷାର ସ୍ମୃତିଚାରଣ

### 'ଅପରେସନ ଶକ୍ତି'କୁ ୨୮ ବର୍ଷ

ନୂଆଦିଲ୍ଲୀ,୧୧।୫ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଗୁଜରାଟରେ ସୋମନାଥ ଅମୃତ ମହୋତ୍ସବରେ ଯୋଗ ଦେଇ ଭାରତର ସାଂସ୍କୃତିକ ଐତିହ୍ୟ, ଆତ୍ମବିଶ୍ୱାସ ଏବଂ ଜାତୀୟ ଶକ୍ତି ବିଷୟରେ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଛନ୍ତି। ୧୯୯୮ ମସିହା ମେ' ୧୧ ତାରିଖ ଭାରତ 'ଅପରେସନ୍ ଶକ୍ତି' ମିଶନରେ ପୋଖରାନ-୨ ପରୀକ୍ଷା କରି ବିଶ୍ୱକୁ ଚକମା ଦେବା ସହ ବିଶ୍ୱରେ ନିଜର ସ୍ଥିତିକୁ ମଜଭୁତ କରିଥିବା ବେଳେ ଆଜି ଦିନରେ ତାହା ୨୮ ବର୍ଷରେ ପଦାର୍ପଣ କରିଛି। ସେହି ପରିପ୍ରେକ୍ଷୀରେ ମୋଦିଙ୍କ ସୋମନାଥ ବାର୍ତ୍ତା ସମଗ୍ର ବିଶ୍ୱ ପାଇଁ ଗୁରତ୍ୱ ବହନ କରୁଛି।

ମୋଦି ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଥିଲେ, ଇତିହାସରେ ଅନେକ ଆକ୍ରମଣକାରୀ ସୋମନାଥ ମନ୍ଦିର ଉପରେ ଆକ୍ରମଣ କରି ଏହାର ବୈଭବକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେମାନେ କେବେ ସଫଳ ହୋଇ ନଥିଲେ। ଏହା ସହ ପ୍ରଧାନମନ୍ତ୍ରୀ କହିଥିଲେ, ଆଜିର ଦିନ ଆଉ ଏକ କାରଣରୁ ସ୍ୱତନ୍ତ୍ର ରହିଛି। ଆଜିର ଦିନରେ ପୋଖରାନରେ ପରମାଣୁ ପରୀକ୍ଷଣ କରାଯାଇଥିଲା। ଆମ ବୈଜ୍ଞାନିକ ଭାରତର ସାମର୍ଥ୍ୟ ଏବଂ କ୍ଷମତାକୁ ଦୁନିଆ ଆଗରେ ରଖିଥିଲେ। ସାରା ଦୁନିଆରେ ଝଡ ସୃଷ୍ଟି ହୋଇଥିଲା। ସମସ୍ତେ କହିଥିଲେ ଭାରତର କ'ଣ ଅଛି ତା'ର ସ୍ଥିତି କ'ଣ ? ଏଭଳି କିଛି ଭାରତ ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ ସାରା ବିଶ୍ୱ। ଅନେକ ପ୍ରକାର କଟକଣା ଲଗାଇଥିଲେ। ସମ୍ଭାବନାର ବହୁ ରାସ୍ତାକୁ ବି ବନ୍ଦ କରିଦେଇଥିଲେ। ହେଲେ ଆମେ ଥିଲୁ କିଛି ଅଲଗା।'

ପରୀକ୍ଷଣ ପରେ ସାରା ଦୁନିଆରୁ ଆସିଥିବା ଚାପକୁ ମନେପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ଉପରେ ବହୁ କଟକଣା ଲଗାଇ ଦିଆଯାଇଥିଲା। ଭାରତକୁ ଚାପ ପକାଇବାକୁ ବହୁତ ଚେଷ୍ଟା କରାଯାଇଥିଲା, କିନ୍ତୁ ଭାରତ ଅଟଳ ରହିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଇଚ୍ଛାଶକ୍ତିକୁ ମନେପକାଇ ପିଏମ୍ ମୋଦି କହିଛନ୍ତି, ୧୧ ମଇ ପରେ ସାରା ଦୁନିଆ ଆମକୁ ଟାର୍ଗେଟ କରିଥାନ୍ତା। ହେଲେ ୧୧ ମଇରେ ବୈଜ୍ଞାନିକମାନେ ନିଜର କାମ କରିସାରିଥିଲେ। ୧୩ ମଇରେ ଦୁଇଟି ପରମାଣୁ ପରୀକ୍ଷଣ ହୋଇଥିଲା। ଯାହାଦ୍ୱାରା ସାରା ଦୁନିଆକୁ ଜଣାପଡିଯାଇଥିଲା ଯେ, ଭାରତର ରାଜନୈତିକ ଇଚ୍ଛାଶକ୍ତି କେତେ ଅଟଳ। ସେ ସମୟରେ ପୁରା ଦୁନିଆର ଚାପ ଭାରତ ଉପରେ ଥିଲା। କିନ୍ତୁ ଅଟଳଜୀଙ୍କ ନେତୃତ୍ୱରେ ବିଜେପି ସରକାର ଅସମ୍ଭବକୁ ସମ୍ଭବ କରିପାରିଥିଲା।



ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୫୦୦ ରୁ ଅଧିକ ଗଡ଼ଜାତ ରାଜ୍ୟକୁ ଏକତ୍ର କରି ଦେଶକୁ ଏକତ୍ର କରିଥିଲେ ଏବଂ ସୋମନାଥ ମନ୍ଦିର ପୁନଃନିର୍ମାଣ ପାଇଁ ତାଙ୍କର ସଂକଳ୍ପକୁ ମଧ୍ୟ ପୂରଣ କରିଥିଲେ। ମୋତେ ଅନେକ ଥର ସୋମନାଥ ଦର୍ଶନ କରିବାର ସୁଯୋଗ ମିଳିଛି ଏବଂ କିଛି ସମୟ ପୂର୍ବରୁ ସେଠାକୁ ଗସ୍ତ କରିଥିଲି। ଆକ୍ରମଣକାରୀମାନେ ସୋମନାଥକୁ କେବଳ ଏକ ଭୌତିକ ଢାଞ୍ଚା ବୋଲି ଭାବିଥିଲେ, ଏବଂ ଏହାକୁ ବାରମ୍ବାର ଧ୍ୱଂସ କରିଥିଲେ। କିନ୍ତୁ ପ୍ରତ୍ୟେକ ଥର, ସୋମନାଥ ପୁଣି ଠିଆ ହୋଇଥିଲେ କାରଣ ଏହାକୁ ଧ୍ୱଂସ କରିଥିବା ଲୋକମାନେ ଭାରତର ବୈଚାରିକ ଶକ୍ତିକୁ ବୁଝିପାରି ନଥିଲେ। ଭାରତୀୟ ସଂସ୍କୃତି ଭୌତିକ ଶରୀରକୁ ନଶ୍ୱର ବୋଲି ମାନିଥାଏ, କିନ୍ତୁ ଏହା ମଧ୍ୟରେ ଥିବା ଆତ୍ମାକୁ ଅମର ବୋଲି ମାନିଥାଏ। ଶିବ ହେଉଛନ୍ତି ପରମାତ୍ମା, ଏବଂ ଏହା ଭାରତର ଅନନ୍ତ ଚେତନାର ସର୍ବଶ୍ରେଷ୍ଠ ଶକ୍ତି ବୋଲି କହିଛନ୍ତି ପିଏମ୍ ମୋଦି।

# ଫୁଜୈରା ହେବ ହର୍ମୁଜର ବିକଳ୍ପ!

ନୂଆଦିଲ୍ଲୀ, ୧୧।୫ଃ ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଓ ଅସ୍ଥିରତା ମଧ୍ୟରେ ଭାରତ ନିଜର ରଣନୀତିକ ସଫଳତା ହାସଲ କରିଛି। ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ 'ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍'ରେ ଉତ୍ତେଜନା ଲାଗି ରହିଥିବା ବେଳେ ଭାରତ ଏହାର ବିକଳ୍ପ ମାର୍ଗ ଖୋଜି ବାହାର କରିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର 'ଫୁଜୈରା ପୋର୍ଟ'କୁ ନେଇ ଭାରତ ଏକ ବଡ଼ ଚୁକ୍ତି କରିବାକୁ ଯାଉଛି। ଏହି ଚୁକ୍ତି ଦ୍ୱାରା କେବଳ ବ୍ୟବସାୟ ନୁହେଁ, ବରଂ ସଙ୍କଟ ସମୟରେ ଲକ୍ଷ ଲକ୍ଷ ଭାରତୀୟ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ।

ଆସନ୍ତା ମେ ୧୫ ତାରିଖରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ୟୁରୋପ ଗସ୍ତ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ୟୁଏଇର ଫୁଜୈରା ପୋର୍ଟରେ ରହିବେ। ସେଠାରେ ଉଭୟ ଦେଶ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। ଏହାପରେ ପିଏମ୍ ମୋଦୀ ନିଦରଲ୍ୟାଣ୍ଡ, ସ୍ୱିଡେନ, ନରୱେ ଏବଂ ଇଟାଲୀ ଗସ୍ତ କରିବେ।

ଇରାନ, ଆମେରିକା ଏବଂ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ଖାଡ଼ି ଦେଶଗୁଡ଼ିକରେ ବିମାନ ଚଳାଚଳ ବାଧାପ୍ରାପ୍ତ ହେଉଛି। ପଶ୍ଚିମ ଏସିଆରେ ପ୍ରାୟ ୧ କୋଟି ଭାରତୀୟ କାମ କରନ୍ତି, ଯେଉଁଥିରୁ କେବଳ ୟୁଏଇରେ ୪୩ ଲକ୍ଷରୁ ଅଧିକ ଭାରତୀୟ ଅଛନ୍ତି। ଯଦି ଯୁଦ୍ଧ ଯୋଗୁଁ ଆକାଶ ମାର୍ଗ ବନ୍ଦ ହୋଇଯାଏ, ତେବେ ଫୁଜୈରା ପୋର୍ଟ ଦେଇ ଜାହାଜ ସାହାଯ୍ୟରେ ଲକ୍ଷ ଲକ୍ଷ ଭାରତୀୟଙ୍କୁ ସିଧାସଳଖ ଭାରତ ଅଣାଯାଇପାରିବ।

ଫୁଜୈରା ପୋର୍ଟ ହୋର୍ମୁଜ୍ ଷ୍ଟ୍ରେଟର ପଶ୍ଚିମ ଦିଗରେ ଅବସ୍ଥିତ। ସାଧାରଣତଃ ପାରସ୍ୟ ଖାଡ଼ିରୁ ତେଲ ରପ୍ତାନି ପାଇଁ ହୋର୍ମୁଜ୍ ଏକମାତ୍ର



ମୁଖ୍ୟ ରାସ୍ତା। ଯଦି ଇରାନ ଏହି ରାସ୍ତାକୁ ବନ୍ଦ କରିଦିଏ, ତେବେ ସାରା ବିଶ୍ୱରେ ତେଲ ସଙ୍କଟ ଦେଖାଦେବ। କିନ୍ତୁ ଫୁଜୈରା ଏକମାତ୍ର ବନ୍ଦର ଯାହା ହୋର୍ମୁଜ୍ ଷ୍ଟ୍ରେଟ୍ ବାହାରେ ଅବସ୍ଥିତ ଏବଂ ଏଠାରୁ ଜାହାଜଗୁଡ଼ିକ ସିଧାସଳଖ ଭାରତ ମହାସାଗରକୁ ଆସିପାରିବେ।

ଫୁଜୈରା ପୋର୍ଟ କେବଳ ତେଲ ପାଇଁ ନୁହେଁ, ବରଂ ପ୍ରସ୍ତାବିତ 'ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର' ର ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହେବ। ଦୁବାଇ ବନ୍ଦରରେ କୌଣସି ସମସ୍ୟା ଉପୁଜିଲେ, ଫୁଜୈରା ଏବଂ ଖୋର ଫକ୍କର ବନ୍ଦର ଦେଇ ଭାରତୀୟ ପଣ୍ୟଦ୍ରବ୍ୟ ସଡ଼କ ମାର୍ଗରେ ୟୁଏଇକୁ ପଠାଯାଇପାରିବ।

## ଫିଲ୍ମ କ୍ରିଷ୍ଣାବତରଣମ୍ ଶୁଳ୍କମୁକ୍ତ ଘୋଷଣା



ଲକ୍ଷ୍ନୌ, ୧୧ ।୫ଃ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର 'କ୍ରିଷ୍ଣାବତରଣମ୍' ଫିଲ୍ମକୁ ରାଜ୍ୟରେ ଶୁଳ୍କମୁକ୍ତ ଘୋଷଣା କରିଛନ୍ତି। ଲୋକଭବନ ପ୍ରେକ୍ଷାଳୟରେ ହୋଇଥିବା ଫିଲ୍ମର ସ୍ୱତନ୍ତ୍ର ସ୍କ୍ରିନିଂରେ ଯୋଗଦେବା ପରେ ସେ ଏହି ଘୋଷଣା କରିଛନ୍ତି। ଏକ ସରକାରୀ ବିବୃତ୍ତି ଅନୁଯାୟୀ, ରବିବାର ରାଜ୍ୟ କ୍ୟାବିନେଟ୍ର ସମ୍ପ୍ରସାରଣ ପରେ ସ୍କ୍ରିନ୍ିଂ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟପାଳ ଆନନ୍ଦିବେନ ପଟେଲ, ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକ, କ୍ୟାବିନେଟର ଅନ୍ୟ ମନ୍ତ୍ରୀ, ବିଜେପି ରାଜ୍ୟ ଅଧ୍ୟକ୍ଷ ପଙ୍କଜ ଚୌଧୁରୀ ଓ ଅନ୍ୟ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସ୍କ୍ରିନିଂ ବେଳେ କୃଷ୍ଣକୃଷ୍ଣ ରାଧେରାଧେ ଧ୍ୱନିରେ ପ୍ରେକ୍ଷାଳୟ କମ୍ପି ଉଠିଥିଲା ବୋଲି ବିବୃତ୍ତିରେ କୁହାଯାଇଛି। ପ୍ରତି ଜିଲ୍ଲାରେ ଏହି ଫିଲ୍ମର ସ୍ୱତନ୍ତ୍ର ସ୍କ୍ରିନିଂ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟ ସୂଚନା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଯଦ୍ୱାରା ଶିଶୁ ଓ ଯୁବକମାନେ ଭାରତୀୟ ସଂସ୍କୃତି, ଐତିହ୍ୟ ସହିତ ଯୋଡ଼ି ହୋଇପାରିବେ।

## ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସରଙ୍କୁ ୧୦ କୋଟି ବଟି ଧମକ



ମୁମ୍ବାଇ, ୧୧ ।୫ଃ ବିଗବସ୍ ଓଟିଟି-୨ ବିଜେତା ତଥା ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସର ଏଲଭିସ ଯାଦବଙ୍କୁ ୧୦ କୋଟି ଟଙ୍କାର ବଟି ଦେବାକୁ ଧମକ ମିଳିଛି। ରନଦୀପ ମଲିକ ନାମକ ଜଣେ ଏକ ବିଦେଶୀ ହ୍ୱାଟ୍ସଆପ୍ ନମ୍ବରରୁ ଏଲଭିସଙ୍କୁ ଏହି ଧମକ ଦେଇଛନ୍ତି ଓ ତାଙ୍କର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସହିତ ଘନିଷ୍ଠ ସମ୍ପର୍କର୍ ରହିଛି ବୋଲି ରବିବାର ପୋଲିସ ସୂତ୍ରରୁ ଜାଣିବାକୁ ମିଳିଛି। ଦୁଇଦିନ ମଧ୍ୟରେ ଟଙ୍କା ନଦେଲେ ତାଙ୍କୁ ଗୁଳି କରିବାକୁ ଅଭିଯୁକ୍ତ ଧମକ ଦେଇଥିବା ଏଲଭିସଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ଏଲଭିସଙ୍କ ଅଭିଯୋଗ ଆଧାରରେ ସେକ୍ଟର ୫୬ ଥାନାରେ ପୋଲିସ ଏକ ମାମଲା ରୁଜୁ କରିଛି। ମାମଲାଟିକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି ଓ ଫୋନକଲ କେଉଁଠୁ ଆସିଛି ତାହା ଠାବ କରିବା ପ୍ରୟାସ କରାଯାଉଛି ବୋଲି ଜଣେ ବରିଷ୍ଠ ପୋଲିସ୍ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ଅଗଷ୍ଟ ମାସରେ କିଛି ଅଜଣା ବନ୍ଧୁକଧାରୀ ତାଙ୍କର ସେକ୍ଟର-୫୬ ସ୍ଥିତ ବାସଭବନ ବାହାରେ ଦୁଇ ଡଜନରୁ ଅଧିକ ଗୁଳି ଚଳାଇଥିଲେ। ପରେ ଦିଲ୍ଲୀ ପୋଲିସ ଏହି ଘଟଣାରେ ଦୁଇଜଣ ସୁଟରଙ୍କୁ ଗିରଫ କରିଥିଲା। ଏଲଭିସ ଯାଦବ ଏବେ 'ଲାଫଟର ସେଫ୍' କାର୍ଯ୍ୟକ୍ରମର ସୁଟିଂ ପାଇଁ ଗୁରୁଗ୍ରାମ ବାହାରେ ଅଛନ୍ତି। ଏହା ପୂର୍ବରୁ ୨୦୨୪ ମାର୍ଚ୍ଚ ମାସରେ ରେଭ ପାର୍ଟିଗୁଡ଼ିକୁ ସାପ ବିଷ ଯୋଗାଉ ଥିବା ଅଭିଯୋଗରେ ଏଲଭିସ ଗିରଫ ହୋଇଥିଲେ। ଚଳିତବର୍ଷ ମାର୍ଚ୍ଚମାସରେ ସର୍ବୋଚ୍ଚ ଅଦାଲତ ଏହି ଏଫଆଇଆର ଓ ମାମଲା ସମ୍ପର୍କୀତ ସମସ୍ତ ଆଇନଗତ ପ୍ରକି୍ରୟାକୁ ରଦ୍ଦ କରିଛନ୍ତି।

## ଖାଇକୁ ଖସିଲା ବସ୍, ୬ ମୃତ

ସିମଲା, ୧୧।୫ଃ ହିମାଚଳ ପ୍ରଦେଶର ଚମ୍ବା କାକିରାରେ ଗୁଜରାଟରୁ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ଗାଡ଼ି ଗଭୀର ଖାଇକୁ ଖସିପଡ଼ିବାରୁ ୬ ଜଣଙ୍କର ମୃତ୍ୟୁ ହୋଇଛି। ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସୋମବାର ସକାଳେ ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଏହି ଘଟଣା ଘଟିଛି। ପର୍ଯ୍ୟଟକମାନେ ହିମାଚଳ ପ୍ରଦେଶ ପରିଦର୍ଶନ କରୁଥିଲେ। ପାହାଡିଆ ରାସ୍ତାରେ ମୋଡ଼ ବୁଲିବା ବେଳେ ଗାଡ଼ିଟି ନିୟନ୍ତ୍ରଣ ହରାଇ ଏକ ଗର୍ତ୍ତରେ ଖସି ପଡ଼ିଥିଲା।

# ୨ ଭାରତୀୟଙ୍କ ସମେତ ହାଣ୍ଟା ପ୍ରଭାବିତ କ୍ରୁଜ ଯାତ୍ରୀଙ୍କୁ ଏୟାରଲିଫ୍ଟ

ମାଦ୍ରିଦ, ୧୧।୫ଃ ଦୁଇ ଭାରତୀୟଙ୍କ ସମେତ ହାଣ୍ଟା ପ୍ରଭାବିତ ଜାହାଜର ଯାତ୍ରୀମାନଙ୍କୁ ଏୟାରଲିଫ୍ଟ କରାଯାଇଛି। ଏମଭି ହୋଣ୍ଡିଅସ୍ କ୍ରୁଜରୁ ଉଦ୍ଧାର କରାଯାଇଥିବା ଯାତ୍ରୀମାନଙ୍କୁ ନେଇ ପ୍ରଥମ ବିମାନ ରବିବାର ସ୍ପେନର କ୍ୟାନେରୀ ଦ୍ୱୀପପୁଞ୍ଜର ଟେନେରିଫରୁ ମାଦ୍ରିଦ୍ ଅଭିମୁଖେ ଯାତ୍ରା କରିଛି। ସେଠାରେ ସେମାନଙ୍କୁ ଏକ ସେନା ଡାକ୍ତରଖାନାରେ ଭର୍ତ୍ତି କରାଯିବ। ସ୍ପେନର




ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ କହିଛନ୍ତି ଯେ, ଏମଭି ହୋଣ୍ଡିଅସ୍ ଟେନେରିଫରେ ଲାଗିବା ପରେ ସ୍ପେନର ଯାତ୍ରୀମାନେ ପ୍ରଥମେ ଜାହାଜରୁ ଓହ୍ଲାଇଥିଲେ। ମାଦ୍ରିଦରେ ପହଞ୍ଚିବା ପରେ ସେମାନଙ୍କୁ କ୍ୱାରେଣ୍ଟାଇନରେ ରଖାଯିବ। କେବଳ ସ୍ପେନର ନାଗରିକମାନେ ହିଁ ଦେଶରେ କ୍ୱାରେଣ୍ଟାଇନରେ ରହିବେ। କ୍ରୁଜ୍ ପରିଚାଳନା କରୁଥିବା ଓସେନୱାଇଡ୍ ଏକ୍ସପେଡିସନ୍ସ ଜାହାଜରେ ୧୩ ଜଣ ସ୍ପେନର ଯାତ୍ରୀ ଓ ଜଣେ କ୍ରିଓ ସଦସ୍ୟ ଥିବା ତାଲିକା ପ୍ରକାଶ କରିଛି। ହୋଣ୍ଡିଅସ କ୍ରୁଜରେ ଥିବା ୧୪୦ରୁ ଅଧିକ ଯାତ୍ରୀଙ୍କ ମଧ୍ୟରୁ କାହାର ଜଣକ ନିକଟରେ ବି ଭାଇରସ୍ ଲକ୍ଷଣ ପ୍ରକାଶ ପାଇନାହିଁ ବୋଲି ସ୍ପେନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଓ କ୍ରୁଇଜ୍ କମ୍ପାନୀ ଓସେନୱାଇଡ୍ ଏକ୍ସପେଡିସନ୍ସ ପକ୍ଷରୁ କୁହାଯାଇଛି। ଜାହାଜରେ ୨୦ରୁ ଊର୍ଦ୍ଧ୍ୱର୍ ଦେଶର ଯାତ୍ରୀ ଓ କ୍ରିଉ ସଦସ୍ୟ ଥିବା ବେଳେ ସେମାନଙ୍କୁ ରବିବାରରୁ ସୋମବାର ମଧ୍ୟରେ ଜାହାଜରୁ ଓହ୍ଲାଯିବ। ମେ' ୬ ତାରିଖରେ ଆଫ୍ରିକାର କେପ୍ ଭେର୍ଡେ ଛାଡ଼ିବା ପରେ ରବିବାର ସକାଳେ କ୍ରୁଜ ଟେନେରିଫରେ ପହଞ୍ଚିଛି।

## ମୁଖ୍ୟ ଅଭିଯୁକ୍ତକୁ ଧରାଇଲା ୟୁପିଆଇ ପେମେଣ୍ଟ

କୋଲକାତା୧୧।୫ଃ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଅତି ନିକଟତର ସହଯୋଗୀ ତଥା ପୂର୍ବତନ ବାୟୁସେନା କର୍ମଚାରୀ ଚନ୍ଦ୍ରନାଥ ରଥଙ୍କ ହତ୍ୟା ମାମଲାରେ ପୁଲିସକୁ ବଡ଼ ସଫଳତା ମିଳିଛି। ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବା ପାଇଁ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଉତ୍ତରପ୍ରଦେଶରେ ଚଢ଼ାଉ କରି ୩ ଜଣ ସନ୍ଦିଗ୍ଧଙ୍କୁ ହେପାଜତକୁ ନେଇଛି। ଏହି ଗିରଫଦାରୀ ପଛରେ ଜଣେ ଅପରାଧୀର ଗୋଟିଏ 'ଡିଜିଟାଲ୍ ଭୁଲ୍' ପୁଲିସ ପାଇଁ ବରଦାନ ସାଜିଛି। ହେପାଜତକୁ ନିଆଯାଇଥିବା ସନ୍ଦିଗ୍ଧମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ହେଉଛି ରାଜ ସିଂ। ସୂଚନା ଅନୁଯାୟୀ, ରାଜ ସିଂ ବଲିଆର ବାସିନ୍ଦା ହୋଇଥିବା ବେଳେ ସେ ବିହାରର ବକ୍ସର ଅଞ୍ଚଳରେ ରହୁଥିଲା। ହତ୍ୟାକାଣ୍ଡ ପରେ



ସେ ଉତ୍ତରପ୍ରଦେଶର ଅଯୋଧ୍ୟାରେ ଆତ୍ମଗୋପନ କରିଥିଲା। କୋଲକାତା ପୁଲିସ ଏବଂ ଅଯୋଧ୍ୟା ପୁଲିସର ଏକ ମିଳିତ ଅପରେସନରେ ତାକୁ କାବୁ କରାଯାଇ କୋଲକାତା ଅଣାଯାଇଛି। ଏହି ପେସାଦାର ହତ୍ୟାକାଣ୍ଡର ତଦନ୍ତ କରୁଥିବା ବେଳେ ପୁଲିସକୁ ଏକ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିଲା। ହତ୍ୟା ପୂର୍ବରୁ ଅପରାଧୀମାନେ ବ୍ୟବହାର କରୁଥିବା କାର୍ ଯେତେବେଳେ ହାଓଡ଼ାର ବାଲି ଟୋଲ୍ ପ୍ଲାଜା ଅତିକ୍ରମ କରିଥିଲା, ସେଠାରେ ସେମାନେ ନଗଦ ଟଙ୍କା କିମ୍ବା ଫାସଟ୍ୟାଗ୍ ବଦଳରେ ୟୁପିଆଇ ମାଧ୍ୟମରେ ଟୋଲ୍ ଦେୟ ପୈଠ କରିଥିଲେ। ଏହି ଗୋଟିଏ ଡିଜିଟାଲ୍ ଟ୍ରାଞ୍ଜାକସନ୍ ପୋଲିସକୁ ହତ୍ୟାକାରୀଙ୍କ ମୋବାଇଲ୍ ନମ୍ବର ଏବଂ ବ୍ୟାଙ୍କ୍ ଡିଟେଲ୍ସ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲା।

## ବିଜେପି ଯୁବ ମୋର୍ଚ୍ଚା ନେତାଙ୍କୁ ଗୁଳି



ଲକ୍ଷ୍ନୌ, ୧୧।୫ଃ ବିଜେପି ଯୁବ ମୋର୍ଚ୍ଚାର ନେତାଙ୍କୁ ଗୁଳି କରିଥିବା ଅଭିଯୋଗରେ ସିଟି ପୋଲିସ୍ ସୋମବାର ବୈଭବ ବାଜପେୟୀ ନାମକ ଜଣେ ଯୁବକକୁ ଗିରଫ କରିଛି। ଉତ୍ତର ପ୍ରଦେଶର ବଜରଖାଲାରେ ବିଜେପି ଯୁବ ମୋର୍ଚ୍ଚାର ନେତା ଚେତନ ତିୱାରୀଙ୍କ ଘରେ ପଶି ବୈଭବ ଶନିବାର ତାଙ୍କୁ ଗୁଳି ମାଡ଼ କରିଥିଲା ବୋଲି ପୋଲିସ୍ କହିଛି। ଚେତନ ତିୱାରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଏବଂ ତାଙ୍କର ଚିକିତ୍ସା ଚାଲିଛି। ଗୁଳି ମାଡ଼ ପରେ ତାଙ୍କର ଦୁଇଟି ଗୋଡ ଅକାମୀ ହୋଇଯାଇଥିବା ଡାକ୍ତର କହିଛନ୍ତି। ଅଭିଯୁକ୍ତ ବୈଭବ ବାଜପେୟୀ ପୋଲିସକୁ କହିଛି ଯେ, ଚେତନ ତାକୁ ଲୋକଙ୍କ ଆଗରେ ବଦନାମ କରୁଥିଲେ। ତାକୁ ଏଡସ୍ ହୋଇଛି ବୋଲି ଚେତନ ପ୍ରଚାର କରିଥିଲେ। ଦୁର୍ନାମ ସହି ନପାରି ସେ ଚେତନଙ୍କୁ ରାସ୍ତାରୁ ହଟାଇବାକୁ ପ୍ଲାନ୍ କରିଥିଲା।

ୱେଷ୍ଟଜୋନ୍ ଡିସିପି କମଳେଶ ଦିକ୍ଷୀତ କହିଛନ୍ତି, ସାର୍ବଜନୀନ ସ୍ଥାନରେ ବୈଭବକୁ ଅପବାଦର ସାମ୍ନା କରିବାକୁ ପଡୁଥିଲା। ତେଣୁ ସେ ଚେତନଙ୍କୁ ମାରିବାକୁ ଯୋଜନା କରିଥିଲା। ତେବେ ଅଭିଯୁକ୍ତର ଦାବିରେ କେତେ ସତ୍ୟତା ରହିଛି ସେନେଇ ପୋଲିସ ତଦନ୍ତ କରୁଛି। ପ୍ରାପ୍ତ ସୂଚନା ଅନୁସାରେ, ବୈଭବ ନିଜର ବନ୍ଧୁମାନଙ୍କ ସହ ରବିବାର ରାତି ପ୍ରାୟ ୧୧ଟାରେ ଚେତନଙ୍କ ଘର ପାଖରେ ପହଞ୍ଚିଥିଲା। ପତ୍ନୀ ଏବଂ ନିଜ ନବଜାତ ଶିଶୁ ସହ ଚେତନ ଘରେ ଥିଲେ। ବୈଭବ ତାଙ୍କ ଉପରେ ଗୁଳି ଚଳାଇଥିଲା। ଗୋଟିଏ ଗୁଳି ଚେତନଙ୍କ ଅଣ୍ଟାରେ ବାଜି ମେରୁଦଣ୍ଡରେ ଅଟକି ଯାଇଥିଲା।

## ଭାରତକୁ ନେଇ ବାଲେନ୍ ସରକାରଙ୍କ କଠୋରତା ବଢ଼ିଲା

କାଠମାଣ୍ଡୁ, ୧୧।୫ଃ ଭାରତୀୟ ପର୍ଯ୍ୟଟକମାନେ ନେପାଳରେ ୩୦ ଦିନରୁ ଅଧିକ ରହିପାରିବେ ନାହିଁ। ୩୦ ଦିନ ପାଇଁ ସେମାନଙ୍କୁ ଗାଡ଼ିର କଷ୍ଟମ୍ ଶୁଳ୍କ ଦେବାକୁ ପଡ଼ିବ ବୋଲି ନେପାଳର ବାଲେନ୍ ସରକାର ଏକ ନୂଆ ନିୟମ ଲାଗୁ କରିଛନ୍ି। ୩୦ ଦିନ ପରେ ଶୁଳ୍କ ଦେଲେ ମଧ୍ୟ ସେମାନଙ୍କୁ ନେପାଳରେ ରହିବାକୁ ଅନୁମତି ମିଳିବ ନାହିଁ। ବରଂ ସେମାନଙ୍କ ଗାଡ଼ିକୁ ଜବତ କରି ନିଆଯିବ ବୋଲି ଏହି ନିୟମରେ କୁହାଯାଇଛି। ସେହିପରି ଭାରତୀୟ ମାଲବାହୀ ଯାନଗୁଡ଼ିକ ପାଇଁ ନେପାଳ ଅଲଗା ବ୍ୟବସ୍ଥା କରାଯାଇଛି। ଭାରତୀୟ



ଟ୍ରକ୍ଗୁଡ଼ିକୁ ନେପାଳରେ ପ୍ରବେଶ କରିବାକୁ ହେଲେ ନେପାଳୀ ମୁଦ୍ରାରେ ୧୭୦୦ ଟଙ୍କା ଶୁଳ୍କ ଦେବାକୁ ହେବ। ନେପାଳରୁ ମାଲ୍ ଲୋଡ୍ କରି ଦୁଇ ଦିନ ମଧ୍ୟରେ ଭାରତ ଫେରିବାକୁ ପଡ଼ିବ। ସେହିପରି ଭାରତରୁ ମାଲ୍ ନେଇ ନେପାଳ ଆସୁଥିବା ଗାଡ଼ିଗୁଡ଼ିକୁ ପ୍ରବେଶ ପୂର୍ବରୁ ୧୫୦୦ ନେପାଳୀ ଟଙ୍କା କଷ୍ଟମ୍ ଶୁଳ୍କ ଦେବାକୁ ପଡ଼ିବ। ଏହି ଟ୍ରକ୍ ଗୁଡ଼ିକୁ ୭୨ ଘଣ୍ଟା ମଧ୍ୟରେ ନେପାଳ ଛାଡ଼ିବାକୁ ହେବ। ଯଦି ୭୨ ଘଣ୍ଟାରୁ ଅଧିକ ସମୟ ଭାରତୀୟ ଟ୍ରକ୍ ନେପାଳରେ ରହେ, ତେବେ ସେମାନଙ୍କୁ ୨୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ।

## ତୁର୍କୀ ବିମାନରେ ନିଆଁ



କାଠମାଣ୍ଡୁ,୧୧।୫ଃ ଅବତରଣ ସମୟରେ ବିମାନ ଟାୟାରରେ ନିଆଁ ଲାଗିଯାଇଥିବା ବେଳେ ଅଳ୍ପକେ ୨୭୮ ଜଣ ଯାତ୍ରୀ ବଞ୍ଚି ଯାଇଛନ୍ତି। ନେପାଳ କାଠମାଣ୍ଡୁର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏପରି ଅଘଟଣ ଘଟିଛି। ଅବତରଣ କରିବା ସମୟରେ ତୁର୍କୀ ଏୟାରଲାଇନ୍ସର ଏକ ବିମାନର ଟାୟାରରେ ନିଆଁ ଲାଗିଯାଇଥିଲା। ବିମାନ ରହିବାମାତ୍ରେ ଜରୁରୀକାଳୀନ ଦ୍ୱାର ଖୋଲା ଯାଇ ଯାତ୍ରୀ ଏବଂ କ୍ରୁ ମେମ୍ବରକୁ ସୁରକ୍ଷିତ ବାହାର କରାଯାଇଥିଲା। ଇସ୍ତାନବୁଲରୁ ଆସୁଥିବା ବିମାନ ଟିକେ୭୨୬ କାଠମାଣ୍ଡୁର ତ୍ରିଭୁବନ ବିମାନ ବନ୍ଦରରେ ଅବତରଣ କରିଥିଲା। ଏହାର ଡାହାଣ ଲ୍ୟାଣ୍ଡିଂ ଗିୟରରେ ନିଆଁ ଏବଂ ଧୂଆଁ ଦେଖିବାକୁ ମିଳିଥିଲା। ଜରୁରୀକାଳୀନ କର୍ମଚାରୀ ତୁରନ୍ତ ନିଆଁ ଲିଭା କାର୍ଯ୍ୟ କରିଥିଲେ। ତୁର୍କୀ ଏୟାରଲାଇନ୍ସର ଏୟାରବସ୍ ବିମାନରେ ୨୭୮ ଜଣ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରେ କିଛି ଜାତିସଂଘ ଅଧିକାରୀ ମଧ୍ୟ ଥିଲେ। କେଉଁ କାରଣରୁ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନି। ନେପାଳର ପାର୍ବତ୍ୟ ଭୂଖଣ୍ଡ ଏବଂ ପରିବର୍ତ୍ତନଶୀଳ ପାଗ ଉଡାଣ ପରିସ୍ଥିତିକୁ ଜଟିଳ କରିଥାଏ। ଏହା ଫଳରେ ବିମାନ ଦୁର୍ଘଟଣା ସଂଖ୍ୟା ଅଧିକ ହୋଇଥାଏ। ୨୦୧୫ ମସିହାରେ କାଠମାଣ୍ଡୁର ଘନ କୁହୁଡ଼ିରେ ଅବତରଣ କରିବା ସମୟରେ ତୁର୍କୀର ଏୟାରଲାଇନ୍ସର ଏକ ବିମାନ ରନୱେରୁ ଖସି ଯାଇଥିଲା ।

# ଦୋଛକିରେ ଇରାନ: ତେଲ ବିକିପାରୁନି କି ରଖିପାରୁନି

ତେହେରାନ,୧୧।୫ଃ ହୋର୍ମୁଜରେ ଆମେରିକାର ଅବରୋଧ ଯୋଗୁଁ ଇରାନ ବେଶ୍ ପ୍ରଭାବିତ ହେଉଛି। ତୈଳ ରପ୍ତାନୀ ବାଧାପ୍ରାପ୍ତ ହେବା ସତ୍ତ୍ୱେ ତୈଳ ଉତ୍ପାଦନ ଜାରି ରହିଥିବାରୁ ସଂରକ୍ଷଣ ପାଇଁ ଇରାନ ପାଖରେ ଯଥେଷ୍ଟ ଜାଗା ନାହିଁ। ତେଣୁ ଇରାନ ସମୁଦ୍ରରେ ତେଲ ନଷ୍ଟ କରୁଛି ବୋଲି ଏକ ସାଟେଲାଇଟ୍ ଚିତ୍ର ପ୍ରକାଶ କରିଛି।

ପ୍ରାପ୍ତ ତଥ୍ୟ ଅନୁଯାୟୀ, ଅଦ୍ୟାବଧି ଇରାନ ସମୁଦ୍ରରେ ୩ ହଜାର ବ୍ୟାରେଲରୁ ଅଧିକ ତେଲ ନଷ୍ଟ କରିଦେଇଥିବା ରିପୋର୍ଟ ପ୍ରକାଶ ପାଇଛି। ଇରାନ ପ୍ରତ୍ୟେକ ଦିନ ୩୦ ଲକ୍ଷ ବ୍ୟାରେଲରୁ ଅଧିକ ଅଶୋଧିତ ତୈଳ ଉତ୍ପାଦନ କରୁଥିବା ବେଳେ ସମୁଦ୍ରକୁ ୩ ହଜାର ବ୍ୟାରେଲ୍ ତୈଳ ଛାଡ଼ି ଦେଇଛି ବୋଲି ରିପୋର୍ଟରେ କୁହାଯାଇଛି। ଇରାନର ଅଧିକାଂଶ ତୈଳ ଭାଗ ଖାର୍ଗ ଦ୍ୱୀପ ସ୍ଥିତ



ମୁଖ୍ୟ ଏକ୍ସପୋର୍ଟ ଟର୍ମିନାଲକୁ ପଠାଯାଇଥାଏ। କିନ୍ତୁ ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ବନ୍ଦ ରହିବା ଓ ଇରାନ ବନ୍ଦର ଉପରେ ଆମେରିକୀୟ ନୌସେନା ଅବରୋଧ ବଳବତ୍ତର ରଖିବା ଯୋଗ ଇରାନର ତୈଳ ଟ୍ୟାଙ୍କର ବାହାରକୁ ବାହାରି ପାରୁନାହାନ୍ତି। ଫଳରେ ଇରାନ ତେଲ ବିକ୍ରି କରିପାରୁ ନାହିଁ। ପୁଣି ଉତ୍ପାଦନ ଜାରି ରହିଥିବାରୁ ତେଲ ଗଚ୍ଛିତ କରି ରଖିବାକୁ ଇରାନ ପାଖରେ ଆଉ ଜାଗା ମଧ୍ୟ ନାହିଁ। ଇରାନ୍ ଅଫ୍ସୋର ଟ୍ୟାଙ୍କ୍ ତଥା ଭାସମାନ ସଂରକ୍ଷଣ ଜାହାଜକୁ ସକ୍ରିୟ କରିଥିଲେ ହେଁ ତାହା ମଧ୍ୟ ଭର୍ତ୍ତି ହୋଇସାରିଛି। ଅତଏବ ତେଲକୁ ସମୁଦ୍ରରେ ନଷ୍ଟ କରିବା ବ୍ୟତୀତ ଇରାନ୍ ନିକଟରେ ଅନ୍ୟଗତି ନାହିଁ।

ଅପରପକ୍ଷେ, ଇରାନ ଇଚ୍ଛାକଲେ ମଧ୍ୟ ତୈଳ ଉତ୍ପାଦନ ବନ୍ଦ କରିପାରିବ ନାହିଁ। ତୈଳ ଉତ୍ପାଦନ ଦୀର୍ଘ ସମୟ ଧରି ବନ୍ଦ ରହିଲେ ତୈଳ କୂଅଗୁଡ଼ିକ ମଧ୍ୟକୁ ପାଣି ଓ ଗ୍ୟାସ୍ ପ୍ରବେଶ କରିବାର ଆଶଙ୍କା ରହିଛି। ତେଣୁ ଇରାନ୍ ଆବଶ୍ୟକତା ନଥିଲେ ବି ତୈଳ ଉତ୍ପାଦନ ଜାରି ରଖିଛି।

## ଇରାନ୍ ଉତ୍ତରରେ ଟ୍ରମ୍ପ୍ ଖପ୍ପା

ୱାଶିଂଟନ,୧୧।୫ଃ ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ଦେଇଥିବା ପ୍ରସ୍ତାବକୁ ସମୀକ୍ଷା କରି ଇରାନ୍ ଯେଉଁ ପ୍ରତ୍ୟୁତ୍ତର ଫେରାଇଛି ସେଥିରେ ଆମେରିକା ସନ୍ତୁଷ୍ଟ ହୋଇନାହିଁ। ଓଲଟି ମଧ୍ୟପ୍ରାଚ୍ୟରେ ଭୟଙ୍କର ସଂଘର୍ଷ ବନ୍ଦ କରିବା ପାଇଁ ହୋଇଥିବା ପ୍ରୟାସକୁ ଏହା ଏକ ବଡ଼ ଝଟକା ବୋଲି ବିଶ୍ୱ କୂଟନୀତିଜ୍ଞମାନେ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ସେ ଯୁଦ୍ଧ ସମାପ୍ତ କରିବା ପାଇଁ ୱାଶିଂଟନର ଶାନ୍ତି ପ୍ରସ୍ତାବ ପ୍ରତି ଇରାନର ପ୍ରତିକ୍ରିୟା ସମୀକ୍ଷା କରିଛନ୍ତି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ସେ ଇରାନର ପ୍ରତିକ୍ରିୟାରେ ଖୁସି ନୁହଁନ୍ତି। ଇରାନ ବି ଆମେରିକା ଶାନ୍ତି ପ୍ରସ୍ତାବକୁ ଖାରଜ କରିଛି।

ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ କହିଛନ୍ତି ଯେ, ଇରାନୀ ପ୍ରତିନିଧିମାନେ



ଯେଉଁ ପ୍ରତିକ୍ରିୟା ଦେଇଛନ୍ତି ତାହା ତାଙ୍କ ଆଶା ପୂରଣ କରିନାହିଁ। ଇରାନ ଗତ ୪୭ ବର୍ଷ ଧରି ଆମେରିକା ଏବଂ ସମଗ୍ର ବିଶ୍ୱ ସହିତ ଖେଳୁଛି। ପାକିସ୍ତାନୀ ମଧ୍ୟସ୍ଥିଙ୍କ ମାଧ୍ୟମରେ ଆମେରିକା ପାଖରେ ପହଞ୍ଚିଥିବା ଏହି ପ୍ରସ୍ତାବରେ ଇରାନ ଅନେକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ରଖିଛି। ଇରାନୀ ନ୍ୟୁଜ ଏଜେନ୍ସି ତସନିମ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇରାନ ଲେବାନନରେ ଆକ୍ରମଣ ବନ୍ଦ କରିବାକୁ ଦାବି କରିଛି। ଏଥିସହିତ ତା'ର ସମସ୍ତ ବନ୍ଦରରୁ ଅବରୋଧ ହ ଟାଇବାକୁ ଦାବି କରିଛି। ଆଇଆରଏନ୍ଏ ରିପୋର୍ଟ ଅନୁସାରେ, ଇରାନ ନିଜ ଜବାବରେ ଯୁଦ୍ଧ ଶେଷ କରିବା ଏବଂ ପାରସ୍ୟ ଉପସାଗର ସମେତ ହୋର୍ମୁଜର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛି।

# ଲୋକଙ୍କୁ ଶାନ୍ତ ରହିବାକୁ ରାଜନାଥଙ୍କ ଅନୁରୋଧ



**ଆଇଜିଓଏମ୍‌ର ୫ମ ବୈଠକ**

ନୂଆଦିଲ୍ଲୀ,୧୧।୫: ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଶକ୍ତି ସମସ୍ୟା ସମ୍ପର୍କରେ ସମୀକ୍ଷା କରିବା ପାଇଁ ସୋମବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୌପଚାରିକ ସଶକ୍ତ ମନ୍ତ୍ରୀ ଗୋଷ୍ଠୀ (ଆଇଜିଓଏମ୍) ବୈଠକ ଅନୁଷ୍ଠିତ ହୋଇଛି। ମଧ୍ୟପ୍ରାଚ୍ୟ ସଂକଟ ଉପରେ ନଜର ରଖିବା ପାଇଁ ସ୍ୱତନ୍ତ୍ର ଭାବେ ଗଠିତ ଆଇଜିଓଏମ୍‌ର ଏହା ହେଉଛି ପଞ୍ଚମ ବୈଠକ। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହାଇଦ୍ରାବାଦର ଏକ ସଭାକୁ ସମ୍ବୋଧିତ କରି ବିଶ୍ୱରେ ସୃଷ୍ଟି ହୋଇଥିବା ସଂକଟଜନକ ସ୍ଥିତି ଉପରେ ଆଲୋକପାତ କରିବା ସହିତ ମଧ୍ୟପ୍ରାଚ୍ୟ ଉତ୍ତେଜନା ଯୋଗୁ ଦେଖା ଦେଇଥିବା ଅର୍ଥନୈତିକ ସଂକଟକୁ ମିଳିତ ଭାବରେ ମୁକାବିଲା କରିବା ପାଇଁ ଦେଶବାସୀଙ୍କୁ ଅନୁରୋଧ କରିଥିଲେ। ସୋମବାର ସଶକ୍ତ ମନ୍ତ୍ରୀପରିଷଦ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନକୁ ଉପଲକ୍ଷ୍ୟ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ନେଇ ଲୋକମାନେ ଆତଙ୍କିତ ହୁଅନ୍ତୁ ନାହିଁ। ସରକାର ସବୁ ପ୍ରକାର ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି। ଗଚ୍ଛିତ ତୈଳ ପରିମାଣ କମିବା ସହିତ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ତାହାର ସମାଧାନ ଦିଗରେ ସରକାର ସମ୍ଭାବିତ ପଦକ୍ଷେପ ନେଉଛନ୍ତି। ହୋଇ ଲୋକମାନେ ଭୟଭୀତ ନ ହୋଇ ଶାନ୍ତ ରହିବାକୁ ପ୍ରତିରକ୍ଷାମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

## ନିହତ ବିଜେପି କର୍ମୀଙ୍କ ପରିବାରର ଦାୟିତ୍ୱ ନେବେ ସରକାର

କୋଲକାତା,୧୧।୫ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି (ବିଜେପି) ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି ଯେ ରାଜନୈତିକ ହିଂସାରେ ପ୍ରାଣ ହରାଇଥିବା ୩୨୧ ଜଣ ବିଜେପି କର୍ମୀଙ୍କ ପରିବାରର ଦାୟିତ୍ୱ ରାଜ୍ୟ ସରକାର ବହନ କରିବେ। ସୋମବାର ନୂତନ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନବାନ୍ନରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନବନିଯୁକ୍ତ ପାଞ୍ଚଜଣ ମନ୍ତ୍ରୀ ଓ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୩୨୧ ଜଣ ବିଜେପି କର୍ମୀ ସେମାନଙ୍କ ଜୀବନ ବଳିଦାନ ଦେଇଛନ୍ତି। ସରକାର ସେମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ସେମାନଙ୍କ ପରିବାର ସହିତ ଦୃଢ଼ ଭାବରେ ଠିଆ ହୋଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜନୈତିକ ହତ୍ୟାକାଣ୍ଡରେ ଜଡ଼ିତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସେ ଦୃଢ଼ ଭାବରେ କହିଥିଲେ ଯେ, ଡବଲ-ଇଞ୍ଜିନ୍ ସରକାର ସମସ୍ତ ନାଗରିକଙ୍କ କଲ୍ୟାଣ ପାଇଁ ଦଳୀୟ ରାଜନୀତିରୁ ଉପରକୁ ଉଠି ସମସ୍ତଙ୍କ କଲ୍ୟାଣ ପାଇଁ କାମ କରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ‘ଅରେଞ୍ଜ ଇକୋନୋମି’...

ସଂଘର୍ଷମୟ ଇତିହାସକୁ ସ୍ମରଣ କରି କହିଥିଲେ ଯେ ସୋମନାଥ ମନ୍ଦିରର ପୁନରୁଦ୍ଧାର ଥିଲା ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଭାରତୀୟ ସଭ୍ୟତାର ପୁନଃ ସ୍ଥାପନର ଶୁଭାରମ୍ଭ ଓ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତର ସାଂସ୍କୃତିକ ପୁନର୍ଜାଗରଣ ଘଟୁଛି। ଆକ୍ରମଣକାରୀମାନେ ବାରମ୍ବାର ମନ୍ଦିର ଧ୍ୱଂସ କରି ଭାରତର ଆତ୍ମାକୁ ମାଟିରେ ମିଶାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସନାତନୀଙ୍କ ରକ୍ତରେ ପ୍ରବାହିତ ଆସ୍ଥା ଯୋଗୁଁ ଏହା ପ୍ରତିଥର ପୁନର୍ବାର ଠିଆ ହୋଇଛି ବୋଲି ସେ କହିଥିଲେ। ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଦୃଢ଼ ସଂକଳ୍ପ ଯୋଗୁଁ ହିଁ ସୋମନାଥ ମନ୍ଦିରର ପୁନର୍ନିର୍ମାଣ ସମ୍ଭବ ହୋଇପାରିଥିଲା। ତତ୍କାଳୀନ ରାଜନୈତିକ ବାଧାବିଘ୍ନ ଓ ତଥାକଥିତ ଧର୍ମ ନିରପେକ୍ଷତା ନାଁରେ ହୋଇଥିବା ବିରୋଧକୁ ସମାଲୋଚନା କରି ସେ କହିଥିଲେ ଯେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ‘ନୂତନ ଭାରତ’ ନିଜର ପରିଚୟକୁ ନେଇ ଗର୍ବିତ। ମୋଦିଙ୍କ ‘ବିକାଶ ଭି, ବିରାସତ ଭି’ ମନ୍ତ୍ର ଆଜି କାଶୀ ବିଶ୍ୱନାଥ କରିଡରଠାରୁ ଆରମ୍ଭ କରି ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ସବୁଠି ପ୍ରତିଫଳିତ ହେଉଛି। ଓଡ଼ିଶାର ବିକାଶ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ସରକାର ରାଜ୍ୟର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀଙ୍କ ‘ବିକାଶ ଭି, ବିରାସତ ଭି’ ନୀତି ଅନୁଯାୟୀ ଓଡ଼ିଶା ସରକାର ୩୩୩୦ କୋଟି ଟଙ୍କା ବିନିଯୋଗରେ ଏକାମ୍ର କ୍ଷେତ୍ରର ବିକାଶ ଓ ୧ ହଜାର କୋଟି ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଭଳି ପ୍ରକଳ୍ପ ଓଡ଼ିଶାକୁ ଭାରତର ସାଂସ୍କୃତିକ ରାଜଧାନୀ ଭାବେ ପ୍ରତିଷ୍ଠା କରିବ। ଏଥିସହ ‘ଅରେଞ୍ଜ ଇକୋନୋମି’ ବା ସଂସ୍କୃତିଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ ଦେଇ ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ତାଙ୍କ ସରକାରର ମୂଳ ଲକ୍ଷ୍ୟ ବୋଲି କହିବା ସହ ସେ ସର୍ଦ୍ଦାର ପଟେଲଙ୍କ ସାହସ ଓ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ପାଥେୟ କରି ଏକ ‘ସମୃଦ୍ଧ ଓଡ଼ିଶା’ ଓ ‘ବିକଶିତ ଭାରତ’ ଗଠନ ପାଇଁ ସେ ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ଆହ୍ୱାନ ଦେଇଥିଲେ।

### ଚାରି ଲେନ୍‌ବିଶିଷ୍ଟ...

ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇପାରିବ। ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଦୋକାନ, ପେଟ୍ରୋଲ ପମ୍ପ, ହୋଟେଲ, ଗୋଦାମ ଏବଂ କ୍ଷୁଦ୍ର ଶିଳ୍ପକୁ ଆକର୍ଷିତ କରିବ ଓ ସ୍ଥାନୀୟ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସ୍କୁଲ, କଲେଜ, ହସ୍ପିଟାଲ ଓ ସରକାରୀ କାର୍ଯ୍ୟାଳୟକୁ ଯିବା ଆସିବା ଅଧିକ ସୁବିଧାଜନକ ହୋଇପାରିବ। ଅଧିକ ପ୍ରଶସ୍ତ ରାସ୍ତା ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବା ସହ ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରିବ। ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଭ୍ୟନ୍ତରୀଣ ଅଞ୍ଚଳକୁ ଯୋଗାଯୋଗ ସୁଗମ ହେବା ସହ ପଶ୍ଚିମ ଓଡ଼ିଶାର ଦୀର୍ଘକାଳୀନ ଅଭିବୃଦ୍ଧିରେ ଏହି ନୂତନ ରାସ୍ତା ବିଶେଷ ଭୂମିକା ନିର୍ବାହ କରିବ। ଏହି ରାସ୍ତା ମଧ୍ୟରେ ଥିବା ୫ଟି ମୁଖ୍ୟ ସେତୁ ଓ ୧୫ଟି ଛୋଟ ସେତୁର ମଧ୍ୟ ନିର୍ମାଣ କରାଯିବ। ଏଥିସହ ତେଲ ନଦୀ ଉପରେ ଥିବା ପୁରୁଣା ସେତୁର ମଧ୍ୟ ମରାମତି ଓ ନବୀକରଣ ହେବ। ପ୍ରାୟ ୭୦ କିମି ଦୀର୍ଘ ଏହି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୬୪୦ କୋଟି ବ୍ୟୟବରାଦ ହୋଇଥିବା ବେଳେ ସେତୁ ନିର୍ମାଣ ପାଇଁ ପ୍ରାୟ ୯୧ କୋଟି ଟଙ୍କା ଖର୍ଚ୍ଚ ହେବ।

### ପଞ୍ଚାୟତ ଦଖଲ...

ସମସ୍ତ କମିଟି ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାକି ଥିବା ବିକାଶମୂଳକ କାମ ସାରିବାକୁ ମଧ୍ୟ କୁହାଯାଇଛି। ବିଧାୟକ, ସାଂସଦଙ୍କ ସହ ସଂଗଠନରେ ଥିବା ନେତାଙ୍କ ମଧ୍ୟରେ ସମନ୍ୱୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଣିକି ପ୍ରତି ମାସରେ ବସିବ ପାର୍ଲାମେଣ୍ଟ କୋର କମିଟି (ପିସିସି) ବୈଠକ। ଏଥିସହ ମାସର ପ୍ରଥମ ସପ୍ତାହରେ ମଣ୍ଡଳ, ଦ୍ୱିତୀୟ ସପ୍ତାହରେ ଜିଲ୍ଲା, ତୃତୀୟ ସପ୍ତାହରେ ଶକ୍ତି କେନ୍ଦ୍ର ଓ ଚତୁର୍ଥ ସପ୍ତାହରେ ବସିବ ବୁଥ ବୈଠକ। ଇତିମଧ୍ୟରେ ପ୍ରାୟ ୧୦ଟି ସଂସଦୀୟ କ୍ଷେତ୍ରର ବୈଠକ ସରିଥିବା ବେଳେ ଖୁବ୍‌ଶୀଘ୍ର ଅନ୍ୟ କ୍ଷେତ୍ରଗୁଡ଼ିକର ମଧ୍ୟ ବୈଠକ ହେବ। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମସ୍ତ ୩୦ଟିଯାକ ଜିଲ୍ଲା ପରିଷଦ ସଭାପତି ପଦ ହାତେଇଥିଲା। ଏଥିସହ ନିର୍ବାଚନ ହୋଇଥିବା ୮୫୩ ଜିଲ୍ଲା ପରିଷଦ ମଧ୍ୟରୁ ବିଜେଡି ଏକାକୀ ୭୭୨ଟି ଆସନରୁ ଜିତିଥିବା ବେଳେ ବିଜେପି, କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ୭୨ଟି ଆସନରୁ ଜିତିଥିଲେ। ଏବେ କିନ୍ତୁ ବିଜେଡି ପାଇଁ ସ୍ଥିତି ଭଲ ନାହିଁ। ପଞ୍ଚାୟତ ପ୍ରତିନିଧି ବିଜେପିମୁହାଁ ହେବା ଦଳୀୟ ନେତାଙ୍କ ଟେନସନ୍ ବଢ଼ାଇଦେଇଛି। ଅବଶ୍ୟ ନବୀନ ପଟ୍ଟନାୟକ ସେମାନଙ୍କୁ ରୋକିବାକୁ କସରତ କରୁଛନ୍ତି, କିନ୍ତୁ ତା’ କାମ ଦେଉନି।

### ଆଖିରେ ଅନ୍ଧପୁଟୁଳି...

ଅଭିଯୋଗ କରିଛନ୍ତି। ବାଲି ବୋଝେଇ ଟ୍ରକ୍ ଚଳାଚଳ ଯୋଗୁଁ ଗାଁ ରାସ୍ତା ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିବା ବେଳେ ଗ୍ରାମବାସୀ ଏହାର ପ୍ରତିବାଦ କଲେ ଲିଜ୍‌ଧାରୀଙ୍କ ଦ୍ୱାରା ନିଯୋଜିତ ଅସାମାଜିକ ତତ୍ତ୍ୱମାନେ ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଏହି ପ୍ରସଙ୍ଗରେ ଗ୍ରାମବାସୀ ଅଭିନା କୁମାର ଜେନାଙ୍କ ନେତୃତ୍ୱରେ ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନଜିଟି), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଭାବେ ନିବେଦନ କରାଯାଇଛି। ପଙ୍କପାଳ-୨ ବାଲିଘାଟକୁ ତୁରନ୍ତ ବନ୍ଦ କରିବା ସହ ଏକ ସ୍ୱତନ୍ତ୍ର ଡ୍ରୋନ୍ ସର୍ଭେ ମାଧ୍ୟମରେ କେତେ ବାଲି ଉତ୍ତୋଳନ ହୋଇଛି, ତା’ର ହିସାବ କରି କ୍ଷତିପୂରଣ ଆଦାୟ କରିବାକୁ ଦାବି ହୋଇଛି। ଯଦି ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଏକ ବୃହତ ଗଣଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ସୀମା ଟପିଲା...

ସାଙ୍ଗମାନେ ପିଟିପିଟି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ନୟାଗଡ଼ର ଓଡ଼ଗାଁ ଥାନାଞ୍ଚଳରେ ଗଡ଼ିଛି ଅଜିତ ସାହୁ ନାମକ ଯୁବକଙ୍କ ମୁଣ୍ଡ। ଏଠାରେ ଚୋରା ମାଙ୍କଡ଼ା ପଥର ଖଣିକୁ ବିରୋଧ କରି ଉକ୍ତ ଯୁବକ ଜଣଙ୍କ ତାଙ୍କ ପ୍ରାଣ ହରାଇଛନ୍ତି। ଓଡ଼ଗାଁ ଥାନାଞ୍ଚଳର ବିଭିନ୍ନ ସ୍ଥାନରେ ଚୋରା ମାଙ୍କଡ଼ା ପଥର ଖଣି ଚାଲିଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଆସୁଥିଲେ। ତେବେ ଆଜି କଦଳୀ ବନ୍ଧଠାରେ ମାଙ୍କଡ଼ା ପଥର ବୋଝେଇ ଗାଡ଼ିକୁ ଅଟକାଇ ବିଜୟ ମଣ୍ଡପ ସାହିର ଅଜିତ ସାହୁ ଓ ତାଙ୍କର ଜଣେ ବନ୍ଧୁ ପୁଲିସକୁ ଖବର ଦେଇଥିଲେ। କିନ୍ତୁ ପୁଲିସ୍ ସଠିକ୍ ସମୟରେ ପହଞ୍ଚି ନଥିଲା। ଫଳରେ ମାଙ୍କଡ଼ା ପଥର ମାଫିଆମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ତେବେ ସାଙ୍ଗ ଜଣଙ୍କ ଖସି ପଳାଇଥିଲେ ଅଜିତଙ୍କୁ ମାଫିଆମାନେ ଅତି ନିର୍ଦ୍ଦୟ ଭାବେ ହତ୍ୟା କରିଛନ୍ତି। ସେମାନେ ଅଜିତ୍‌ଙ୍କୁ ଖଣ୍ଡାରେ ପାଖାପାଖି ୫୦ ଥର ଆକ୍ରମଣ କରିବା ଫଳରେ ଏଥିରେ ତାଙ୍କର ଗୋଟିଏ ହାତ କଟିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ତେବେ ଏହା ବିରୋଧରେ ଗ୍ରାମବାସୀ ରାସ୍ତାରୋକ କରିଛନ୍ତି। ପୁଲିସ୍ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରିଛି। ଅଜିତ୍‌ଙ୍କ ବାପା ସଦାଶିବ ସାହୁ ତାଙ୍କ ପୁଅଙ୍କୁ ପିସି ନାୟକ, ମୁନା ସାହୁ, ଜଗନ୍ନାଥ ପରିଡ଼ା ଓ କୁଲୁ ଭଞ୍ଜଙ୍କ ସମେତ ୬ ଜଣ ମାଫିଆ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଘଟଣା ଘଟିବା ପରେ ଏସ୍‌ପି ଏକାଧିକ ଟିମ୍ ଗଠନ କରିଛନ୍ତି। ସେହିପରି ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଫାଟକରେ ଭୁଜାଲିରେ ଆକ୍ରମଣ କରାଯିବା ଫଳରେ ଜୁନାଡ଼ିହି କଲେଜ ପଡ଼ାର ରାହୁଲ୍ ମହତ ନାମକ ଯୁବକଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ଏକ କାର୍‌ରେ ୪ ଜଣ ଯୁବକ ଆସି ସଂଘବଦ୍ଧ ଭାବେ ଭୁଜାଲିରେ ଆକ୍ରମଣ କରି ସେଠାରୁ ଫେରାର୍ ହୋଇଯାଇଥିଲେ। ଏହି ଆକ୍ରମଣରେ ରାହୁଲ୍‌ଙ୍କ ସହ ଥିବା ଆକାଶ ସାହୁ ନାମକ ଯୁବକ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ତାଙ୍କୁ ଝାରସୁଗୁଡ଼ା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଝାରସୁଗୁଡା ଏସପି, ବ୍ରଜରାଜନଗର ଏସଡିପିଓ, ବେଲପାହାଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଆହୁରି ବେଙ୍ଗାଲୁରୁର ହ୍ୱାଇଟ ଫିଲ୍ଡ ଅଞ୍ଚଳରେ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ନାରାୟଣ ମଲ୍ଲିକଙ୍କ ପୁଅ ନିରାକାରଙ୍କୁ ତାଙ୍କର କେତେକ ସାଙ୍ଗ ପିଟି ପିଟି ହତ୍ୟା କରିଛନ୍ତି। ସେ ବେଙ୍ଗାଲୁରୁରେ ଜଣେ ପ୍ରବାସୀ ଶ୍ରମିକ ଭାବେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ତେବେ ଖାଇବା ଟଙ୍କାକୁ ନେଇ ବିବାଦ ହେବାରୁ ନିରାକାରଙ୍କୁ ସାଙ୍ଗମାନେ ପିଟିପିଟି ମାରିଦେଇଥିବା ଅଭିଯୋଗ ହୋଇଛି।

### ମୋକିମଙ୍କ ଦଳକୁ...

ବେଳେ ସେ ବାପାଙ୍କ ସହ ରହିଛନ୍ତି। ତେବେ ନୂଆ ଆଞ୍ଚଳିକ ଦଳ ଗଠନ ପୂର୍ବରୁ ଯେଉଁ ଜୋସ୍ ଥିଲା, ତାହା ଏବେ ଆଉ ନାହିଁ। ଦଳରେ ସେଭଳି କୌଣସି ବଡ଼ ନେତା ଯୋଗ ଦେଉନାହାନ୍ତି କି ଦଳ ସହ ରହିବେ ବୋଲି ଘୋଷଣା ବି କରୁନାହାନ୍ତି। ଦଳ ଗଠନ ସମୟରେ ଆଭାସ ଦିଆଯାଇଥିଲା ଯେ କଂଗ୍ରେସରେ ବିଭାଜନ ହୋଇଯିବ ଓ ବଡ଼ ବଡ଼ କଂଗ୍ରେସ ନେତାଙ୍କ ସମେତ କିଛି ବିଜେଡି ଅସନ୍ତୁଷ୍ଟ ବି ମୋକିମଙ୍କ ସହ ଯିବେ। କିନ୍ତୁ ଏପର୍ଯ୍ୟନ୍ତ ସେମିତି କିଛି ବି ଲକ୍ଷ୍ୟ କରାଯାଉନାହିଁ। ଏପରିକି ଦଳ ଗଠନ ସମୟରେ ଯେଉଁମାନେ ମାମଲତକାର ସାଜି ପରାମର୍ଶ ଦେଉଥିଲେ ସେମାନେ ବି ଅହେତୁକ ନୀରବତା ଅବଲମ୍ବନ କରୁଛନ୍ତି। ଅଧିକନ୍ତୁ କର୍ମୀମାନେ ବି ଆଗପଛ ହେବା ଆରମ୍ଭ କଲେଣି। ମୋକିମ କଳାହାଣ୍ଡିରେ ବୈଠକ କରିବା ପରେ ତାଙ୍କ ଦଳ ବିଜେପିର ବି ଟିମ୍ ବୋଲି ଖୋଲାଖୋଲି ଭାବେ ଅଭିଯୋଗ ଲଗାଇଛନ୍ତି ସ୍ଥାନୀୟ ବିଧାୟକ। ସାଧାରଣରେ ବି ସେହି ଚର୍ଚ୍ଚା ଜୋର ଧରିଲାଣି। ମୋକିମଙ୍କ ଦଳ ବଳ ପାଇଲେ ତାହା ରାଜ୍ୟ ବିଜେପିକୁ ସହାୟକ ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଆକଳନ କରୁଛନ୍ତି। ଅନ୍ୟ ପକ୍ଷରେ ନୂଆ ଆଞ୍ଚଳିକ ଦଳ ଏବେ ବିଧାୟିକା ସୋଫିଆଙ୍କ ରାଜନୈତିକ ରାସ୍ତାରେ କଣ୍ଟା ହୋଇଛି। ଗୋଟିଏ ପଟେ କଂଗ୍ରେସରୁ ନିଲମ୍ବିତ ଓ ଅନ୍ୟପଟେ ନୂଆ ଦଳ ସହ ଲସରପସର ହେବାକୁ କଟକବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। କଂଗ୍ରେସରେ ଥିବା ବେଳେ ସୋଫିଆଙ୍କର ଯେଭଳି ଦବଦବା ରହିଥିଲା, ତାହା ଏବେ ଧିରେ ଧିରେ କମିବାରେ ଲାଗିଛି। ଏକଦା ସୋଫିଆଙ୍କୁ ଓଡ଼ିଶା କଂଗ୍ରେସର ଭବିଷ୍ୟତ ଭାବେ କିଛି ନେତାମାନେ ଆକଳନ କରୁଥିଲେ। ବିଧାନସଭା ବାହାରେ ଓ ଭିତରେ ତାଙ୍କର ପ୍ରଦର୍ଶନ ବି ସେହିଭଳି ପ୍ରଭାବୀ ରହିଥିଲା। ହେଲେ ଏବେ ତାଙ୍କର ଦୁଇ ନାବରେ ଗୋଡ଼ ଦେବା ଭଳି ଅବସ୍ଥା। ଦଳରୁ ବହିଷ୍କାର ପାଇଁ କଂଗ୍ରେସ ଦାବି କରୁଥିବା ବେଳେ ତାଙ୍କ ପାଇଁ ଆହା ପଦେ କହିବାକୁ ବି କେହି ନାହାଁ। ମୋଟାମୋଟି ଭାବେ ମୋକିମଙ୍କ ଦଳକୁ ବଳ ନ ମିଳିବା ଆଞ୍ଚଳିକ ଦଳର ଭବିଷ୍ୟତ ସହ ଝିଅ ସୋଫିଆଙ୍କ ରାଜନୈତିକ ଭବିଷ୍ୟତ ଉପରେ ବି ପ୍ରଶ୍ନବାଚୀ ଲଗାଇଲାଣି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

## ନବାନ୍ନରେ ଶୁଭେନ୍ଦୁଙ୍କୁ ଗାର୍ଡ ଅଫ୍ ଅନର



କୋଲକାତା, ୧୧।୫ (ସଂଚାର ବ୍ୟୁରୋ): ସୋମବାର ନବାନ୍ନରେ ଶୁଭେନ୍ଦୁ ଅଧିକାରୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବା ପରେ ଏହା ଶୁଭେନ୍ଦୁଙ୍କର ନବାନ୍ନରେ ପ୍ରଥମ ଆଗମନ ଥିଲା। ପରେ ସେଠାରେ ଏକ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ସେ ଛଅଟି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ପ୍ରଥମ କ୍ୟାବିନେଟରେ ଶୁଭେନ୍ଦୁଙ୍କ ଛଅଟି ପ୍ରସଙ୍ଗ ହେଉଛି ସହିଦ ବିଜେପି କର୍ମୀଙ୍କ ପରିବାରର ଦାୟିତ୍ୱ, ସୀମାରେ କଣ୍ଟା ତାର ବିଛାଇବାକୁ ବିଏସ୍‌ଏଫ୍‌କୁ ଜମି, ସୋମବାରଠାରୁ ବଙ୍ଗରେ ଆୟୁଷ୍ମାନ ଭାରତ ଯୋଜନା, ବେଟି ବଞ୍ଚାଓ, ବେଟି ପଢାଓ, ବିଶ୍ୱକର୍ମା ଯୋଜନା ଭଳି କେନ୍ଦ୍ରୀୟ ଯୋଜନାରେ ବଙ୍ଗକୁ ସାମିଲ କରାଯିବ, ସୋମବାରଠାରୁ ରାଜ୍ୟରେ ଭାରତୀୟ ଫୌଜଦାରୀ ପ୍ରକ୍ରିୟା ସଂହିତା କାର୍ଯ୍ୟକାରୀ କରାଯିବ ଏବଂ ସରକାରୀ ଚାକିରି ପ୍ରାର୍ଥୀଙ୍କ ପାଇଁ ବୟସ ସୀମା ୫ ବର୍ଷ ବୃଦ୍ଧି କରାଯିବ।

## ଦୋଳି ବ୍ୟବସାୟୀଙ୍କୁ ହତ୍ୟା

କୋଲକାତା,୧୧।୫ (ସଂଚାର ବ୍ୟୁରୋ): ଦୋଳି ବ୍ୟବସାୟ ପାଇଁ ମହାରାଷ୍ଟ୍ରର ଅମରାବତୀର ଏକ ମେଳାକୁ ଯାଉଥିବା ବେଳେ କାଲନା ସହରର ୧୬ ନମ୍ବର ୱାର୍ଡରେ ଅବସ୍ଥିତ ଶ୍ୟାମସୁନ୍ଦରପଡାର ବାସିନ୍ଦା ଅଭିଜିତ କରଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ପୁଅ ଶ୍ରବଣ କହିଛନ୍ତି ଯେ, ଗତ ୪୦ ବର୍ଷ ଧରି ମୋ ବାପା ବିଭିନ୍ନ ରାଜ୍ୟରେ ଦୋଳି ବ୍ୟବସାୟ କରୁଥିଲେ। ଅମରାବତୀ ମହୋତ୍ସବ ପାଇଁ ପ୍ରସ୍ତୁତି ଚାଲିଥିଲା। ଗତ ଗୁରୁବାର ଅପରାହ୍ଣରେ ମୋ ବାପାଙ୍କୁ ଧାରୁଆ ଆସ୍ତ୍ରରେ ଆକ୍ରମଣ କରାଯାଇଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



କଟକ,୧୧।୫ (ସଂଚାର ବ୍ୟୁରୋ): ସାଲେପୁର ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୯ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୧୩୦ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୯ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୨୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ପୁଲିସ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଭତ୍ତା, କୃଷି, ଶିକ୍ଷା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଆସନ୍ତା ୧୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଅଭିଯୋଗ ଶୁଣାଣି ସକାଳ ୭ ଟାରୁ ୧୦ ଟା ମଧ୍ୟରେ ଅନୁଷ୍ଠିତ ହେଉଛି।

## ହିଂସା ଓ ନାରୀ ନିର୍ଯାତନା ପ୍ରତିବାଦରେ ଏସୟୁସିଆଇର ସଭା




କଟକ,୧୧।୫ (ସଂଚାର ବ୍ୟୁରୋ): ରାଜ୍ୟରେ ଘଟୁଥିବା ଭିଡ଼ ହତ୍ୟା, ନାରୀ ନିର୍ଯାତନା, ଆଦିବାସୀ ଶୋଷଣ ଆଦି ସମ୍ବେଦନଶୀଳ ବିଷୟଗୁଡ଼ିକୁ ନେଇ ସୋମବାର ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସରକାରଙ୍କ ଉଦାସୀନତା କାରଣରୁ ସମାଜରେ ଦ୍ରୁତ ଅପରାଧୀକରଣ ଘଟୁଛି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ବୀଭତ୍ସ ହତ୍ୟାକାଣ୍ଡ ଓ ନାରୀ ନିର୍ଯାତନା ଘଟି ଚାଲିଛି। ଭିଟାମାଟି ଓ ଚାଷଜମି ରକ୍ଷା ପାଇଁ ଲଢେଇ କରୁଥିବା ଦଳିତ ଆଦିବାସୀଙ୍କ ଉପରେ ପୁଲିସ ପ୍ରଶାସନ ଓ ରାଜ୍ୟ ସରକାର ଅତ୍ୟାଚାର କରୁଛି ବୋଲି ବିକ୍ଷୋଭ ସ୍ଥଳରେ ହୋଇଥିବା ପ୍ରତିବାଦ ସଭାରେ ଅଭିଯୋଗ କରାଯାଇଛି। ପାର୍ଟି ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ଦୀପକ ଦାସ, ବିନୋଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଧବଳେଶ୍ୱରରେ ସୋମନାଥ ସ୍ୱାଭିମାନ ପର୍ବ

କଟକ,୧୧।୫ (ସଂଚାର ବ୍ୟୁରୋ): ଗୁଜରାଟର ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂରଣ ଉପଲକ୍ଷେ ସୋମବାର ବାବା ଧବଳେଶ୍ୱରଙ୍କ ପୀଠରେ ସୋମନାଥ ସ୍ୱାଭିମାନ ପର୍ବ ପାଳିତ ହୋଇଛି। ଏହି ଅବସରରେ ସୋମନାଥ ମନ୍ଦିରରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ ବିଶେଷ ପୂଜାର୍ଚ୍ଚନା କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ସହ ମନ୍ଦିର ଚୂଡ଼ାରେ ବିଶେଷ ସମର୍ପଣ କରିଥିଲେ। ସିଧା ପ୍ରସାରଣ ସମୟରେ ଧବଳେଶ୍ୱର ପୀଠ ପରିସର ଭକ୍ତିମୟ ହୋଇ ଉଠିଥିଲା। କଟକ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ, ସ୍ଥାନୀୟ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଠଗଡ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର ସରକାର, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ନେପାଳୀ ଚା’ର ଗୁଣବତ୍ତା ଯାଞ୍ଚ୍ ହେବ



କୋଲକାତା,୧୧।୫ (ସଂଚାର ବ୍ୟୁରୋ): ଏଥର ନେପାଳରୁ ଆମଦାନୀ ହେଉଥିବା ଚା’ର ଗୁଣବତ୍ତା ଯାଞ୍ଚ କରାଯିବ ବୋଲି ଚା’ ବୋର୍ଡ ନିର୍ଦ୍ଦେଶ ଜାରି କରିଛି। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଭାରତରେ ପ୍ରବେଶ କରୁଥିବା ସମସ୍ତ ଚା’କୁ ଯାଞ୍ଚ ପରେ ହିଁ କ୍ଲିଅରାନ୍ସ ଦିଆଯିବ। ଚା’ ବଗିଚା ମାଲିକମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ସେମାନେ ମନ୍ତବ୍ୟ ଦେଇଛନ୍ତି ଯେ, ଦୀର୍ଘ ସମୟ ଧରି ନେପାଳରୁ ନିମ୍ନମାନର ଚା’ ଆସୁଛି। ତାହା ଦାର୍ଜିଲିଂ ଚା’ ନାମରେ ବିକ୍ରି କରାଯାଉଛି। ନେପାଳୀ ଚା’ର ଗୁଣବତ୍ତା ଯାଞ୍ଚ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିବାରୁ ଏହାର ଲାଭ ସିଧାସଳଖ ନେପାଳ ରାଜକୋଷକୁ ଯାଉଥିବା ଅଭିଯୋଗ ହେଉଛି। ସେଥିଲାଗି ଚା’ର ଗୁଣବତ୍ତା ପରୀକ୍ଷା ଏବଂ ଯାଞ୍ଚ ପରେ ଚା’ ବଜାରୀକରଣ ପାଇଁ ନିଷ୍ପତ୍ତି ନିଆଯାଇଛି।

## ଚା’ ଶ୍ରମିକଙ୍କ ପିଏଫ୍ ଠକେଇ ଅଭିଯୋଗ

କୋଲକାତା,୧୧।୫ (ସଂଚାର ବ୍ୟୁରୋ): ଚା’ ବଗିଚା ଶ୍ରମିକମାନଙ୍କୁ ପିଏଫ୍ ପ୍ରଦାନ କରିବାରେ ବିଫଳ ହେବାକୁ ନେଇ ଆଲିପୁର ଦୁଆରର ବିଜେପି ସାଂସଦ ମନୋଜ ଟିଗ୍ଗା କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଏହା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସାଂସଦ ଟିଗ୍ଗା କହିଛନ୍ତି ଯେ, ଦୀର୍ଘ ସମୟ ଧରି ଚା’ ବଗିଚାର ଶ୍ରମିକଙ୍କ ପିଏଫ୍ ଅବଦାନ ଜମା କରାଯାଉନାହିଁ। ଏହି ବିଷୟରେ ପିଏଫ୍ ବିଭାଗ ବଗିଚା ମାଲିକଙ୍କ ବିରୁଦ୍ଧରେ ଏଫ୍‌ଆଇଆର୍ ଦାୟର କରିଛି। କିନ୍ତୁ ରାଜ୍ୟ ପୁଲିସ କୌଣସି ପ୍ରଭାବଶାଳୀ ପଦକ୍ଷେପ ନେଇନାହିଁ। ଜଳପାଇଗୁଡ଼ିର ଆଞ୍ଚଳିକ ପିଏଫ୍ କମିଶନର ପବନ କୁମାର ବଂଶଲ କହିଛନ୍ତି ଯେ, ଗତ ଛଅବର୍ଷ ମଧ୍ୟରେ ପ୍ରୋଭିଡେଣ୍ଟ ଫଣ୍ଡ ଜମା କରିବାରେ ବିଫଳ ହେବା ଅଭିଯୋଗରେ ୪୦ ରୁ ଅଧିକ ଚା’ ବଗିଚାର ପରିଚାଳନା ବିରୁଦ୍ଧରେ ଏଫ୍‌ଆଇଆର୍ ରୁଜୁ ହୋଇଛି। ଗତ ଦୁଇମାସରେ ଦୁଇଟି ଚା’ ବଗିଚା ବିରୁଦ୍ଧରେ ନୂତନ ମାମଲା ରୁଜୁ ହୋଇଛି। ଚା’ ଶିଳ୍ପରେ ଶ୍ରମିକଙ୍କ ଆର୍ଥିକ ସୁରକ୍ଷା ନେଇ ଦୀର୍ଘଦିନ ଧରି ଚିନ୍ତା ବଢ଼ିବାରେ ଲାଗିଛି। ପିଏଫ୍ ବକେୟା ହେତୁ ଅନେକ ଶ୍ରମିକ ସେମାନଙ୍କର ଅବସରକାଳୀନ ସଞ୍ଚୟ ଏବଂ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି।

## ଇଡିରେ ହାଜର ହେଲେ ତୃଣମୂଳ ନେତା

କୋଲକାତା,୧୧।୫ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ତଥା ତୃଣମୂଳ ନେତା ସୁଜିତ ବସୁ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ପୂର୍ବରୁ ସେ ମେ’ ୧ ତାରିଖରେ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ମେ ୪ ତାରିଖ ନିର୍ବାଚନ ଫଳାଫଳ ଘୋଷଣା ପରେ ଇଡିରେ ଏହା ତାଙ୍କର ପ୍ରଥମ ହାଜିରା। ଶିକ୍ଷକ ନିଯୁକ୍ତି ଦୁର୍ନୀତି ସମ୍ପର୍କରେ ତାଙ୍କୁ ପଚରାଉଚରା ପାଇଁ ଡକାଯାଇଥିବା ଇଡି କହିଛି। ନିର୍ବାଚନ ପୂର୍ବରୁ ବସୁଙ୍କୁ ଇଡି ଏକାଧିକ ଥର ସମନ ଜାରି କରିଥିଲେ ମଧ୍ୟ ନିର୍ବାଚନ ବ୍ୟସ୍ତତା ଯୋଗୁଁ ସେ ହାଜର ହୋଇପାରି ନଥିଲେ। ସେ ଏହି ବିଷୟରେ କୋର୍ଟକୁ ଅବଗତ କରାଇଥିଲେ।

## ବନ୍ଧକ ଜମି ଲାଗି ବୃଦ୍ଧଙ୍କୁ ପିଟିପିଟି ହତ୍ୟା

କୋଲକାତା, ୧୧।୫ (ସଂଚାର ବ୍ୟୁରୋ): ବନ୍ଧକ ଜମି ଫେରାଇବାକୁ ନେଇ ଜଣେ ବୟସ୍କ ବ୍ୟକ୍ତିଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ନାମ ଭାଣ୍ଡାର ଦଳାଇ (୭୦)। ରବିବାର ବାରୁଇପୁର ଥାନା ବୃନ୍ଦାଖାଲି ପଞ୍ଚାୟତ ଅଧୀନରେ ଥିବା ମାଝେରପଡ଼ାରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ଆହତ ବ୍ୟକ୍ତିଙ୍କୁ ବାରୁଇପୁର ମହକୁମା ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ପୋଷ୍ଟମର୍ଟମ ପାଇଁ ପଠାଇଛି।

ମୃତକଙ୍କ ଜଣେ ସମ୍ପର୍କୀୟ କହିଛନ୍ତି ଯେ, ଭାଣ୍ଡାର ଦଳାଇ ପ୍ରାୟ ୧୦ ରୁ ୧୫ ବର୍ଷ ପୂର୍ବେ ମୃତ୍ୟୁଞ୍ଜୟ ମଣ୍ଡଳଙ୍କ ନିକଟରେ ଜମି ବନ୍ଧକ ରଖିଥିଲେ। ସେ ବନ୍ଧକ ଟଙ୍କା ପରିଶୋଧ କରି ଜମି ଫେରାଇବାକୁ କହିଥିଲେ। ମୃତ୍ୟୁଞ୍ଜୟ ମଣ୍ଡଳ ଜମି ଫେରାଇବାକୁ ମନା କରିଦେଇଥିଲେ। ଏହାକୁ ନେଇ ଭାଣ୍ଡାର ଦଳାଇ ଓ ମୃତ୍ୟୁଞ୍ଜୟ ମଣ୍ଡଳ ମଧ୍ୟରେ ଝଗଡ଼ା ହୋଇଥିଲା। ମୃତ୍ୟୁଞ୍ଜୟ ମଣ୍ଡଳ, ମୋନା ମଣ୍ଡଳ ପ୍ରମୁଖ ଭାଣ୍ଡାଳ ଦଳାଇଙ୍କୁ ତଳେ ପକାଇ ତାଙ୍କ ଛାତିକୁ ଗୋଇଠା, ଲାତ ମାରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ସେ କହିବା ସହିତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଲାଗି ଦାବି କରିଛନ୍ତି। ଘଟଣାର ପୁଲିସ ତଦନ୍ତ ଆରମ୍ଭ ହୋଇଛି।

## ଟ୍ରାକ୍ଟରକୁ ପିଟିଲା ବସ୍, ୮ ଆହତ

କୋଲକାତା,୧୧।୫ (ସଂଚାର ବ୍ୟୁରୋ): ସୋମବାର ବୋଲପୁରରେ ଏକ ବସ୍ ଓ ଏକ ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଅତି କମ୍‌ରେ ଆଠଜଣ ଗୁରୁତର ହୋଇଛନ୍ତି। ପ୍ରଭାତ ସରଣୀ ରୋଡ୍‌ରେ ଏହି ଘଟଣା ଘଟିଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏକ ବିବାହ ଭୋଜିକୁ ଗୋଟିଏ ବସ୍ ମୁର୍ଶିଦାବାଦର ସାଲାରରୁ ପୂର୍ବ ବର୍ଦ୍ଧମାନର ଭେଡିଆର ନୃପତିପୁର ଗ୍ରାମକୁ ଯାତ୍ରା କରିଥିଲା। ବସଟି ହଠାତ୍ ନିୟନ୍ତ୍ରଣ ହରାଇ ଆଗରେ ଯାଉଥିବା ଏକ ଟ୍ରାକ୍ଟରକୁ ଜୋରରେ ଧକ୍କା ଦେଇଥିଲା। ଏହି ଘଟଣାରେ ବସ୍ ଡ୍ରାଇଭର ସମେତ ସାତରୁ ଆଠଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ପାଇ ବୋଲପୁର



ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତମାନଙ୍କୁ ଉଦ୍ଧାର କରାଯାଇ ବୋଲପୁର ମହକୁମା ଡାକ୍ତରଖାନାକୁ ନିଆଯାଇଛି।

## ୫ ମନ୍ତ୍ରୀଙ୍କୁ ବିଭାଗ ବଣ୍ଟନ

କୋଲକାତା, ୧୧।୫: ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବରେ ରାଜ୍ୟ ଦାୟିତ୍ୱ ଗ୍ରହଣ କରିବା ପରେ ଶୁଭେନ୍ଦୁ ଅଧିକାରୀ ତାଙ୍କ ମନ୍ତ୍ରୀମଣ୍ଡଳକୁ ରୂପ ଦେବା ଆରମ୍ଭ କରିଛନ୍ତି। ୯ ତାରିଖରେ ତାଙ୍କ ସହ ଶପଥ ନେଇଥିବା ପାଞ୍ଚଜଣ ମନ୍ତ୍ରୀଙ୍କୁ ସେ ସୋମବାର ବିଭାଗ ବଣ୍ଟନ କରିଛନ୍ତି। ଦିଲୀପ ଘୋଷଙ୍କୁ ରାଜ୍ୟ ଗ୍ରାମାଞ୍ଚଳ ବିକାଶ, ପଞ୍ଚାୟତ ଓ ପ୍ରାଣୀସମ୍ପଦ ବିଭାଗ ପ୍ରଦାନ କରିଥିବା ବେଳେ ଅଗ୍ନିମିତ୍ରା ପଲଙ୍କୁ ମହିଳା ଓ ଶିଶୁକଲ୍ୟାଣ ବିଭାଗ ପ୍ରଦାନ କରିଛନ୍ତି। ସେହିପରି ଅଶୋକ କିର୍ତ୍ତନିଆଙ୍କ ଭାଗରେ ରାଜ୍ୟ ଖାଦ୍ୟ ବିଭାଗ ପଡ଼ିଥିବା ବେଳେ ଖୁଦିରାମ ଟୁଡୁଙ୍କ ହାତରେ ପଡ଼ିଛି ପଛୁଆବର୍ଗ ବିକାଶ ବିଭାଗ। ନିଶିଥ ପ୍ରାମାଣିକଙ୍କୁ ମିଳିଛି ଉତ୍ତର ବାଂଲା ବିକାଶ, କ୍ରିଡ଼ା ଓ ଯୁବକଲ୍ୟାଣ ବିଭାଗ। ଏହି ଅବସରରେ ସେ ରାଜ୍ୟବାସୀଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଲାଗୁ କରିଥିବାବେଳେ ସୀମାରେ ତାରବାଡ଼ ବସାଇବାକୁ ସୀମା ସୁରକ୍ଷା ବଳ (ବିଏସଏଫ)କୁ ଜମି ପ୍ରଦାନ କରିଛନ୍ତି।

## ଘରେ ପଶି ଆକ୍ରମଣ, ୮ ଆହତ

କୋଲକାତା,୧୧।୫ (ସଂଚାର ବ୍ୟୁରୋ): ଜଣେ ଯୁବତୀଙ୍କୁ ହଇରାଣ ପ୍ରତିବାଦରେ ଦୁର୍ବୃତ୍ତମାନେ ଯୁବତୀଙ୍କ ପରିବାର ଉପରେ ଆକ୍ରମଣ କରିଛନ୍ତି। ଏହି ଘଟଣରେ ଯୁବତୀଙ୍କ ସମେତ ପରିବାରର ୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଯୁବତୀଙ୍କ ସମେତ ୩ ଜଣ ମହିଳା ସାମିଲ। ଜଣେ ଯୁବତୀଙ୍କୁ କିଛି ଯୁବକ ହଇରାଣ କରୁଥିଲେ। ପୀଡିତାଙ୍କ ପରିବାର ଏହାକୁ ପ୍ରତିବାଦ କରୁଥିଲେ। ଫଳରେ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇ ରବିବାର ରାତିରେ ଯୁବତୀଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଆକ୍ରମଣକାରୀମାନେ ଘରେ ପଶି ଧାରୁଆ ଅସ୍ତ୍ରରେ ଘର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ଚାଲି ଆସିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ। ଆହତଙ୍କୁ ରକ୍ତାକ୍ତ ଅବସ୍ଥାରେ ପଡୋଶୀମାନେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ, ହତ୍ୟା ସନ୍ଦେହ

ବଲାଙ୍ଗିର,୧୧।୫(ସଂଚାର ବ୍ୟୁରୋ): ବଲାଙ୍ଗିର-ସୋନପୁର ରାସ୍ତା ବନବାହାଲ ଛକ ନିକଟରେ ଏକ ମୋଟରସାଇକେଲ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଆଗରେ ପରିବାର ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ତରଭାର ଆଶିଷ ସାହୁଙ୍କ ଇଲେକଟ୍ରୋନିକ୍ସ ଦୋକାନରେ ପପୁ କାମ କରୁଥିଲେ। ରବିବାର ସକାଳୁ ଦୋକାନକୁ କାମ କରିବା ପାଇଁ ଆସି ସେ ଘରକୁ ଫେରିନଥିଲେ। ରାତିରେ ଦୋକାନ ମାଲିକ ଫୋନକରି ପପୁଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ପରିବାରା ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚିବା ବେଳକୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ପୋଷ୍ଟମର୍ଟମ ୱାର୍ଡରେ ପପୁଙ୍କ ମୃତଦେହ ରଖାଯାଇଥିବା ଦେଖିବାକୁ ପାଇଥିବା ବେଳେ ଦୋକାନ ମାଲିକଙ୍କର ଦେଖାଦର୍ଶନ ନଥିଲା। ପପୁ ବାଇକ୍ ଚଳାଇ ଜାଣି ନଥିବା ବେଳେ ବାଇକ୍ ଚଳାଇବା ବେଳେ ପପୁ ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି। ପପୁଙ୍କ ମୋବାଇଲ ସୁରକ୍ଷିତ ରହିଛି। ଏ ନେଇ ବଲାଙ୍ଗୀର ସଦର ଏସଡିପିଓଙ୍କଠାରେ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଇଁତଲା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଆଜି ହିମନ୍ତଙ୍କ ଶପଥ



ଗୁଆହାଟୀ,୧୧।୫: ଆସନ୍ତାକାଲି ଦ୍ୱିତୀୟ ଥର ପାଇଁ ଆସାମ ମୁଖ୍ୟମନ୍ତ୍ରୀ ଭାବେ ହିମନ୍ତ ବିଶ୍ୱ ଶର୍ମା ଶପଥ ଗ୍ରହଣ କରିବେ। ଖାନପଡ଼ା ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ପଡ଼ିଆରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ବିଜେପି ଏକାକୀ ୮୨ଟି ଆସନରେ ବିଜୟୀ ହୋଇଛି। ନିର୍ବାଚନରେ ଆସାମ ଗଣ ପରିଷଦ (ଏଜିପି), ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ) ଆଦିଙ୍କୁ ନେଇ ଗଠିତ ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ୧୦୨ଟି ଆସନରେ ଜିତି କ୍ରମାଗତ ତୃତୀୟ ଥର ପାଇଁ ରାଜ୍ୟରେ ସରକାର ଗଠନ କରିଛି। ରବିବାର ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଶର୍ମାଙ୍କୁ ରାଜ୍ୟରେ ସରକାର ଗଠନ ପାଇଁ ଆମନ୍ତ୍ରଣ ଜଣାଇଛନ୍ତି। ଆସନ୍ତାକାଲି ପୂର୍ବାହ୍ନ ୧୧ଟା ୪୦ ମିନିଟରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ନବଗଠିତ ଆସାମ କ୍ୟାବିନେଟରେ ଅତି କମରେ ୧୮ରୁ ୧୯ ଜଣ ମନ୍ତ୍ରୀଙ୍କୁ ସାମିଲ୍ କରାଯିବ ବୋଲି ଆଜି ହିମନ୍ତ ଅନୌପଚାରିକ ଭାବେ ସୂଚନା ଦେଇଛନ୍ତି।

## ବିଧାୟକଙ୍କ ଦ୍ୱାରା ଦର୍ଲିପାଲି କଳାସଙ୍ଗମ ଉତ୍ସବ ଉଦ୍‌ଘାଟିତ



ସୁନ୍ଦରଗଡ଼,୧୧।୫ (ସଂଚାର ବ୍ୟୁରୋ)ଃ ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଦର୍ଲିପାଲି ଅର୍ଜୁନ ସଂଗୀତ ଏକାଡେମୀ ତରଫରୁ ମେ ୧୦ ତାରିଖ ରବିବାର ସନ୍ଧ୍ୟା ୭ଟା ସମୟରେ କଳା ସଙ୍ଗମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦାନ କରି ପ୍ରଥମେ ୧୦ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ସାଂସ୍କୃତିକ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ପରେ କଳା ସଙ୍ଗମ ଉତ୍ସବ ସ୍ଥଳକୁ ଆସି ଦୀପ ପ୍ରଜ୍ଜଳନ କରି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁନ୍ଦରମଣି ପଟେଲ, ପ୍ରହଲ୍ଲାଦ ନାଏକ, ପ୍ରଫୁଲ୍ଲ ନାଏକ, ଜ୍ଞାନେନ୍ଦ୍ର ନାଏକ, କୁମୁଦ ଚନ୍ଦ୍ର ପଟେଲ, ଶଶୀଭୂଷଣ ପଟେଲ ଓ କ୍ଷିତେଶ୍ୱରୀ କିଶାନ ଉପସ୍ଥିତ ଥିଲେ । ଅର୍ଜୁନ ସଂଗୀତ ଏକାଡେମୀରେ ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ,ଫାଇନ ଆର୍ଟ, ଭୋକାଲ ଓ ବାଦ୍ୟଯନ୍ତ୍ର ତାଲିମ ଚାଲିଛି । ଏହି ଅନୁଷ୍ଠାନ ୨୦୧୦ ମସିହାରୁ ଆରମ୍ଭ ହୋଇ ଚଳିତ ବର୍ଷ ୬୮ ଜଣ ଛାତ୍ର ଛାତ୍ରୀ ତାଲିମ ନେଉଛନ୍ତି । ସମସ୍ତ ବିଭାଗର ଛାତ୍ର ଛାତ୍ରୀ ଷ୍ଟେଜ ଉପରେ ନିଜ ନିଜର କଳା ପ୍ରଦର୍ଶନ କରି ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ । ବିଭିନ୍ନ ବିଭାଗର ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଧାୟକ ଶ୍ରୀ ସିଂଙ୍କ ବକ୍ତବ୍ୟରେ ଓଡ଼ିଶାର କଳାକୁ ଏହି ଅନୁଷ୍ଠାନ ବଞ୍ଚାଇ ରଖି ତାଲିମ ଦେଉଥିବାରୁ ପ୍ରଶଂସା କରିବା ସହିତ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

## ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି, ଅଫିସ ସମ୍ମୁଖରେ ବସିଲେ ମହିଳା



ବାଲିଆପାଳ,୧୧।୫ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକ ବିଡ଼ିଓଙ୍କ ଅଫିସ ସମ୍ମୁଖରେ ସୋମବାର ଦିନ ୧୦ ଟାରୁ ଜମ୍ବିରାଇ ପଞ୍ଚାୟତର କାର୍ଯ୍ୟରତ ଇସି ମେମ୍ବରମାନେ ବିଡିଓଙ୍କ ଅଫିସ ସମ୍ମୁଖରେ ବସିଛନ୍ତି। ସୂଚନା ଅନୁସାରେ ଦୀର୍ଘ ଦିନ ଧରି ଜମ୍ବିରାଇ ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀର ଇସି ମାନେ ବୈଠକ ବାବଦରେ ମିଳୁଥିବା ପ୍ରୋତ୍ସାହନ ରାଶି ପାଇନଥିବା ନେଇ ବାରମ୍ବାର ବ୍ଲକ ବିପିଏମ ଉତ୍ତମ କୁମାର ସାହୁ ଏବଂ ବିଡିଓ ରାଧା ରଞ୍ଜନ ଦାଶଙ୍କୁ ଜଣାଇ ଆସୁଥିଲେ। ମାତ୍ର ବିଭିନ୍ନ ସମୟରେ ତୁମର ଖାତା ପତ୍ର କାମ ଠିକ୍ ହୋଇନାହିଁ, ତୁମେ କାମ ନକଲେ ଦସ୍ତଖତ କରିବି ନାହିଁ କହି ମହିଳା ମାନଙ୍କୁ ମାନସିକ ଚାପ ଦେଇଆସୁଥିଲେ ବିଡିଓ। ଏନେଇ ତିନି ଥର ବୈଠକ ମଧ୍ୟ ହୋଇଛି। ବୈଠକରେ ନିଷ୍ପତି ଅନୁସାରେ ଇସି ମାନଙ୍କୁ ଆଜି ଅଫିସ ଡକାଯାଇଥିଲା। ବିଡିଓ ଦସ୍ତଖତ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ମିଶନ ଶକ୍ତିର ମହିଳାମାନେ ପ୍ରତିବାଦ କରିଥିଲେ। ଏଥିରେ ବିଡିଓ ବିରକ୍ତି ହୋଇ ଅସମ୍ମାନ ଜନକ କଥା କହି ତାଙ୍କୁ ଅଫିସରୁ ବାହାରିଯିବା ପାଇଁ କହିଥିଲେ ବୋଲି ମହିଳା ଅଭିଯୋଗ କରିଛନ୍ତି। ପରେ ମହିଳାମାନେ ନିଜ ଜିଦରେ ଅଟଳ ରହିବାରୁ ବିଡିଓ ପୁଲିସର ସହାୟତା ନେଇ ନିଜ ବସାକୁ ଚାଲିଯାଇଥିଲେ। ବୈଠକ ପ୍ରାପ୍ୟ ନମିଳିବା ଯାଏ ଅଫିସରୁ ଘରକୁ ଯିବେ ନାହିଁ ବୋଲି କହିବା ସହିତ ମହିଳା ମାନଙ୍କୁ ଅସମ୍ମାନ କରୁଥିବା ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ରାତିଅଧିଆ ଖଣି ବିଭାଗର ଚଢ଼ାଉ, ୨ ହାଇୱା ଜବତ



ବାଲିଆପାଳ, ୧୧।୫ (ସଂଚାର ବ୍ୟୁରୋ)ଃ ଆକ୍ସନ ମୋଡରେ ଜୁନିଅର ଲଘୁ ଖଣିଜ। ରାତି ଅଧିଆ ଖଣି ବିଭାଗ ରେଡ଼୍। ଦୁଇଟି ହାଇୱା ଜବତ। ଚୋରା ବାଲି ଚାଲାଣ ବେଳେ ଦୁଇଟି ହାଇୱାକୁ ଗୋଡ଼ାଇ ଗୋଡ଼ାଇ ଧରିଲେ ଜୁନିଅର ଲଘୁ ଖଣି ଅଧିକାରୀ । ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ଛୋଟ ଖାନପୁର ଚଢ଼ବଡାପାଳ ବାଲି ମାଫିଆମାନେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଥିବା ଖବର ପାଇଁ ଲଘୁ ଖଣିଜ ଅଧିକାରୀ ଚଢ଼ାଉ କରିଥିଲେ। ସୁବର୍ଣ୍ଣରେଖା ନଦୀର ଛୋଟ ଖାନପୁର ଚଡବଢ଼ାପାଳ ନିକଟରେ ଦିର୍ଘ ଦିନରୁ ବେଆଇନ ଭାବରେ ଦିନ ରାତି ବେଧଡକ ଭାବରେ ଜେସିବି, ଡମ୍ଫର ହାଇୱା ଲଗାଇ ବାଲି ଲୁଟି ଚାଲିଥିଲେ ମାଫିଆ, ରାତିରେ ଖବର ଖଣି ଅଧିକାରୀ ଚଢ଼ାଉ କରିଥିଲେ । ମାତ୍ର ଦୁଇ ଟି ଜେସିବି ଏବଂ ଛଟି ହାଇୱା ଚମ୍ପଟ ମାରିଥିବା ବେଳେ ଦୁଇଟି ହାଇୱା ଜବତ କରି ବାଲିଆପାଳ ଥାନା ରେ ଜିମା ଦେଇ ଥିଲେ ଖଣି ବିଭାଗ, କାହିଁକି ଦୁଇ ଟି ଜେସିବି ଏବଂ ଛଟି ହାଇୱା ଚମ୍ପଟ ବିଫଳ ହେଲେ କାହିଁକି ଖଣି ଅଧିକାରୀ।

## ବାଲି ବୋଝେଇ ହାଇୱା ଜବତ




ଯାଜପୁର, ୧୧।୫ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲାରେ ଲଘୁ ଖଣିଜ (ବାଲି, ମୋରମ, ମାଟି, ପଥର) ଲୁଟ ଏବେ ନୀତି ଦିନିଆ ଘଟଣା ପାଲଟିଛି। ଏଥି ନେଇ ସରକାରଙ୍କ ରାଜସ୍ୱ ହାନୀ ହେଉଥିବା ବେଳେ ପୋଲିସ, ରାଜସ୍ୱ ବିଭାଗ, ଲଘୁ ଖଣି ବିଭାଗ ଅଧିକାରୀଙ୍କ ପକେଟ ଗରମ ହେଉଛି । କିନ୍ତୁ ଜିଲାରେ ବେଆଇନ ବାଲି ବୋଝେଇ ଗାଡି ଯୋଗୁଁ ଲୋକଙ୍କ ଜୀବନ ଯାଇଛି । ଏବେ ଜିଲ୍ଲାପାଳ ଏବଂ ଏସପିଙ୍କ ହସ୍ତକ୍ଷେପ ପରେ ଲଘୁ ଖଣିଜ ଲୁଟରେ ସୁରକ୍ଷା ଯୋଗାଉଥିବା ପୋଲିସ ଏବଂ ରାଜସ୍ୱ ବିଭାଗ ତତ୍ପର ହୋଇ ଉଠିଛନ୍ତି । ଯାହାକି ଆଜି ରାତି ପ୍ରାୟ ୭.୩୦ରେ ଏକ ବାଲି ବୋଝେଇ ଗାଡିକୁ ପାଣିକୋଇଲି ଠାରେ ଖଣି ବିଭାଗ ଅଟକାଇ କାଗଜ ପତ୍ର ଯାଞ୍ଚ କରିଥିଲେ । ହେଲେ ବିନା ଟ୍ରାଞ୍ଜିଟ ପାସରେ ବାଲି ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ । ଯାହାଫଳରେ ବାଲି ବୋଝେଇ ହାଇୱା ଟି କୁ ଜବତ କରି ପାଣିକୋଇଲି ଥାନାରେ ରଖିଛନ୍ତି ।

# ତରୁଆଁ ଟିକର ସାହିରେ ଜଳ ସଙ୍କଟ

**ପୋଖରୀ ପାଣି ଭରସା**
**ବସୁଧା ଯୋଜନା ଫେଲ୍**
**ମେଗା ପାନୀୟ ଜଳ ସାତସପନ**



ଆନନ୍ଦପୁର,୧୧।୫ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାରେ ପୁଣି ଦେଖାଦେଇଛି ଜଳ ସଙ୍କଟର ଗମ୍ଭୀର ଚିତ୍ର। ସରକାର ଗାଁକୁ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଆଜି ବି କିଛି ଗ୍ରାମରେ ଲୋକେ ପୋଖରୀ ପାଣି ଉପରେ ନିର୍ଭର କରୁଛନ୍ତି। ତରୁଆଁ ଟିକର ସାହିରେ ଦୀର୍ଘ ଦିନ ଧରି ଜଳ ସମସ୍ୟା ଲାଗି ରହିଥିବା ବେଳେ ବସୁଧା ଯୋଜନା ଓ ମେଗା ପାନୀୟ ଜଳ ପ୍ରକଳ୍ପ ଗ୍ରାମବାସୀଙ୍କ ପାଇଁ ସାତ ସପନ ପାଲଟିଛି। ପାଣି ଅଭାବରୁ ଗ୍ରାମବାସୀ ଡହଳ ବିକଳ ହେଉଥିବା ବେଳେ ରୋଗ ବଢ଼ିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

ଘଷିପୁରା ବ୍ଲକ୍ ତରୁଆଁ ପଂଚାୟତ ୯ନଂ ୱାର୍ଡ ଟିକର ସାହିରେ ପ୍ରାୟ ପ୍ରତ୍ୟେକ ପରିବାର ଏବେ ପାଣି ସମସ୍ୟାରେ ଜର୍ଜରିତ। ଗାଁରେ ଥିବା ନଳକୂପ ଅଚଳ ହୋଇପଡ଼ିଥିବା ବେଳେ ବସୁଧା ଯୋଜନାରେ ଯୋଗାଯାଉଥିବା ପାଣି ମଧ୍ୟ ନିୟମିତ ଭାବେ ପହଞ୍ଚୁନାହିଁ। ଫଳରେ ଗ୍ରାମବାସୀ ନିକଟସ୍ଥ ପୋଖରୀ ଓ ଅସୁରକ୍ଷିତ ଜଳ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଦୂଷିତ ପାଣି ବ୍ୟବହାର କରିବା ଯୋଗୁ ଗ୍ରାମରେ ଜ୍ୱର, ପେଟ ରୋଗ ଓ ଚର୍ମ ରୋଗ ବଢ଼ିବାର ଆଶଙ୍କା ଦେଖାଦେଇଛି। ମହିଳାମାନେ ଦୂର ଦୂରାନ୍ତରୁ କଳସୀ ଓ ବାଲ୍ଟି ଧରି ପାଣି ଆଣୁଥିବା ଦୃଶ୍ୟ ଏବେ ସାଧାରଣ ଘଟଣା ପାଲଟିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରାୟ ଛଅ ମାସ ପୂର୍ବରୁ ବିଡ଼ିଓ ଗାଁକୁ ଆସି ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ପ୍ରତିଶୃତି କାଗଜ କଲମରେ ସୀମିତ ରହିଛି। ନା ବସୁଧା ଯୋଜନା ସଫଳ ହୋଇପାରିଛି, ନା ମେଗା ପାନୀୟ ଜଳ ପ୍ରକଳ୍ପର ସୁବିଧା ଗ୍ରାମକୁ ପହଞ୍ଚିପାରିଛି। ଏନେଇ ଗ୍ରାମବାସୀ ପ୍ରଶାସନଙ୍କୁ ଏକାଧିକ ଥର ଅବଗତ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ ହୋଇନଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶୀଘ୍ର ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଦୁଇ ବର୍ଷ ହେଲା ଚାଲିଛି କୋଠାଘର ନିର୍ମାଣ

**ତାଲା ପକାଇ ରଖିଛନ୍ତି ଠିକାଦାର ?**

**ସରକାରୀ ଜମିରେ ନିର୍ମାଣ, ଯନ୍ତ୍ରୀ କହିଲେ ଜାଣିନି**



ଛତ୍ରପୁର,୧୧।୫ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ଏନଏସିର ୱାର୍ଡ ନମ୍ବର-୯ ପୁଇଁତୋଳା ହନୁମାନ ମନ୍ଦିର ନିକଟରେ ଗତ ଦୁଇ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଏକ କୋଠା ଘର ନିର୍ମାଣକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ, ଘରଟି କାହାର, କେଉଁ ଉଦ୍ଦେଶ୍ୟରେ ନିର୍ମାଣ ହେଉଛି ଓ କେଉଁ ବିଭାଗ ଏହା କରୁଛି, ସେନେଇ ସ୍ପଷ୍ଟ ସୂଚନା ମିଳୁନାହିଁ।

ଭବନ ଆଗରେ ଫଳକ ଲଗାଯାଇଥିଲେ ମଧ୍ୟ ସେଥିରେ ପ୍ରକଳ୍ପର ନାମ, ବ୍ୟୟ ଅଟକଳ, କାର୍ଯ୍ୟକାରୀ ସଂସ୍ଥା କିମ୍ବା ଠିକାଦାରଙ୍କ ନାମ ଉଲ୍ଲେଖ ନାହିଁ। ଫଳରେ କାମର ସ୍ୱଚ୍ଛତାକୁ ନେଇ ସନ୍ଦେହ ବଢ଼ିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରଥମେ ଦ୍ରୁତ ଗତିରେ କାମ ଚାଲୁଥିଲା। ହେଲେ ବର୍ତ୍ତମାନ ଦୀର୍ଘ ଦିନ ହେଲା କାମ ବନ୍ଦ ରହିଥିବା ବେଳେ ଘରଟିରେ ତାଲା ଝୁଲୁଛି।

ଚର୍ଚ୍ଚା ହେଉଛି ଯେ, ଗଞ୍ଜାମ ଏନଏସିର ଜଣେ ପ୍ରଭାବଶାଳୀ ଠିକାଦାର ବିନା ଟେଣ୍ଡର ଓ ବିନା ୱର୍କ ଅର୍ଡରରେ କାମ କରୁଥିଲେ। ବିଲ୍ ସମସ୍ୟା ହେବାରୁ କାମ ବନ୍ଦ କରି ତାଲା ପକାଇ ରଖାଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ସ୍ଥାନୀୟ ଗ୍ରାମ୍ୟ କମିଟି ସଭାପତି ଧରଣୀ ସାହୁଙ୍କୁ ପଚାରିବାରୁ ଏହି କାମ ଗଞ୍ଜାମ ଏନଏସି ପକ୍ଷରୁ ହେଉଥିବା କହୁଥିବା ବେଳେ, ଏନଏସି ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏହି ନିର୍ମାଣ ସମ୍ପର୍କରେ ଜାଣିନଥିବା କହିଥିଲେ। ଅଧାରେ ଅଟକିଥିବା ଏହି କୋଠା ଘର ଜନସାଧାରଣଙ୍କ କାମରେ ଲାଗିପାରୁନାହିଁ। ସମଗ୍ର ଘଟଣାକୁ ନେଇ ଏବେ ସାଧାରଣରେ ନାନା ପ୍ରଶ୍ନ ଉଠୁଥିବା ବେଳେ, ପ୍ରଶାସନ ତୁରନ୍ତ ସ୍ପଷ୍ଟିକରଣ ଦେଇ ଅଧାରେ ଅଟକିଥିବା କାମକୁ ସମ୍ପୂର୍ଣ୍ଣ କରି ଘରଟିକୁ ଜନସାଧାରଣଙ୍କ ସ୍ୱାର୍ଥରେ ବ୍ୟବହାରଯୋଗ୍ୟ କରିବାକୁ ଦାବି ହେଉଛି।

# ରାଇଘରରେ ଟ୍ରାଫିକ ସମସ୍ୟା

**ଦୋକାନୀଙ୍କ କବ୍‌ଜାରେ ରାସ୍ତା, ପ୍ରଶାସନ ନିରବ**



ରାଇଘର,୧୧।୫ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ରାଇଘରର ଜଗନ୍ନାଥ ମନ୍ଦିର ଠାରୁ ମା' ମାଉଳି ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ପାଇଁ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲି ଥିବା ବେଳେ କେତେକ ବ୍ୟବସାୟୀ ନିଜ ନିଜର ସମାନକୁ ରାସ୍ତା ଉପରେ ରଖି ଦୁର୍ଘଟଣାକୁ ନିମନ୍ତ୍ରଣ କଲା ଭଳି ଲାଗୁଛି। କିଛି ଦିନ ତଳେ କେତେକ ଖବରକାଗଜରେ ପ୍ରସାରଣ କରାଯାଇଥିଲେ ମଧ୍ୟ ଦୋକାନୀମାନେ ଅମାନିଆ ହେଉଛନ୍ତି। କିନ୍ତୁ ରାସ୍ତା କଡରେ ଦୋକାନୀ ସାମଗ୍ରୀ ରଖି ବିକ୍ରି କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ପଥଚାରୀଙ୍କୁ ରାସ୍ତାକଡ଼ରେ ଚାଲିବାକୁ ସ୍ଥାନ ମିଳୁନାହିଁ। ଗାଡ଼ିମୋଟର ରାସ୍ତାରେ ଫସି ରହିବାରୁ ଅଧିକାଂଶ ସମୟ ରୋଗୀବୁହା ଯାନ ମଧ୍ୟ ଅଟକି ଟକି ରହୁ ରହୁଥିବା ଦେଖିବାକୁ ମିଳୁଛି।

ରାଇଘର ପୁଲିସ, ପଞ୍ଚାୟତ, ବ୍ଲକ୍ ଓ ତହସିଲ ପ୍ରଶାସନ ନୀରବ ରହୁଥିବାରୁ ବ୍ୟବସାୟୀ ରାସ୍ତା ଦଖଲକରି ବ୍ୟବସାୟ କରୁଛନ୍ତି। ପ୍ରଶାସନ ପକ୍ଷରୁ ଜବରଦଖଲ ହଟାଇବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ପୋଚିଲିମା ପଞ୍ଚାୟତରେ ଜନଶୁଣାଣି



ହିଞ୍ଜିଳିକାଟୁ,୧୧।୫ (ସଂଚାର ବ୍ୟୁରୋ)ଃ ହିଞ୍ଜିଳି ବ୍ଲକ ପୋଚିଲିମା ଗ୍ରାମ ପଞ୍ଚାୟତରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି | ଉକ୍ତ କାର୍ଯ୍ୟକ୍ରମରେ ତହସିଲଦାର ତପନ କୁମାର ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ସୁନୀଲ ଗନ୍ତାୟତ, ସିଡିପିଓ ବିଜୟ ଲକ୍ଷ୍ମୀ ପାଢ଼ୀ, ଏବିଡ଼ିଓ ଅରୁଣ ପ୍ରଧାନ,ସରପଞ୍ଚ ଓ ସମିତି ସଭ୍ୟ ମଂଚାସୀନ ଥିଲେ। କାର୍ଯ୍ୟକ୍ରମରେ ସର୍ବମୋଟ ୨୭ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ ସାମୁହିକ ୩ ଓ ବ୍ୟକ୍ତିଗତ ୨୪ ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ମୁଖ୍ୟତଃ ଗ୍ରାମୀଣ ଆବାସ, ରାସନ କାର୍ଡ, ସୁଭଦ୍ରା, ରାଜସ୍ୱର ସମସ୍ୟା ଉପରେ ଅଭିଯୋଗ ଆସିଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜଳ ସଙ୍କଟରେ ଡହଳବିକଳ ବଡ଼ଗାଁ ପଞ୍ଚାୟତବାସୀ

**କେବେ କାର୍ଯ୍ୟକ୍ଷମ ହେବ ବୃହତ ପାନୀୟ ଜଳ ପ୍ରକଳ୍ପ**



ସୁନ୍ଦରଗଡ଼,୧୧।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ପାଇଁ ପାନୀୟ ଜଳର ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ବର୍ଷ ବର୍ଷ ଧରି ପ୍ରତି ଘରକୁ ପାଇପ ଓ ଟ୍ୟାପ୍ ସଂଯୋଗ କରାଯାଇଅଛି। ହେଲେ ନିୟମିତ ଭାବରେ ଜଳ ଯୋଗାଣ ହୋଇପାରୁନାହିଁ। ଏ ଦିଗରେ ବିଭାଗୀୟ ମେଗା ପ୍ରକଳ୍ପ କର୍ତ୍ତୃପକ୍ଷ, ବିଭାଗୀୟ ଉଚ୍ଚ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ସହକାରୀ ଯନ୍ତ୍ରୀ ସରକାରୀ କାର୍ଯ୍ୟରେ ଅବହେଳା ଓ ଲୋକଙ୍କ ପ୍ରତିନିଧିତ୍ୱ କରୁଥିବା ଆମ ଜନପ୍ରତିନିଧିମାନେ ଲୋକଙ୍କୁ ପାନୀୟ ଜଳ ଭଳି ମୌଳିକ ସେବା ଯୋଗାଇ ଦେବାରେ ବିଫଳତା ଯୋଗୁ ବର୍ତ୍ତମାନ ସୁଦ୍ଧା ବଡ଼ଗାଁ ପଞ୍ଚାୟତରେ ସମ୍ପୂର୍ଣ୍ଣ ଭାବେ ବୃହତ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହୋଇ ଜଳ ଯୋଗାଣ ହୋଇପାରିଲା ନାହିଁ ବୋଲି ପଡାବାସୀ ଅଭିଯୋଗ କରିଛନ୍ତି।

ବଡ଼ଗାଁ ପଞ୍ଚାୟତ ଅଧିନସ୍ତ ୱାର୍ଡ ଗୁଡିକରେ ଥିବା ସରକାରୀ ନଳକୂପ ଦିନେ ନୁହେଁ କି ଦୁଇ ଦିନ ନୁହେଁ ଦୀର୍ଘ ଦିନରୁ ଅଚଳ ଅବସ୍ଥାରେ ପଡି ରହିଛି, ଫଳରେ ସ୍ଥାନୀୟ ନୂଆଁର୍ମାଲ ବସ୍ତି, ନୂଆଁର୍ମାଲ ଉପରପଡା ଓ ସୁନାପଡା ପଡାବାସୀମାନେ ପାନୀୟଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପରିସ୍ଥିତି ଏମିତି ହୋଯାଇଅଛି ଯେ ଦୈନିକ ଆବଶ୍ୟକତା ପାଇଁ ମହିଳାମାନେ ଦୂର ଦୁରାନ୍ତରରୁ ପାଣି ବୋହି ଆଣିବାକୁ ବାଧ୍ୟ ହେଉଛନ୍ତି ବୋଲି ପଡାବାସୀ ମାନେ କହୁଛନ୍ତି।

ଏନେଇ ସରପଞ୍ଚ ଓ ଜଳ ପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ଅବଗତ କରି ଯଥାଶୀଘ୍ର ମରାମତି କରି ପାଣିର ସୁବ୍ୟବସ୍ଥା ପାଇଁ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ପଡବାସୀମାନେ ଅଭିଯୋଗ କରିଛନ୍ତି।

# ସମ୍ ନର୍ସିଂ କଲେଜ-୨ ପକ୍ଷରୁ ଆନ୍ତର୍ଜାତିକ ନର୍ସେସ ଦିବସ ପାଳିତ




ଭୁବନେଶ୍ୱର, ୧୧।୫ (ସଂଚାର ବ୍ୟୁରୋ)ଃ ଫୁଲନଖରା ସ୍ଥିତ ସମ ନର୍ସିଂ କଲେଜ-୨ ପକ୍ଷରୁ ଆନ୍ତର୍ଜାତୀକ ନର୍ସେସ୍ ଦିବସ ପାଳନ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ନର୍ସମାନଙ୍କ ବିଶେଷ ଭୂମିକା ଏବଂ ରୋଗୀଙ୍କ ଜୀବନ ବଞ୍ଚାଇବା କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଧାରାକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଇଥାଏ।

ସୋମବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁରସ୍ଥିତ ସରକାରୀ ନର୍ସିଂ କଲେଜର କମ୍ୟୁନିଟି ହେଲ୍‌ଥ ନର୍ସିଂ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ରେଣୁକା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ଯୁଗ୍ମ ଡିଏମ୍‌ଇଟି ଡାକ୍ତର ରୋମା ରତନ ସାହୁ ସ୍ୱତନ୍ତ୍ର ଅତିଥି ଓ ଭୁବନେଶ୍ୱର ଏମ୍ସର ନର୍ସିଂ ସୁପରିଟେଣ୍ଡେଂଟ ତଥା ଆସିଷ୍ଟାଂଟ ପ୍ରଫେସର ଶ୍ରୀମତି ଗୀତାରାଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଫ୍ଲୋରେନ୍ସ ନାଇଟିଙ୍ଗଲଙ୍କ ଜନ୍ମ ଦିନକୁ ସମଗ୍ର ବିଶ୍ୱରେ ନର୍ସେସ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଏହି ଉପଲକ୍ଷେ ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ଆୱାର ନର୍ସେସ୍, ଆୱାର ଫ୍ୟୁଚର, ଏମ୍ପାୱାରଡ ନର୍ସେସ୍ ସେଭ୍ ଲାଇଭ୍ସ'।

ରୋଗୀଙ୍କ ସେବା ଓ ଚିକିତ୍ସା ସହ ସେମାନଙ୍କର ଜୀବନ ବଞ୍ଚାଇବା ଦିଗରେ ନର୍ସ ମାନଙ୍କୁ କିଭଳି ସଶକ୍ତ କରିହେବ ସେନେଇ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। କାର୍ଯକ୍ରମରେ ସମ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠି ଏବଂ ସମ ନର୍ସିଂ କଲେଜ-୨ର ଡିନ୍ ପ୍ରଫେସର ଅନୁରାଧା ପଣ୍ଡା ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରୁସ୍କୃତ କରାଯାଇଥିଲା।

## ହଜ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣି ଶିବିର



ଖୋର୍ଦ୍ଧା,୧୧।୫ (ସଂଚାର ବ୍ୟୁରୋ)ଃ ଆଜି ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବିଧାୟକ, ବେଗୁନିଆ, ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଉପଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ବିଡିଓ, ବେଗୁନିଆ, ତହସିଲଦାର, ବେଗୁନିଆ, ହଜ ଗ୍ରାମପଞ୍ଚାୟତ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲା ପ୍ରଶାସନକୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୧୧୮ ଗୋଟି ଅଭିଯୋଗ ଆସିଥିଲା ବେଳେ ତନ୍ମଧ୍ୟରୁ ୧୦୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଆସିଥିଲା । ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ ଅଭିଯୋଗ ଶିବିରରେ ୮୧ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ ।

# କୁଶଭଦ୍ରା ସେତୁରେ ସ୍ୱଚ୍ଛତା ଅଭିଯାନ

ଗୋପ, ୧୧।୫ (ସଂଚାର ବ୍ୟୁରୋ)ଃ ପବିତ୍ର ମାତୃତ୍ୱ ଦିବସ ଅବସରରେ ଉତ୍ସର୍ଗ ପରିବାର, ଗୋପ ବିକାଶ ପରିଷଦ ଓ "କୁଶଭଦ୍ରା କାନ୍ଦୁଛି" ପରିବାରର ମିଳିତ ସହଯୋଗରେ "ଆମ ପରିବେଶ, ଆମ ପ୍ରକୃତି, ଆମ ଜାତୀୟ ସମ୍ପତିର ସୁରକ୍ଷା — ସ୍ୱଚ୍ଛତା ଆମ ଦାୟିତ୍ୱ" ଶୀର୍ଷକ ସଚେତନତା ଓ ସଫେଇ ଅଭିଯାନ ଗୋପ କୁଶଭଦ୍ରା ସେତୁ ଉପରେ ଅନୁଷ୍ଠିତ ହୋଇଯାଇଛି ।

ଦୀର୍ଘଦିନ ଧରି ଅବହେଳିତ ଓ ଅସୁରକ୍ଷିତ ଅବସ୍ଥାରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ସେତୁ ଉପରେ ମାଟି, ବାଲି, ଅନାବନା ଗଛଲତା ସହ ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ଜମି ରହିଥିବାରୁ ସେତୁର ଦୃଢତା ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଥିଲା । ଏହାକୁ ଗୁରୁତ୍ୱର ସହ ଅନୁଭବ କରି ସମାଜସେବୀ ଓ ସ୍ଥାନୀୟ ଯୁବ ସଂଗଠନମାନେ ସ୍ୱଇଚ୍ଛାରେ ଆଗେଇ ଆସି ସଫେଇ କାର୍ଯ୍ୟକ୍ରମ କରିଥିଲେ । ଏହି ସମଗ୍ର ଅଭିଯାନର ନେତୃତ୍ୱ ନେଇଥିଲେ ଉତ୍ସର୍ଗ ପରିବାରର ପ୍ରତିଷ୍ଠାତା ତଥା ସମ୍ପାଦକ ବିଷ୍ଣୁ ମୋହନ ପ୍ରଧାନ । ସେମାନେ କେବଳ ସଫେଇରେ ସୀମିତ ନ ରହି ସାଧାରଣ ଲୋକଙ୍କୁ ପରିବେଶ ସୁରକ୍ଷା, ସ୍ୱଚ୍ଛତା ପ୍ରତି ସଚେତନ ହେବାକୁ ଆହ୍ୱାନ ମଧ୍ୟ କରିଥିଲେ।

# ଉପଖଣ୍ଡ ସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ବାରିପଦା, ୧୧।୫ (ସଂଚାର ବ୍ୟୁରୋ)ଃ ଆଜି ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ,ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର,ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ଉପଜିଲ୍ଲାପାଳ ଉଗ୍ରସେନ ଓରାମ,ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା,ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହାନ୍ତ, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା. ରବୀନ୍ଦ୍ର ନାଥ ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ।

ଆଜିର ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୧୧୭ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୯୧ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୨୬ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୨ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡ଼ିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟା ରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ଶିବିର ରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।

**GOVERNMENT OF ODISHA**
**DEPARTMENT OF WATER RESOURCES**
**'e' Procurement Notice No 01 (NGR) / 2026-27**

| | | |
|---|---|---|
| 1 | Name of work | Flood Restoration works and River embankment ,canal works |
| 2 | Total No. of work | 23(Twenty Three) |
| 3 | Estimated cost | **Rs. 9.24 Lakhs to 35.46 Lakhs** |
| 4 | Period of completion | (06) Six calendar months |
| 5 | Date & time of availability of Bid Document in the portal | **15.00 hours of 13.05.2026 to 17.00 hours 25.05.2026** |
| 6 | Last date/ Time for receipt of Bids in the Portal | **25.05.2026 up to 17.00 hours** |
| 7 | Date and place of opening of Technical Bid | Dt. **26.05.2026 11.00Hr** of the Superintending Engineer, Nayagarh Irrigation Division, Nayagarh |
| 8 | Name and address of the O.I.T (Officer Inviting Tender) | Superintending Engineer, Nayagarh Irrigation Division, Nayagarh. |

Further details can be seen from the e-Procurement Portal **"https://tendersodisha.gov.in"**

**Superintending Engineer,**
**Nayagarh Irrigation Division,**
**Nayagarh.**

ଭିତ୍ତିଭୂମି ବିକାଶ ସମ୍ପର୍କିତ ଉଚ୍ଚକ୍ଷମତାସମ୍ପନ୍ନ କମିଟି ବୈଠକ

# ୧୩୩୦ କୋଟି ବ୍ୟୟରେ ୫ ପିପିପି ପ୍ରକଳ୍ପକୁ ମଞ୍ଜୁରୀ



ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଭିତ୍ତିଭୂମି ବିକାଶ ସମ୍ପର୍କିତ ଉଚ୍ଚକ୍ଷମତା ସମ୍ପନ୍ନ କମିଟିର ୬୫ତମ ବୈଠକ ସ୍ଥାନୀୟ ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି। ବୈଠକରେ ସରକାରୀ- ବେସରକାରୀ ଭାଗିଦାରିତା (ପିପିପି) ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏଥିରେ ସ୍ୱାସ୍ଥ୍ୟ, ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ, ସହରୀ ବିକାଶ, ଜଳ ଯୋଗାଣ ଓ ପ୍ରାଣୀ ଟିକା ଉତ୍ପାଦନ ଭଳି ମୁଖ୍ୟ କ୍ଷେତ୍ରରେ ମୋଟ ୧୧୩୦ କୋଟି ଟଙ୍କା ବ୍ୟୟର ୫ଟି ନୂତନ ପିପିପି ପ୍ରକଳ୍ପକୁ ନୀତିଗତ ମଞ୍ଜୁରୀ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ଏହି ପରିପ୍ରେକ୍ଷୀରେ ଚାଲୁଥିବା ପିପିପି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା ଏବଂ ସମ୍ପୃକ୍ତ ବିଭାଗ ଓ ପ୍ରକଳ୍ପ ପ୍ରାୟୋଜକ ସଂସ୍ଥାମାନଙ୍କୁ ପ୍ରକଳ୍ପ କାର୍ଯ୍ୟନ୍ୱୟନର ପ୍ରତ୍ୟେକ ପର୍ଯ୍ୟାୟରେ ନିର୍ଦ୍ଧାରିତ ସମୟ ସୀମା ଓ ଯଥୋଚିତ ପ୍ରକ୍ରିୟା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ ଭିଜନ୍-୨୦୩୬ ଅଧୀନରେ ବେସରକାରୀ ନିବେଶ ଆକର୍ଷଣ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବା ସହ ବିକଶିତ ଓଡ଼ିଶା ଗଠନରେ ସାମଗ୍ରିକ ଭାବେ ନିରନ୍ତର ବିକାଶ ସାଧନ ପାଇଁ ପିପିପି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ।

ଏଥିସହ କମିଟିରେ ରାଜ୍ୟରେ କାର୍ଯ୍ୟକ୍ଷମ ପ୍ରକଳ୍ପଗୁଡ଼ିକର ଏକ ସୁଦୃଢ଼ ବ୍ୟବସ୍ଥା ଓ ପିପିପି-ଅନୁକୂଳ ପରିବେଶ ସୃଷ୍ଟି ପାଇଁ ଅର୍ଥ ବିଭାଗର ପିପିପି ସେଲ୍ ଓ ଇଣ୍ଟରନ୍ୟାସନାଲ ଫାଇନାନ୍ସ କର୍ପୋରେସନ୍ (ଆଇଏଫସି) ମଧ୍ୟରେ ସହଯୋଗକୁ ନୀତିଗତ ମଞ୍ଜୁରୀ ମଧ୍ୟ ପ୍ରଦାନ କରାଯାଇଛି।



## ଦ୍ୱିତୀୟ ବାର୍ଷିକ ଅଧିକ୍ଷଣ ଯନ୍ତ୍ରୀ ଓ ଡିଜିଟାଲ ଏକାଉଣ୍ଟାଣ୍ଟ ସମ୍ମିଳନୀ

ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ଓଡ଼ିଶା ଲୋକ ସେବା ଭବନ ସମ୍ମିଳନୀ ଗୃହରେ 'ଦ୍ୱିତୀୟ ବାର୍ଷିକ ଅଧିକ୍ଷଣ ଯନ୍ତ୍ରୀ ଓ ଡିଭିଜିନାଲ ଏକାଉଟାଣ୍ଟ ସମ୍ମିଳନୀ- ୨୦୨୬' ଆଜି ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଅଧିବେଶନରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି) କେ. ସଞ୍ଜୟ ମୂର୍ତ୍ତି, ଉପମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ କେ.ଏସ ସୁବ୍ରମନିୟନ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପ୍ରଧାନ ମହାଲେଖାକାର ଡି. ସାହୁ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

ସିଏଜି ସରକାରୀ ହିସାବ ପ୍ରଣାଳୀର ଆଧୁନିକୀକରଣ, ପ୍ରଯୁକ୍ତିଭିତ୍ତିକ ସଂସ୍କାର ଓ ସୁଶାସନରେ ବିଭାଗୀୟ ଅଧିକାରୀମାନଙ୍କ ଭୂମିକା ଉପରେ ଜୋର ଦେଇଥିଲେ। ସେ ଓଡ଼ିଶାର ଓ୍ୱାମିସ୍ ପ୍ରଣାଳୀର ପ୍ରଶଂସା କରି ଏହାକୁ ଅନ୍ୟ ରାଜ୍ୟ ପାଇଁ ଏକ ମଡେଲ୍ ବୋଲି ଉଲ୍ଲେଖ କରିଥିଲେ। ଇଞ୍ଜିନିୟର୍ସ ଇଣ୍ଡିଆ ଓ ଆଇସିଏଆଇ ସହଯୋଗରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ଦୁର୍ବୃତ୍ତ ଫେରାର

ସମ୍ବଲପୁର,୧୧।୫(ସଂଚାର ବ୍ୟୁରୋ): ସମ୍ବଲପୁରରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ। ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଛନ୍ତି। ଏଥିରେ ଯୁବକ ଜଣଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ଯୁବକ ଜଣଙ୍କ ବିକି ରଏ ବୋଲି ଜଣାପଡ଼ିଛଇ ଏବଂ ତାଙ୍କୁ ସଙ୍କଟପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇ ଭୀମସାରରେ ଭର୍ତ୍ତି କରାଯାଇଛି। ଖବର ପାଇ ବୁର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଘଟଣା ଦିନ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଉଭୟ ପକ୍ଷ ନିଶାସକ୍ତ ଅବସ୍ଥାରେ ଥିବା ବେଳେ ପରେ ଏହି ବଚସା ଭୟଙ୍କର ରୂପ ନେଇଥିଲା, ଯେଉଁଥିରେ ବିକିଙ୍କୁ ଛୁରାମାଡ଼ କରାଯାଇଛି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିସାରିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସପି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପୂର୍ବ ଶତ୍ରୁତା ଓ ନିଶା କାରବାରକୁ ନେଇ ଏହି ଆକ୍ରମଣ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ବିକିଙ୍କ ନାଁରେ ହତ୍ୟା, ବଟି ଆଦାୟ, ମାରପିଟ ଭଳି ଏକାଧିକ ସଙ୍ଗିନ ଅପରାଧିକ ମାମଲା ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ଚାଲିଛି ରଥନିର୍ମାଣ କାମ: ଚଉପଟ କାମ ଶେଷ



ପୁରୀ,୧୧।୫(ସଂଚାର ବ୍ୟୁରୋ): ମହାପ୍ରଭୁଙ୍କ ଘୋଷଯାତ୍ରା ଲାଗି ଜୋରସୋରରେ ଚାଲିଛି ରଥ ନିର୍ମାଣ କାମ। ତିନି ରଥର ଚକ ନିର୍ମାଣ ସହ ତିନି ରଥର ଯୋଜା ଓ ମୁହାଁଟ ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନି ରଥର ଭୋଇ ସେବକମାନେ ନିର୍ମାଣ ଶେଷ ହୋଇଥିବା ଚକଗୁଡ଼ିକୁ ଆଣି ବାହାର ରଥ ଖଳାରେ ରଖି ଚକଗୁଡ଼ିକୁ ଅଖାରେ ବାନ୍ଧି ଚାଞ୍ଚ ଢାଙ୍କି ସାଇତିଛନ୍ତି। ତିନି ରଥର ଭୂଇଁ ନିର୍ମାଣରେ ଆବଶ୍ୟକ ଅଂଶଗୁଡ଼ିକ ପ୍ରସ୍ତୁତ ପାଇଁ ରଥ ଅମୀନ ତିନି ରଥ ଚାଳିକୁ ଯୋଗାଇଥିବା ଖାମ୍ବ ଓ ନିରାଡ଼ି ନିର୍ମାଣ ପାଇଁ ପ୍ରଥମ ଦଫାରେ ୪ଟି ଲେଖାଏଁ ଆବଶ୍ୟକ ୨୦ ଫୁଟିଆ ଧଉରା,ଅସନ କାଠ ଭୋଇ ସେବକଙ୍କ ସହାୟତାରେ ଯୋଗାଇ ଦେଇଥିଲେ। ତିନିରଥ ମହାରଣା ସେବକମାନେ ଉକ୍ତ କାଠଗୁଡ଼ିକର ଚଉପଟ କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ ଦ୍ୱିତୀୟ ପର୍ଯ୍ୟାୟରେ ରଥ ଅମୀନ ତିନି ରଥର ଯୋକା ଓ ମୁହାଁଟ ନିର୍ମାଣ ପାଇଁ ଯୋଗାଇଥିବା ଧଉରା କାଠ ତିନି ରଥର ମହାରଣା ସେବକମାନେ ଚଉପଟ ପୂର୍ବକ ୪ଗୋଟି ଲେଖାଏଁ ମୁହାଁଟ ଓ ୧୬ଗୋଟି ଲେଖାଏଁ ଯୋକା ନିର୍ମାଣ ଶେଷ କରିଛନ୍ତି। ତାଳଧ୍ୱଜ ରଥର ବର୍ତ୍ତମାନ ସୁଦ୍ଧା ୫ଗୋଟି ଚକ ନିର୍ମାଣ ଶେଷ ହୋଇଥିଲା। ସେହିପରି ଆଜି ଆଉ ଦୁଇଟି ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ଚଳିତ ମାସରେ ୯ ଦିନ ହେବ ରତ୍ନଭଣ୍ଡାର ଗଣତିମଣତି



ପୁରୀ,୧୧।୫(ସଂଚାର ବ୍ୟୁରୋ): ଚଳିତ ମାସରେ ଶ୍ରୀ ଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାରର ଗଣତି କାର୍ଯ୍ୟକ୍ରମ ନିମନ୍ତେ ୯ ଦିନ ଧାର୍ଯ୍ୟ କରାଯାଇଛି। ୧୧ ତାରିଖ ସୋମବାର ରତ୍ନଭଣ୍ଡାର ଗଣତିମଣତି କରାଯାଇଥିଲା। ସେହିପରି ୧୨ ତାରିଖ ମଙ୍ଗଳବାର ଗଣତିମଣତି କରାଯିବ। ଏହାଛଡ଼ା ଅନ୍ୟ ୭ ଦିନ ଏହି ଗଣତି କାର୍ଯ୍ୟକ୍ରମ କରାଯିବ। ଆଜି ଶ୍ରୀମନ୍ଦିର ପ୍ରଶାସନର ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଚଳିତ ମାସର ୧୯, ୨୧, ୨୩, ୨୬, ୨୮, ୨୯ ଓ ୩୦ ତାରିଖରେ ଗଣତି ହେବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଇଁ ଗଣତି ମଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଠାକୁରଙ୍କ ନୀତିକାନ୍ତିରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ହେବନାହିଁ ସେଥିପାଇଁ ଗଣତିମଣତି କାର୍ଯ୍ୟ ବନ୍ଦ ରଖାଯାଇଥିଲା। ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ ୧୧ ତାରିଖରୁ ଗଣତିମଣତି କାର୍ଯ୍ୟ ଆରମ୍ଭ ହୋଇଛି। ପରେ ଆଉ କେଉଁ ଦିନ ଗଣତି ମଣତି କାର୍ଯ୍ୟ କରାଯିବ, ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା।

## ପଡ଼ୋଶୀଙ୍କ ଆକ୍ରମଣରେ ମହିଳା ମୃତ



ଖଇରା,୧୧।୫(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନସ୍ଥ ହରିପୁର ଗ୍ରାମରେ ଘର ତିଆରି ପାଇଁ ସେଣ୍ଟରିଂ ସମୟରେ ଅଭାବନୀୟ ଘଟଣା ଘଟିଛି। ସୀମା ବିବାଦକୁ କେନ୍ଦ୍ର କରି ବିବାଦ ଉଗ୍ରରୂପ ଧାରଣ କରିବା ପରେ ପଡ଼ୋଶୀଙ୍କ କୋଦାଳ ଓ ଶାବଳ ମାଡ଼ରେ କମଳା ସେଠୀ (୩୯)ଙ୍କର ମୃତ୍ୟୁ ହୋଇଥିବା ବେଳେ କମଳାଙ୍କ ଭାଉଜ ଶଙ୍କୁନ୍ତଳା ସେଠୀ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି।

ଖଇରା ପୁଲିସ ଏନେଇ ୧୨୩/୨୬ରେ ଏକ ମାମଲା ରୁଜୁ କରି ଆକ୍ରମଣରେ ସମ୍ପୃକ୍ତ ଭାରତୀ ଜେନା ନାମକ ମହିଳାଙ୍କୁ ଅଟକ ରଖିଛନ୍ତି। ରବିବାର ପୂର୍ବାହ୍ନରେ ସୁରେନ୍ଦ୍ର ସେଠୀଙ୍କର ଘର ଛାତ ପାଇଁ ସେଣ୍ଟରିଂ କାର୍ଯ୍ୟ ଚାଲିଥିବା ବେଳେ ପଡ଼ୋଶୀ ଭରତ ଜେନା ଓ ତାଙ୍କ ପରିବାରର ଅନ୍ୟମାନେ ଆମ ଜାଗାକୁ କାହିଁକି ମାଡ଼ିଆସିଛ ବୋଲି କହି ପାଟିତୁଣ୍ଡ ଆରମ୍ଭ କରିଥିଲେ। ଘଟଣା ଉଗ୍ରରୂପ ଧାରଣ କରିବା ପରେ ହଠାତ୍ ଭରତ ଓ ତାଙ୍କ ସ୍ତ୍ରୀ ଭାରତୀ, ପୁଅ ମାନସ ଓ ମିନତୀ ଉତ୍ତ୍ୟକ୍ତ ହୋଇ ଶାବଳ ଓ କୋଦାଳରେ ସୁରେନ୍ଦ୍ର ଓ ତାଙ୍କ ପତ୍ନୀ ଶଙ୍କୁନ୍ତଳା, ଝିଅ ତୁଳସୀ ଓ ଭଉଣୀ କମଳାଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତଙ୍କୁ ପ୍ରଥମେ ଖଇରା ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

● ପନିକିରେ ହାଣି ଗାଡ଼ି ଚଢ଼ାଇଦେବା ଘଟଣା

## ଆତ୍ମସମର୍ପଣ କଲା ମୁଖ୍ୟ ଅଭିଯୁକ୍ତ



ପୁରୀ,୧୧।୫(ସଂଚାର ବ୍ୟୁରୋ): କଣାସରେ ପନିକିରେ ହାଣିବା ସହ ଗାଡ଼ି ଚଢ଼ାଇଦେବା ଘଟଣାରେ ଆଜି ମୁଖ୍ୟ ଅଭିଯୁକ୍ତ ଆତ୍ମସମର୍ପଣ କରିଛି। ମୁଖ୍ୟ ଅଭିଯୁକ୍ତ ସୁଧାଂଶୁ ମହାପାତ୍ର ଓରଫ ହାପି ଆଜି ପୁରୀ କୋର୍ଟରେ ଆତ୍ମ ସମର୍ପଣ କରିଛି। ସେ ଘଟଣାର ୧୦ ଦିନ ପରେ ଆତ୍ମସମର୍ପଣ କରିଥିବା ବେଳେ ତାକୁ ଲୁଚାଇବାରେ ସହଯୋଗ କରିଥିବା ଯୁବକ ବଳରାମ ଛୋଟରାୟଙ୍କୁ ମଧ୍ୟ ଗିରଫ କରାଯାଇଛି। ବଳରାମ ମୁଖ୍ୟ ଅଭିଯୁକ୍ତକୁ ଛତିଶଗଡ଼ର ରାୟପୁରଠାରେ ସମ୍ପର୍କୀୟଙ୍କ ଘରେ ଲୁଚାଇ ରଖିଥିଲା। ଏଥିସହ ଏହି ଘଟଣାରେ ମୋଟ ଗିରଫଦାରୀ ସଂଖ୍ୟା ୬ରେ ପହଞ୍ଚିଛି। ପୂର୍ବରୁ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଥିଲା। ସମସ୍ତଙ୍କୁ ପୁଲିସ୍ ରିମାଣ୍ଡରେ ନେଇ ଅଧିକ ତଦନ୍ତ କରିବାର ସମ୍ଭାବନା ରହିଛି।

## ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିର୍ମମ ମାଡ଼



ସୁନ୍ଦରଗଡ଼,୧୧।୫(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଭଷ୍ମା ଥାନା ଅଞ୍ଚଳରେ ବର୍ବରତା। ଯୁବକଙ୍କୁ ଘୋଷାଡ଼ି ନେଇ ଖୁଣ୍ଟରେ ବାନ୍ଧି ନିର୍ଦ୍ଧୁମ ମାଡ଼ ମାରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ଭଷ୍ମା ଥାନାଞ୍ଚଳରେ ବର୍ବର କାଣ୍ଡ ଘଟିଛି। ମୃତ୍ୟୁ ମୁଖରୁ ଫେରି ଆସିଛନ୍ତି ମଣ୍ଟୁ ଶତନାମୀ। କୌଣସି କଥାକୁ ନେଇ ୨ ତାରିଖ ରାତି ୧୦ଟାରୁ ୧୧ଟା ମଧ୍ୟରେ ଶିବା ପଟେଲ ନାମକ ଯୁବକ ତାଙ୍କର କେତେକ ସହଯୋଗୀଙ୍କ ସହ ଘରୁ ଟାଣି ଆଣି ମାଡ଼ ମାରିଥିଲେ। ପରେ ପାଖାପାଖି ଅଧ କିମି ପର୍ଯ୍ୟନ୍ତ ଘୋଷାଡ଼ି ନେବା ପରେ ବାଇକ୍‌ରେ ବସାଇ ଯୋଗୀମାଲ ଗାଁରେ ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ମଣ୍ଟୁ ନେହୁରା ହୋଇଥିଲେ ବି ଅଭିଯୁକ୍ତ ଶିବା ଓ ତା'ର ସହଯୋଗୀମାନେ କିଛି ବି ଶୁଣି ନଥିଲେ। ମାଡ଼ରେ ତାଙ୍କ ସାରା ଦେହ ରକ୍ତରେ ଜୁଡୁବୁଡୁ ହୋଇଗଲା। ଏହି ସମୟରେ ଭଷ୍ମା ଥାନାରେ ଜଣେ ଏଏସ୍ ଆଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ମଣ୍ଟୁଙ୍କୁ ଉଦ୍ଧାର କରି ମଙ୍ଗସପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ସୁନ୍ଦରଗଡ଼ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୁଲିସ ଅଧିକାରୀ ପହଞ୍ଚି ନ ଥିଲେ ମଧ୍ୟ ମଣ୍ଟୁଙ୍କୁ ପିଟି ପିଟି ଜୀବନରେ ମାରିଦେଇଥାନ୍ତେ ବୋଲି କୁହାଯାଉଛି। ମଣ୍ଟୁଙ୍କ ପତ୍ନୀ ଡୁଲେଶ୍ୱରୀ ଭଷ୍ମା ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବାକୁ ତନାଘନା ଚଲାଇଛି।

● ଅନ୍‌ଲାଇନ୍ ଟ୍ରେଡିଂ ନାଁରେ ଠକେଇ

## ଆନ୍ଧ୍ରରୁ ଗିରଫ ହେଲେ ମାଷ୍ଟରମାଇଣ୍ଡ୍



କୋରାପୁଟ,୧୧।୫(ସଂଚାର ବ୍ୟୁରୋ): ଅନ୍‌ଲାଇନ୍ ଟ୍ରେଡିଂରେ ଅଧିକ ଲାଭ ଦେବାର ଲୋଭ ଦେଖାଇ ଜୟପୁରର ଜଣେ ବ୍ୟକ୍ତିଙ୍କୁ ୨୦ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରାଯାଇଥିବା ଘଟଣାରେ କୋରାପୁଟ ସାଇବର କ୍ରାଇମ ଓ ଇକନୋମିକ ଅଫେନ୍ସ ଥାନା ପୁଲିସ ଆନ୍ଧ୍ରପ୍ରଦେଶରୁ ଠକେଇର ମାଷ୍ଟରମାଇଣ୍ଡ୍ ସୀଦାରାପୁ ତମ୍ମାୟାଙ୍କୁ ଗିରଫ କରିଛି। ଅଭିଯୋଗକାରୀ ରାଜେଶ ପାତ୍ର ଫେସ୍‌ବୁକରେ ସଞ୍ଜନାଶ୍ରୀ ନାମକ ଜଣେ ମହିଳାଙ୍କ ସହ ପରିଚିତ ହୋଇଥିଲେ। ପରେ ସେ ହ୍ୱାଟ୍ସଆପ୍ ମାଧ୍ୟମରେ ଅନ୍‌ଲାଇନ୍ ଟ୍ରେଡିଂରେ ଲାଭ ହେବ ବୋଲି ତାଙ୍କଠାରେ ବିଶ୍ୱାସ ଜନ୍ମାଇ ବିଭିନ୍ନ ଖାତାକୁ ଟଙ୍କା ପଠାଇବାକୁ କହିଥିଲେ। ଉକ୍ତ ମହିଳା ଜଣଙ୍କ ପର୍ଯ୍ୟାୟ କ୍ରମେ ଭିନ୍ନ ଭିନ୍ନ ଆକାଉଣ୍ଟକୁ ୨୦.୫୦ ଲକ୍ଷ ଟଙ୍କା ପଠାଇଥିଲେ। ତଦନ୍ତରେ ପୁଲିସ ୧୨.୪୬ ଲକ୍ଷ ଟଙ୍କା ହୋଲ୍ଡ କରିଥିବା ବେଳେ ୪ ଲକ୍ଷ ଟଙ୍କା ଅଭିଯୋଗକାରୀଙ୍କୁ ଫେରାଇ ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ, ଏଟିଏମ୍ କାର୍ଡ, ଚେକ୍‌ବୁକ୍, ପାସ୍‌ବୁକ୍ ଓ ବିଭିନ୍ନ ଦସ୍ତାବିଜ୍ ଜବତ କରାଯାଇଛି। ଘଟଣାରେ କୋରାପୁଟ ସାଇବର ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରଖିଥିବା ଡିଏସ୍‌ପି ଭବାନୀ ପ୍ରଧାନୀ କହିଛନ୍ତି।

● ଯୁବକଙ୍କୁ ଅପହରଣ ପରେ ହତ୍ୟା

## ପ୍ରତିବାଦରେ ବାଇକ୍ ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ



ରାୟଗଡ଼ା, ୧୧।୫ (ସଂଚାର ବ୍ୟୁରୋ) : ରାୟଗଡ଼ାର ନିଖିଲ ହାଡ଼ିପାଙ୍କୁ ଅପହରଣ ପରେ ହତ୍ୟା ଘଟଣାକୁ ନେଇ ସହରରେ ଚାପା ଉତ୍ତେଜନା ଦେଖାଦେଇଛି। ହତ୍ୟା ପ୍ରତିବାଦରେ ଆଜି ସ୍ଥାନୀୟ ଲୋକେ ରାୟଗଡ଼ା ଥାନା ଆଗରେ ମୃତଦେହ ରଖି ଶୋଭାଯାତ୍ରା କରିଛନ୍ତି। ଏପରିକି ପୁଲିସ ଅପହରଣକାରୀ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ଜାଣିଶୁଣି ବିଳମ୍ବ କରୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପହରଣ ନେଇ ପୁଲିସକୁ ଅବଗତ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଶବ ଶୋଭାଯାତ୍ରା ବେଳେ ଉତ୍ତ୍ୟକ୍ତ ଲୋକେ ରାସ୍ତାରେ ଏକ ବାଇକ୍‌କୁ ପୋଡ଼ି ଦେଇଛନ୍ତି। ଏନେଇ ସହରରେ ଏକ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଶନିବାର ରାତି ପ୍ରାୟ ୧୦ଟା ସମୟରେ କେତେକ ଯୁବକ ଗୋଟିଏ ବୁଲେଟ ଏବଂ ଏକ ଚାରିଚକିଆ ଗାଡ଼ିରେ ନିଖିଲଙ୍କ ପିଛା କରିଥିଲେ। ଏନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ନିଖିଲ ଦୌଡ଼ି ପଳେଇବା ସମୟରେ ଗୁଳିକାଣ୍ଡ ହୋଇଥିଲା। ଏପରିକି ନିଖିଲ ପ୍ରାଣ ଭୟରେ ଜଣଙ୍କ ଘରେ ପଶିଯିବା ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଅପହରଣ କରି ରିଂ ରୋଡ ପଟେ ନେଇଯାଇଥିଲେ। ପରେ ନିଖିଲଙ୍କୁ ହତ୍ୟା କରି ସେମାନେ ତୁମ୍ବିଗୁଡା ନିକଟରେ ଫିଙ୍ଗି ଚାଲିଯାଇଥିଲେ।

## ନୟାଗଡ଼ ହତ୍ୟା ମାମଲା ୧୨ ଘଣ୍ଟାରେ ୪ ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ



ଭୁବନେଶ୍ୱର, ୧୧।୫ (ସଂଚାର ବ୍ୟୁରୋ): ନୟାଗଡ଼ର ଅଜିତ ସାହୁ ହତ୍ୟା ଘଟଣାରେ ଦୁଇ ମୁଖ୍ୟ ଅପରାଧୀଙ୍କ ସହ ସମସ୍ତ ୪ ଜଣଙ୍କୁ ଗିରଫ କରିଛି ପୁଲିସ। ଏହି ଜଘନ୍ୟ ହତ୍ୟା ମାମଲାରେ ୧୨ ଘଣ୍ଟାରେ ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଓଡ଼ଗାଁ ଥାନା ଅଧିନରେ ଘଟିଥିବା ଏହି ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ମନିଟର କରୁଛନ୍ତି କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ। ଏହି ଘଟଣାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩, ଉପଧାରା ୧ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଅଜିତ ସାହୁଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ଆଉ ଦୁଇ ଜଣଙ୍କ ସମେତ ମୋଟ ୪ ଜଣଙ୍କୁ ଗିରଫ କରାଯାଇଛି। ବୈଜ୍ଞାନିକ ପଦ୍ଧତିରେ ପୁଲିସ ଡିଜିଟାଲ ପ୍ରମାଣ ମଧ୍ୟ ସଂଗ୍ରହ କରୁଛି। ପଥର ଖଣି ଖନନକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ଅଭିଯୋଗ ହେଉଥିବାରୁ ପୁଲିସ ବେଆଇନ ଖନନକାରୀ ଓ ଅପରାଧ ସିଣ୍ଡିକେଟ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ନିଜେ କେନ୍ଦ୍ରାଞ୍ଚଳ ଡିଆଇଜି ତଦନ୍ତ ପ୍ରକ୍ରିୟା ସାଙ୍ଗକୁ ଜିଲ୍ଲାରେ ଆଇନଶୃଙ୍ଖଳାପରିସ୍ଥିତିରମନିଟରିଂକରୁଛନ୍ତି।

● ଭଡ଼ାଟିଆଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ

## ବନ୍ଧାହେଲେ ଘର ମାଲିକ

କେନ୍ଦୁଝର,୧୧।୫(ସଂଚାର ବ୍ୟୁରୋ): କେନ୍ଦୁଝର ଟାଉନ ପୁଲିସ ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ଘର ମାଲିକଙ୍କୁ ଗିରଫ କରିଛି। ଅଭିଯୁକ୍ତ ପୁରୀ ଜିଲ୍ଲା ତାଳବଣିଆ ଥାନା ଅନ୍ତର୍ଗତ ମାଟିଆପଡ଼ା ଗ୍ରାମର ସୁଦର୍ଶନ ଦାଶ ବୋଲି ଜଣାପଡ଼ିଛି। ପୁଲିସ ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବା ସହ ତଦନ୍ତ କରୁଛି।

ମିଳିଥିବା ସୂଚନାନୁସାରେ, କେନ୍ଦୁଝର ଅଞ୍ଚଳର ପୀଡ଼ିତା ଓ ତାଙ୍କ ସ୍ୱାମୀ ୪ ବର୍ଷ ପୂର୍ବେ ପୁରୀରେ ସୁଦର୍ଶନଙ୍କ ଘରେ ଭଡ଼ାରେ ରହୁଥିଲେ। ସେ ସମୟରେ ଅଭିଯୁକ୍ତ ଘର ମାଲିକ ତାଙ୍କ ସହ ଅବୈଧ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ତାଙ୍କ ରୁମ୍‌ରେ ପ୍ରବେଶ କରି ଅସଦାଚରଣ କରିଥିଲେ। ତାଙ୍କ ଅଗୋଚରରେ ଅଶ୍ଳୀଳ ଫଟୋ ଓ ଭିଡିଓ ରେକର୍ଡ କରିଥିଲେ। ପରେ ସେଗୁଡ଼ିକୁ ପୀଡ଼ିତାଙ୍କୁ ଦେଖାଇ ବ୍ଲାକ୍‌ମେଲ କରି ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ କଥା ନ ମାନିବାରୁ ପୀଡ଼ିତାଙ୍କ ଫଟୋ ବ୍ୟବହାର କରି ଏକ ନକଲି ପ୍ରୋଫାଇଲ ତିଆରି କରି ସୋସିଆଲ ମିଡିଆରେ ଅଶ୍ଳୀଳ ଫଟୋ ଓ ସ୍କ୍ରିନଶଟ୍ ଭାଇରାଲ୍ କରିଥିଲେ। ଏନେଇ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଟାଉନ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ପୁରୀରୁ ଗିରଫ କରିବା ସହ ଗୋଟିଏ ମୋବାଇଲ ଜବତ କରିଛି। ଜବତ ମୋବାଇଲ ଯାଞ୍ଚ ପରେ ଅଶ୍ଳୀଳ ଫଟୋ, ସ୍କ୍ରିନ୍‌ଶଟ୍ ଓ ଅନ୍ୟାନ୍ୟ ଡିଜିଟାଲ ସାମଗ୍ରୀ ଉଦ୍ଧାର କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଟାଉନ ଥାନା ଆଇଆଇସି ଶ୍ରୀକାନ୍ତ ସାହୁ କହିଛନ୍ତି ଯେ ସରକାରୀ ଅଧିକାରୀ ସାକ୍ଷୀଙ୍କ ଉପସ୍ଥିତିରେ ଅନୁସନ୍ଧାନ ଓ ଜବତ ପ୍ରକ୍ରିୟା କରାଯାଇଛି। ଏଥିସହ ଏହାର ଭିଡିଓଗ୍ରାଫି ମଧ୍ୟ ହୋଇଛି।



## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ

ମାଲକାନଗିରି, ୧୧।୫ (ସଂଚାର ବ୍ୟୁରୋ):ସୋମବାର ସକାଳେ ମାଲକାନଗିରି-ମାଥିଲି ୩୨୬ନମ୍ବର ଜାତୀୟ ରାଜପଥର ବନ୍ଧଗୁଡାଠାରେ ଭଞ୍ଜନଗରରୁ କାଲିମେଳା ଆସୁଥିବା ଏକ ବସ ସହ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ତାଙ୍କ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। କୃଷି ଅଧିକାରୀ ମାଥିଲି ବ୍ଲକରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଯୋଗ ଦେବାକୁ ଯାଉଥିଲେ। ଦୁର୍ଘଟଣାରେ ବସ୍‌ରେ ବସିଥିବା କର୍ମଚାରୀ ଓ ଯାତ୍ରୀଙ୍କ କୌଣସି କ୍ଷତି ହୋଇନାହିଁ। ଡ୍ରାଇଭର ସମେତ ମୁଖ୍ୟ କୃଷି ଅଧିକାରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଡହଡହ ଖରାରେ କୋଠା ଭାଙ୍ଗୁଛନ୍ତି ଶ୍ରମିକ



କଟକ,୧୧।୫(ସଂଚାର ବ୍ୟୁରୋ): କଟକ ମଧୁପାଟଣା ଥାନା ଅଧୀନସ୍ଥ କଲ୍ୟାଣୀନଗର ସର୍ଭିସ ରୋଡ ଅତି ସଂକୀର୍ଣ୍ଣ ରାସ୍ତା କୋଣରେ ଥିବା ଏକ ବହୁ ପୁରୁଣା ୬ତାଲା କୋଠା ଭଙ୍ଗାଯାଉଛି। ତେବେ ଉକ୍ତ କୋଠାଭଙ୍ଗାରେ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରି କୌଣସି ପ୍ରକାର ସୁରକ୍ଷା ବଳୟ ବିନା କୋଠା ଉପରେ ଡହଡହ ଖରାରେ ଶ୍ରମିକମାନେ ନିଜ ଜୀବନକୁ ବାଜି ଲଗାଇ କାମ କରୁଥିବା ଦେଖିବାକୁ ମିଳିଛି। ସଂକୀର୍ଣ୍ଣ ରାସ୍ତାରେ କୋଠା ଭଙ୍ଗାଯାଉଥିବା ବେଳେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଜନସାଧାରଣ, ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ଆଖପାଖରେ ବସବାସ କରୁଥିବା ଲୋକଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି। ରାଜ୍ୟ ସରକାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାମ କରିବା ସକାଶେ ବାରଣ କରିଛନ୍ତି। କିନ୍ତୁ ଏଠାରେ ଏହି ନିୟମକୁ ଜଳାଞ୍ଜଳି ଦିଆଯାଇ ପ୍ରବଳ ଖରାରେ ଶ୍ରମିକମାନଙ୍କୁ କାମରେ ଲଗାଯାଇଛି। ଏସବୁ ନଜରରେ ପଡୁଥିଲେ ମଧ୍ୟ ସ୍ଥାନୀୟ ବିଭାଗୀୟ ଅଧିକାରୀ ସମ୍ପୂର୍ଣ୍ଣ ଭାବେ ନୀରବତା ଅବଲମ୍ବନ କରୁଥିବା ସମସ୍ତଙ୍କୁ ସନ୍ଦେହରେ ପକାଇଛି। ପୂର୍ବରୁ କଟକ ସହରରେ କାର୍ଯ୍ୟ ଚାଲୁଥିବା ସମୟରେ ଅନେକ ଶ୍ରମିକ ଖରାର ପ୍ରକୋପ ସହିନପାରି ମୃତ୍ୟୁବରଣ କରିବାର ନଜିର ରହିଛି। କିନ୍ତୁ ଏହା ସତ୍ତ୍ୱେ ବି ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ଶ୍ରମିକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରୁ ନ ଥିବା ଯୋଗୁଁ ପ୍ରଭାବଶାଳୀ ଠିକାସଂସ୍ଥା ଓ ଠିକାଦାର ଏଭଳି ବେଆଇନ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ମଧୁପାଟଣା ଥାନାରେ 'ମୋ କଟକ ସୁରକ୍ଷା ମଞ୍ଚ' ପକ୍ଷରୁ ଏକ ଅଭିଯୋଗ ମଧ୍ୟ କରାଯାଇଛି। ଶ୍ରମିକମାନଙ୍କୁ ନିୟୋଜିତ କରିଥିବା ଠିକାସଂସ୍ଥା ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସକାଶେ ଏଥିରେ ଦାବି କରାଯାଇଛି।

### ଥାନାରେ 'ମୋ କଟକ ସୁରକ୍ଷା ମଞ୍ଚ'ର ଅଭିଯୋଗ

ଏହାଛଡ଼ା ଅଞ୍ଚଳବାସୀ ଓ କାର୍ଯ୍ୟରତ ଶ୍ରମିକଙ୍କ ସୁରକ୍ଷା ପାଇଁ ଉକ୍ତ ୬ ତାଲା କୋଠାକୁ ଭଙ୍ଗାଯିବା ସମୟରେ ସମସ୍ତ ପ୍ରକାର ନୀତିନିୟମର ଉପଯୁକ୍ତ ପରିପାଳନ ପାଇଁ ମଧ୍ୟ ମଞ୍ଚର ସଦସ୍ୟମାନେ ଦାବି କରିଛନ୍ତି। ମଞ୍ଚର ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ମଧୁପାଟଣା ଥାନାର ଅତିରିକ୍ତ ଥାନାଧିକାରୀ ସାଗରିକା ମହାନ୍ତିଙ୍କ ନିକଟରେ ଅଭିଯୋଗ ଦାଖଲ କରାଯିବା ସହ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଦାଖଲ ସମୟରେ ମାନବାଧିକାର କର୍ମୀ ସନ୍ତୋଷ କୁମାର ସାହୁ ଓ ସମାଜସେବୀ ଡ. ବ୍ୟୋମକେଶ କାନୁନଗୋ ମଧ୍ୟ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଶେୟାର ମାର୍କେଟରେ ହାହାକାର

# ଖସିଲା ସେନସେକ୍ସ, ଭୁଶୁଡ଼ିଲା ନିଫ୍ଟି




## ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି

## ଆମେରିକା, ଇରାନ ମଧ୍ୟରେ ଶାନ୍ତି ପ୍ରସ୍ତାବ ପ୍ରତ୍ୟାଖାନ ପରେ ବଜାର ଉପରେ ଚାପ

ନୂଆଦିଲ୍ଲୀ, ୧୧।୫: ସପ୍ତାହର ପ୍ରଥମ ବ୍ୟବସାୟ ଦିନରେ ସେୟାର ବଜାରରେ ବଡ଼ ଘାଟା। ସୋମବାର ଷ୍ଟକ୍ ବଜାରରେ ବଡ଼ ହ୍ରାସ ଦେଖାଯାଇଛି। ସେନସେକ୍ସ ଏବଂ ନିଫ୍ଟି ସୂଚକାଙ୍କ ଖୋଲିବା ମାତ୍ରେ ଖସିଥିଲା। ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଏବଂ ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ପ୍ରସ୍ତାବ ପ୍ରତ୍ୟାଖାନ ପରେ ବଜାର ଉପରେ ଚାପ ପଡ଼ିଛି। ମଧ୍ୟପ୍ରାଚ୍ୟ ଉତ୍ତେଜନା ମଧ୍ୟରେ ସୁନା କିଣିବା ଏବଂ ପେଟ୍ରୋଲ ଏବଂ ଡିଜେଲ ସଂରକ୍ଷଣ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅପିଲ ମଧ୍ୟ ଷ୍ଟକ୍ ବଜାରରେ ଭୟକୁ ବଢ଼ାଇଦେଇଛି।

ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ସୂଚକାଙ୍କ ପୂର୍ବ ବନ୍ଦ ତୁଳନାରେ ୯୪୪ ପଏଣ୍ଟ ଖସିଥିଲା। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ସୂଚକାଙ୍କ ମଧ୍ୟ ଆରମ୍ଭରେ ୨୭୫ ପଏଣ୍ଟ ହ୍ରାସ ପାଇଥିଲା। ବିଏସଇ ସେନସେକ୍ସ ୭୬,୬୩୮ ରେ ଖୋଲିଥିଲା। କିଛି ମିନିଟ୍ ମଧ୍ୟରେ ହ୍ରାସ ତୀବ୍ର ହୋଇଥିଲା। କାରବାରର ୫ ମିନିଟ୍ ମଧ୍ୟରେ ବିଏସଇ ସେନସେକ୍ସ ୯୪୪ ପଏଣ୍ଟ ହ୍ରାସ ପାଇ ୭୬,୩୬୩ରେ ପହଞ୍ଚିଥିଲା।

ଷ୍ଟକ୍ ବଜାରରେ ଏହି ଗୁରୁତ୍ୱପୂର୍ଣ୍ଣ ହ୍ରାସର ଅନେକ ପ୍ରମୁଖ କାରଣ ରହିଛି। ସବୁଠାରୁ ବଡ଼ କାରଣ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିବୃତ୍ତି। ଦେଶବାସୀଙ୍କୁ ସୁନା ନ କିଣିବାକୁ ଏବଂ ପେଟ୍ରୋଲ ଏବଂ ଡିଜେଲରେ ସଞ୍ଚୟ କରିବାକୁ ନିବେଦନ କରିଥିଲେ। ଏହା ବ୍ୟତୀତ, ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଆଲୋଚନାର ପ୍ରସ୍ତାବ ନହେବା ପରି ମନେ ହେଉଛି। ଏହା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇଛି। ବଢ଼ୁଥିବା ବିଶ୍ୱ ଉତ୍ତେଜନା ଏବଂ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତିର ଭୟ ଷ୍ଟକ୍ ବଜାର ଉପରେ ଚାପ ପକାଇଛି।

# ତିନିଟି ମାମଲାରେ ଅନିଲଙ୍କ ୧୭ ଠିକଣାରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ, ୧୧।୫: ଶିଳ୍ପପତି ଅନିଲ ଅମ୍ବାନୀଙ୍କ ନାମରେ ରୁଜୁ ହୋଇଥିବା ତିନି ମାମଲା ଆଧାରରେ ସିବିଆଇ ପକ୍ଷରୁ ୧୭ଟି ସ୍ଥାନରେ ଚଢ଼ଉ କରାଯାଇଥିଲା। ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ, ରିଲାଏନ୍ସ ହୋମ୍ ଫାଇନାନ୍ସ ଓ ଏହାର ନିର୍ଦ୍ଦେଶକମାନଙ୍କ ଠିକଣା ଖାନତଲାସୀ ହୋଇଥିଲା। ଅନିଲଙ୍କ ବିରୋଧରେ ବ୍ୟାଙ୍କ ଋଣ ଅନ୍ୟତ୍ର ବ୍ୟବହାର କରିଥିବା ଅଭିଯୋଗ ରହିଛି।

ମୁମ୍ବାଇର ସ୍ୱତନ୍ତ୍ର ସିବିଆଇ କୋର୍ଟ ଜାରି କରିଥିବା ୱାରେଣ୍ଟ ଆଧାରରେ ଏହି ଚଢ଼ଉ ହୋଇଥିଲା। ଏହା ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବାରେ ସଫଳ ହୋଇଥିଲା। ବହୁ ସଂଖ୍ୟାରେ କମ୍ପାନି ଗୋଟିଏ ଠିକଣାରୁ ପରିଚାଳିତ ହେଉଥିବା ଜଣାପଡ଼ିଛି। ତେବେ ଏହି ମାମଲାରେ ତଦନ୍ତ ଜାରି ରହିଛି।ସିବିଆଇ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଭାରତୀୟ ଜୀବନ ବୀମା କମ୍ପାନିର ଅଭିଯୋଗ ଆଧାରରେ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ୍ ଓ ତା ସହ ଜଡ଼ିତ ସଂସ୍ଥାଗୁଡ଼ିକ ବିରୋଧରେ ଗତ କିଛି ମାସରେ ୭ଟି ମାମଲା ରୁଜୁ କରାଯାଇଛି।

ମାମଲା ରୁଜୁ ହେବାରେ ପରେ ୧୪ଟି ସ୍ଥାନରେ ଚଢ଼ଉ ହୋଇଥିଲା। ରିଲାଏନ୍ସ କମ୍ୟୁନିକେସନର ଦୁଇ ଜଣ ବରିଷ୍ଠ ଅଧିକାରୀ ଯୁଗ୍ମ ସଭାପତି ଡି ବିଶ୍ୱନାଥ ଓ ଉପସଭାପତି ଅନିଲ କାଲ୍ୟାଙ୍କୁ ଗିରଫ କରାଯାଇଥିଲା। ଏହି ଦୁଇ ଅଧିକାରୀ ବ୍ୟାଙ୍କ କାରବାରର ଦେଖାଶୁଣା କରୁଥିଲେ ଏବଂ କମ୍ପାନିକୁ ଆସୁଥିବା ପାଣ୍ଠିର ବ୍ୟବହାର ସମ୍ପର୍କିତ ନିଷ୍ପତ୍ତି ନେଉଥିଲେ। ସେମାନେ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି।




## କର୍ପୋରେଟ୍ ଆମେରିକାରେ ଚାକିରି ସଙ୍କଟ

# ୨୦୨୬ରେ ୯୨,୦୦୦ରୁ ଅଧିକ ଛଟେଇ

ନୂଆଦିଲ୍ଲୀ, ୧୧।୫:ଆମେରିକାର କର୍ପୋରେଟ୍ କ୍ଷେତ୍ର ପାଇଁ ୨୦୨୬ ଚିନ୍ତାଜନକ ରହିଛି। ବର୍ଷର ମାତ୍ର କିଛି ମାସ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୯୨,୦୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରାଯାଇ ସାରିଛି। ଏଭଳି ପରିସ୍ଥିତିକୁ ଦେଖି ଅର୍ଥନୀତିଜ୍ଞ ଏବଂ ଶିଳ୍ପ ବିଶେଷଜ୍ଞମାନେ ଭୟ କଲେଣି। ଏସବୁ ଦ୍ୱାରାକର୍ପୋରେଟ୍ ଜଗତର କାର୍ଯ୍ୟଶୈଳୀରେ ଏକ'ସ୍ଥାୟୀ ରୂପାନ୍ତରଣ ହେବା ଯାହା ଭବିଷ୍ୟତର ଚାକିରି ବଜାରକୁ ସମ୍ପୂର୍ଣ୍ଣ ବଦଳାଇ ଦେଇପାରେ ବୋଲି ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି।

ରିପୋର୍ଟଅନୁଯାୟୀ,୨୦୨୬ମସିହାରେ୯୨,୦୦୦ରୁ ଅଧିକ ଟେକ୍ କର୍ମଚାରୀଙ୍କୁ ଛଟେଇ କରାଯାଇଛି।୨୦୨୦ପରଠାରୁ ମୋଟ ଛଟେଇ ହୋଇଥିବା କର୍ମଚାରୀଙ୍କ ସଂଖ୍ୟା ପ୍ରାୟ୯,୦୦,୦୦୦ରେ ପହଞ୍ଚିଛି। ସିଏନବିସି ରିପୋର୍ଟ ଅନୁଯାୟୀ,ମେଟା ଏବଂ ମାଇକ୍ରୋସଫ୍ଟ ଦ୍ୱାରା କରାଯାଇଥିବା ସାମ୍ପ୍ରତିକ ଛଟେଇ ଘୋଷଣାରେ ମୋଟ ୨୦ ହଜାରରୁ ଅଧିକ ଚାକିରି ଯାଇପାରେ। ରିପୋର୍ଟ ଅନୁଯାୟୀ,ଏହି ଛଟେଇ କେବଳ ଗୋଟିଏ କ୍ଷେତ୍ରରେ ସୀମିତ ନାହିଁ। ବଡ଼ ବଡ଼ ଟେକ୍ନୋଲୋଜି କମ୍ପାନୀଠାରୁ ଆରମ୍ଭ କରି ବ୍ୟାଙ୍କିଙ୍ଗ,ଖୁଚୁରା ବ୍ୟବସାୟ ଏବଂ ମାନୁଫ୍ୟାକଚରିଂ ୟୁନିଟ୍ ପର୍ଯ୍ୟନ୍ତ ସବୁଠି ହଜାର ହଜାର କର୍ମଚାରୀଙ୍କୁ ପଦରୁ ହଟାଇ ଦିଆଯାଇଛି। ବିଶେଷଜ୍ଞଙ୍କ ମତରେ,କମ୍ପାନୀଗୁଡିକ ଏବେ କେବଳ ଖର୍ଚ୍ଚ କାଟ ପାଇଁ ନୁହେଁ,ବରଂ ନିଜର ଆଭ୍ୟନ୍ତରୀଣ ଢାଞ୍ଚାକୁ ପୁନଃନିର୍ମାଣ କରିବା ପାଇଁ ଏଭଳି ପଦକ୍ଷେପ ନେଉଛନ୍ତି। ମହାମାରୀ ସମୟରେ ଏଆଇ-ଚାଳିତ ଦକ୍ଷତା ଏବଂ ହୋଇଥିବା ଅଧିକ ନିଯୁକ୍ତିର ବାହାନା ଦର୍ଶାଇ ଆମାଜନ, ଗୁଗୁଲ୍, ଓରାକଲ୍, ସେଲ୍ସଫୋର୍ସ, ନାଇକ୍ ଏବଂ




ସ୍ନାପ୍ ଭଳି କମ୍ପାନୀଗୁଡ଼ିକ ଗତ କିଛି ମାସ ମଧ୍ୟରେ କର୍ମଚାରୀ ଛଟେଇ ଘୋଷଣା କରିଛନ୍ତି। ମେଟା ମଧ୍ୟ ୮ ହଜାର ଛଟେଇ ଏବଂ ପ୍ରାୟ ୬ ହଜାର ନୂଆ ନିଯୁକ୍ତିକୁ ସ୍ଥଗିତ କରିବାକୁ ଯୋଜନା କରୁଛି। ଅନ୍ୟପକ୍ଷରେ,ମାଇକ୍ରୋସଫ୍ଟ ପ୍ରାୟ ୭% ଆମେରିକୀୟ କର୍ମଚାରୀଙ୍କୁ ସ୍ୱେଚ୍ଛାକୃତ ଅବସର ପାଇଁ ସୁବିଧା ପ୍ରଦାନ କରୁଛି। ନାଇକ୍ ମଧ୍ୟ ୧,୪୦୦ ପଦବୀ ହ୍ରାସ କରିଛି,ମୁଖ୍ୟତଃ ଟେକ୍ନୋଲୋଜୀ କ୍ଷେତ୍ରରେ ଏହି ଛଟେଇ କରାଯାଇଛି। ସିଏନବିସି ରିପୋର୍ଟ ଅନୁଯାୟୀ, କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ କହିବା କଥା ହେଲା ଏଆଇ କାର୍ଯ୍ୟପ୍ରବାହକୁ ପରିବର୍ତ୍ତନ କରୁଛି। ଆନ୍ଥ୍ରୋପିକର କ୍ଲାଉଡ୍ ଟୁଲ୍ସ ଏବଂ ଓପନଏଆଇର ଚାଟ୍‌ଜିପିଟି ପ୍ରଦର୍ଶନ ଏହା ଦର୍ଶାଉଛି ଯେ ଏମାନେ ସମସ୍ତ କାର୍ଯ୍ୟକୁ ସ୍ୱୟଂଚାଳିତ କରିପାରିବେ। ଏହି ପରିବର୍ତ୍ତନ ପଛରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇର ପ୍ରଭାବ ସବୁଠୁ ଅଧିକ ବୋଲି କୁହାଯାଉଛି। ଅନେକ କମ୍ପାନୀ ଏବେ ମାନବୀୟ କାର୍ଯ୍ୟକୁ ସ୍ୱୟଂଚାଳିତ କରିବା ପାଇଁ ଟେକ୍ନୋଲୋଜୀରେ ଅଧିକ ପୁଞ୍ଜି ନିବେଶ କରୁଛନ୍ତି।

# ବିଦେଶୀ ନିବେଶକ କାଢ଼ି ନେଉଛନ୍ତି ପୁଞ୍ଜି

ନୂଆଦିଲ୍ଲୀ,୧୧।୫: ମେ' ମାସରେ ମଧ୍ୟ ଦେଶର ପୁଞ୍ଜି ବଜାରରୁ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ପୁଞ୍ଜି ପ୍ରତ୍ୟାହାର ଜାରି ରଖିଛନ୍ତି। ଆମେରିକା-ଇରାନ ଯୁଦ୍ଧ ପୁଞ୍ଜି ବଜାରକୁ ଝଟ୍‌କା ଦେଇଛି। ଚଳିତ ବର୍ଷ ଅଦ୍ୟାବଧି ନିବେଶକମାନେ ୨ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଶି ପ୍ରତ୍ୟାହାର କରିଛନ୍ତି। ଏନ୍‌ଏସ୍‌ଡିଏଲ୍ ଡାଟା ମୁତାବକ, କେବଳ ମେ ମାସରେ ବିଦେଶୀ ନିବେଶକମାନେ ୧୪,୨୩୧ କୋଟି ଟଙ୍କା କାଢ଼ି ନେଲେଣି। ୨୦୨୬ର ଅଦ୍ୟାବଧି ହୋଇଥିବା ପୁଞ୍ଜି ପ୍ରତ୍ୟାହାର ଗତ ବର୍ଷର ପ୍ରତ୍ୟାହାର ଠାରୁ ଅଧିକ ରହିଛି। ୨୦୨୫ରେ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରୁ ୧.୬୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ।

ଚଳିତ ବର୍ଷ ବିଦେଶୀ ନିବେଶକମାନେ ବଜାରକୁ ନେଇ ନକରାତ୍ମକ ମନୋଭାବ ପ୍ରକଟ କରିଛନ୍ତି। ଜାନୁଆରି ମାସରେ ଏମାନେ ୩୫,୯୬୨ କୋଟି ଟଙ୍କାର ଶେୟାର ବିକ୍ରି କରିଥିଲେ। ମାତ୍ର ଫେବ୍ରୁଆରି ମାସରେ ସେମାନେ ୨୨,୬୧୫ କୋଟି ଟଙ୍କା ନିବେଶ କରିଥିଲେ। ଯାହା ଗତ ୧୫ ମାସର ସବୁଠାରୁ ବଡ଼ ମାସିକ ନିବେଶ ଥିଲା। ମାତ୍ର ଏହି ଧାରା ଅଧିକ ସମୟ ଯାଏ ରହି ନ ଥିଲା। ମାର୍ଚ୍ଚରେ ବଜାରରୁ ୧.୧୭ ଲକ୍ଷ କୋଟି ଟଙ୍କାର ରାଶି କାଢ଼ି ନେଇଛନ୍ତି ନିବେଶକ। ସେହିଭଳି ଏପ୍ରିଲରେ ମଧ୍ୟ ନିବେଶକମାନେ ବଜାରରୁ ୬୦, ୮୪୭ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ମର୍ଣ୍ଣିଂଷ୍ଟାର ଇନଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ପ୍ରମୁଖ ରିସର୍ଚ୍ଚ ମ୍ୟାନେଜର ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି, ବୈଶ୍ୱିକ ସ୍ତରରେ ବଢ଼ୁଥିବା ମୁଦ୍ରାସ୍ଫୀତି, ସୁଧହାରରେ ପରିବର୍ତ୍ତନ ନେଇ ଆଶଙ୍କା ଏବଂ ଯୁଦ୍ଧ ବଜାରକୁ ପ୍ରଭାବିତ କରିଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁ ଅଶୋଧିତ ତେଲ ଲଗାତାର ବୃଦ୍ଧି ହେଉଛି। ଯାହା ମୁଦ୍ରାସ୍ଫୀତି ଚାପ ବଢ଼ାଇଛି। ଫଳରେ ସୁଧହାର ହ୍ରାସ ହେବନି ବୋଲି ନିବେଶକ ଭାବୁଛନ୍ତି। ସେମାନେ ବିକଶିତ ବଜାର ଗୁଡିକର ଡେଟ୍ ଇନଷ୍ଟ୍ରୁମେଣ୍ଟରେ ନିବେଶ କରୁଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କା ମୂଲ୍ୟ ଲଗାତର ଦୁର୍ବଳ ହେବା ଯୋଗୁ ନିବେଶକଙ୍କ ଚିନ୍ତା ବଢ଼ିଛି। ଡଲାର ଦୃଷ୍ଟିକୋଣରୁ ସେମାନଙ୍କ ରିଟର୍ଣ୍ଣ ପ୍ରଭାବିତ ହୋଇଛି। ଜିଓଜିତ ଇନଭେଷ୍ଟମେଣ୍ଟର ମୁଖ୍ୟ ନିବେଶ ଷ୍ଟ୍ରାଟେଜିଷ୍ଟ ଭିକେ ବିଜୟ କୁମାର କହିଛନ୍ତି, ଟଙ୍କା ମୂଲ୍ୟ ହ୍ରାସ ହେବା ଏବଂ ଭାରତରେ ଆୟ ଅଭିବୃଦ୍ଧିକୁ ନେଇ ଚିନ୍ତା ଜାରି ରହିଛି। ଏହି କାରଣ ଗୁଡିକ ଯୋଗୁ ନିବେଶକ ବଜାରରୁ ପୁଞ୍ଜି ପ୍ରତ୍ୟାହାର ଜାରି ରଖିଛନ୍ତି। ଲଗାତାର ହେଉଥିବା ବିକ୍ରି ଶେୟାର ବିକ୍ରି ସତ୍ତ୍ୱେ ମଧ୍ୟ ବିଦେଶୀ ନିବେଶକ ମାନେ ବଜାରରୁ ସମ୍ପୂର୍ଣ୍ଣ ଭାବେ ବାହାରକୁ ବାହାରି ନାହାନ୍ତି। ନିବେଶକମାନେ ଶକ୍ତି, ନିର୍ମାଣ, କ୍ୟାପିଟାଲ ଗୁଡ୍‌ସ ଭଳି ବଛାବଛା କ୍ଷେତ୍ରରେ ନିବେଶ କରୁଛନ୍ତି। ସେହିଭଳି ଉନ୍ନତ ଆୟ ପ୍ରଦାନ କରୁଥିବା ମିଡ୍ କ୍ୟାପ୍ ଏବଂ ସ୍ମଲ କ୍ୟାପ୍ ଫଣ୍ଡ ଗୁଡିକରେ ମଧ୍ୟ ନିବେଶ ଜାରି ରଖିଛନ୍ତି।



**୨ ଲକ୍ଷ କୋଟି ପ୍ରତ୍ୟାହାର**

**୨୦୨୫ରେ ୧.୬୬ ଲକ୍ଷ କୋଟି କାଢ଼ିଥିଲେ**

**ଡେଟ୍ ଇନଷ୍ଟ୍ରୁମେଣ୍ଟରେ ନିବେଶ**

**ମୁଦ୍ରାସ୍ଫୀତି ଚାପ, ଦୁର୍ବଳ ଟଙ୍କା ଚିନ୍ତା ବଢ଼ାଇଛ**

# ବିଶେଷଜ୍ଞଙ୍କ ଚେତାବନୀ:ଅନେକ ବର୍ଷ ଯାଏ କମିବନି ପେଟ୍ରୋଲ, ଡିଜେଲ ଦର

ନୂଆଦିଲ୍ଲୀ, ୧୧।୫:ଏସୀୟ ବିକାଶ ବ୍ୟାଙ୍କ (ଏଡିବି)ର ମୁଖ୍ୟ ଅର୍ଥଶାସ୍ତ୍ରୀ ଅଲବର୍ଟ ପାର୍କ ଏକ ବଡ଼ ଚେତାବନୀ ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ଆଗାମୀ ବର୍ଷ ଗୁଡ଼ିକରେ ଅଶୋଧିତ ତୈଳ (Crude Oil) ଦର ଅଧିକ ରହିବାର ଆଶଙ୍କା ରହିଛି। ମଧ୍ୟ-ପ୍ରାଚ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ଉତ୍ତେଜନା ଯୋଗୁଁ ଏଭଳି ସ୍ଥିତି ଉପୁଜିବ। ଏହା ଦ୍ୱାରା ଏକାଧାରରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇପାରେ ଏବଂ ଅନ୍ୟପଟେ ମୁଦ୍ରାସ୍ଫୀତି ବଢ଼ିବାର ଭୟ ରହିଛି। ପାର୍କ କହିଛନ୍ତି ଯେ, "ତୈଳ ମୂଲ୍ୟରେ ବୃଦ୍ଧି ହେବାର ସମ୍ଭାବନା ଅଛି। ଆମର ନୂଆ ଆକଳନ ଅନୁଯାୟୀ, ୨୦୨୬ରେ ହାରାହାରି ମୂଲ୍ୟ ବ୍ୟାରେଲ ପିଛା ୯୬ ଡଲାର ରହିପାରେ। ସେହିପରି ୨୦୨୭ରେ ମଧ୍ୟ ଏହା ୮୦ ଡଲାର ଭଳି ଉଚ୍ଚ ସ୍ତରରେ ରହିବାର ସମ୍ଭାବନା ଅଛି। ତେଣୁ ଆମେ ମାନୁଛୁ ଯେ,ତୈଳ ଦର ଦୀର୍ଘ ସମୟ ଧରି ବୃଦ୍ଧି ପାଇ ରହିବ।" ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ୨୦୨୬-୨୭ରେ ଭାରତର ଜିଡିପି ଅଭିବୃଦ୍ଧି ୦.୬% ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଏହାଦ୍ୱାରା ଭାରତର ଆର୍ଥିକ ଅଭିବୃଦ୍ଧି କମି ୬.୩ ପ୍ରତିଶତକୁ ଖସି ଆସିବ। ଏହା ସହିତ ମୁଦ୍ରାସ୍ଫୀତି ବା ମହଙ୍ଗା ମାଡ଼ ମଧ୍ୟ ଦ୍ରୁତ ଗତିରେ ବଢ଼ିପାରେ।



ଏହା ପୂର୍ବରୁ ଏପ୍ରିଲ ମାସରେ ଏଡିବି ଅନୁମାନ କରିଥିଲା ଯେ, ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ୬.୯% ଏବଂ ଆସନ୍ତା ଆର୍ଥିକ ବର୍ଷରେ ୭.୩% ହାରରେ ବୃଦ୍ଧି ପାଇବ। କିନ୍ତୁ ସଂଶୋଧିତ ଆକଳନ ଅନୁଯାୟୀ, ତୈଳ ଦର ଏହି ଅଭିବୃଦ୍ଧିରେ ବାଧା ସୃଷ୍ଟି କରି ପାରେ। ତଥାପି ପାର୍କ କହିଛନ୍ତି ଯେ, ଭାରତ ପରବର୍ତ୍ତୀ ବର୍ଷରେ ପୁଣି ଥରେ ଶକ୍ତିଶାଳୀ ଭାବେ ପ୍ରତ୍ୟାବର୍ତ୍ତନ କରିବ।

ଅର୍ଥଶାସ୍ତ୍ରୀଙ୍କ ଅନୁଯାୟୀ, ଭାରତରେ ମୁଦ୍ରାସ୍ଫୀତି ଚଳିତ ବର୍ଷ ୨.୪% ବୃଦ୍ଧି ପାଇ ୬.୯% ରେ ପହଞ୍ଚି ପାରେ। ଏହାର ମୁଖ୍ୟ କାରଣ ହେଉଛି ଭାରତ ଆମଦାନୀ ହେଉଥିବା ତୈଳ ଏବଂ ଗ୍ୟାସ୍ ଉପରେ ଅଧିକ ନିର୍ଭରଶୀଳ। ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତ ଉପରେ ଏହାର ପ୍ରଭାବ ସାମାନ୍ୟ ଅଧିକ ରହିବ। ପାର୍କ 'ଅଲ୍ ନିନୋ'ର ସମ୍ଭାବ୍ୟ ପ୍ରଭାବ ଏବଂ ସାରର ବର୍ଦ୍ଧିତ ମୂଲ୍ୟକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। କହିଛନ୍ତି ,ଭାରତରେ ଯେତେବେଳେ ଫସଲ ଖରାପ ହୁଏ, ସେତେବେଳେ ସମସ୍ୟା ବଢ଼ିଯାଏ। ବିଶ୍ୱ ଚାଉଳ ବଜାରରେ ଭାରତର ଏକ ବଡ଼ ଅଂଶ ରହିଛି, ତେଣୁ ଭାରତରେ ଯାହା ଘଟେ ତାହାର ପ୍ରଭାବ ଅନ୍ୟ ଦେଶ ଉପରେ ମଧ୍ୟ ପଡ଼େ। ସାର ମୂଲ୍ୟ ବୃଦ୍ଧି ଯୋଗୁଁ ଚାଷୀମାନେ ଏହାର ବ୍ୟବହାର କମାଇ ଦେଇପାରନ୍ତି, ଯାହା ଫସଲ ଅମଳ ହ୍ରାସ କରିବ ଏବଂ ବର୍ଷ ଶେଷ ଆଡ଼କୁ ଖାଦ୍ୟ ସାମଗ୍ରୀର ଅଭାବ ଦେଖା ଦେଇପାରେ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୪୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୯,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୪୬୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୯,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୨,୩୯୦ ଟଙ୍କା ଓ ୨୨ କ୍ୟାରେଟ ୧,୩୯,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୮୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୦୧୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୪୬୦ ଓ ୨୨ କ୍ୟାରଟ ମୂଲ୍ୟ ୧,୩୯,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

## ଜଳେଶ୍ୱର ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ




ଜଳେଶ୍ୱର,୧୧।୫ (ସଂଚାର ବ୍ୟୁରୋ): ଜଳେଶ୍ୱର ଷ୍ଟେସନ ବଜାର ମିଲ କଲୋନୀ ସ୍ଥିତ ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ଗ୍ରୀଷ୍ମକାଳୀନ ଶିବିର ଗତ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସମାଜସେବୀ ବୀରେନ୍ଦ୍ର କୁମାର ପାତ୍ର ଏହି ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବରୁଣ କୁମାର ଜେନା ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ଦୀର୍ଘ ୭ଦିନ ଧରି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ନୃତ୍ୟ, ଚିତ୍ରାଙ୍କନ, ସଙ୍ଗୀତ, ଯୋଗ, କୁଇଜ ଓ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଠାକୁରଙ୍କ ଜନ୍ମ ଦିବସ ପାଳିତ ହୋଇଥିଲା। ମାତୃଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଇଂ ବିକାଶ ପାତ୍ର ଉଦଘାଟନ କରିଥିଲେ। ମା' 'ମାନେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିବା ପରେ ସେମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଉଦଘାଟନ ଅପେକ୍ଷାରେ ପୌର ପରିଷଦର ଚୋରଦା ବ୍ୟବସାୟ ପ୍ରତିଷ୍ଠାନ




ଯାଜପୁର ରୋଡ଼,୧୧।୫(ସଂଚାର ବ୍ୟୁରୋ): ବ୍ୟାସନଗର ପୌରପରିଷଦ ଓ୍ୱାର୍ଡ ନଂ-୯ ଏରିଆର ଚୋରଦା ଠାରେ ରହିଥିବା ମାର୍କେଟ କମ୍ପ୍ଲେକ୍ସ, ବ୍ୟବସାୟ ପ୍ରତିଷ୍ଠାନ ଆଜି ପର୍ଯ୍ୟନ୍ତ ଉଦଘାଟନ ହୋଇପାରୁନାହିଁ। ଯାହାଫଳରେ ଏଠାରେ ଥିବା ନିର୍ମାଣ ଗୃହ, ନିର୍ମାଣ ବ୍ୟବସାୟୀକ ପିଣ୍ଡି ଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥା ଆଡ଼କୁ ଗତି କରିବାକୁ ବସିଛି। ବର୍ଷ ବର୍ଷ ହେଲା ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଶେଷ ହୋଇସାରିଛି । ତେବେ ଏହି ପ୍ରତିଷ୍ଠାନ ମାର୍କେଟ'ଟି ଉଦ୍‌ଘାଟନ ନହେବାର କାରଣ କ'ଣ ରହିଛି ତାହା ସହରବାସୀ ମାନଙ୍କର ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ କୋଟି କୋଟି ଟଙ୍କାର ଅର୍ଥରାଶି ସରକାରଙ୍କ ପାଣ୍ଠିରୁ ଖର୍ଚ୍ଚ ହୋଇଛି ସତ କିନ୍ତୁ ତାହା ଏବେ ବିଭିନ୍ନ ଧରଣର ବ୍ୟବସାୟୀଙ୍କ କାମରେ ନଆସି କେବଳ ମାଛ ବେପାରି ମାନଙ୍କର କାମରେ ଆସୁଛି। ଏହି ମାଛ ବେପାରି ମାନେ ଏହି ଭେଣ୍ଡିଂ ଜୋନ୍ ଭିତରେ ଖରା, ବର୍ଷା, ଶୀତରେ ଖୋଲା ମେଲାରେ ବସି ମାଛ ବେପାର କରୁଛନ୍ତି । ମାଛ ପସରା ମେଲାଇ ମାଛ ବିକ୍ରୀ କରି ଅନେକ ସମୟରେ ମାଛରୁ ବାହାରୁଥିବା କାତି ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ରାସ୍ତା ଉପରେ ପକାଇ ଦେଉଛନ୍ତି। ଏଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିବା ସଂଗେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ନିର୍ମାଣ ହୋଇଥିବା ମାର୍କେଟ୍ କମ୍ପ୍ଲେକ୍ସ ବ୍ୟବସାୟ ପ୍ରତିଷ୍ଠାନଟି ତୁରନ୍ତ ଉଦଘାଟନ କରାଯାଇ ଦୋକାନ ଗୃହ ଗୁଡିକ ବ୍ୟବସାୟୀ ମାନଙ୍କୁ ପ୍ରଦାନ କରିବା ଲାଗି ବ୍ୟାସନଗର ପୌର ପରିଷଦ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜନ ଆକ୍ରୋଶ ମହିଳା ସମାବେଶ ଓ ପଦ ଶୋଭାଯାତ୍ରା




ଯାଜପୁର,୧୧।୫ (ସଂଚାର ବ୍ୟୁରୋ):ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ବିଜେପିର ୯ନଂ ଯୋନ ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ କହିଥିଲେ ଭାରତ ରେ ମହିଳା ସଂରକ୍ଷଣ ନିମନ୍ତେ ୩୩ ପ୍ରତିଶତ ବିଲ୍ ପାରିତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭାରେ ପାରିତ କରିବା ପାଇଁ ଯାଉଥିଲେ ସେହି ବିଲ୍ କୁ ଏପ୍ରିଲ ୧୬, ୧୭, ୧୮ ରେ କଂଗ୍ରେସ, ତୃଣମୂଳ କଂଗ୍ରେସ, ଡ଼ି.ଏମ୍.କେ ଓ ବିଜେଡି ଦଳ ତାକୁ ବିରୋଧ କରି ତାକୁ ପାରିତ ହେବାକୁ ଦେଲେ ନାହିଁ ବୋଲି କହିଥିଲେ। ଏହି ଆନ୍ଦୋଳନରେ ୯ ନଂ ଜୋନର ଏକାଧିକ ମହିଳା ମାନେ ଏକ ମନ୍ତ୍ରୀଙ୍କ ସହ ବିରାଟ ପଦଯାତ୍ରାରେ ବାହାରି ଧୂଳିଗଡ଼ ପଞ୍ଚାୟତ ହିଙ୍ଗୁଳା ମାଙ୍କଠାରୁ ବାହାରି ପରିକ୍ରମା କରି ଧୂଳିଗଡ଼ ଗ୍ରାମରେ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ପଦଯାତ୍ରାରେ ବିରୋଧି ଦଳ ମହିଳା ବିଲ୍‌କୁ ବିରୋଧ କରିଥିବା ଯୋଗୁଁ ତାକୁ ନେଇ ବିଜେପି ମହିଳା ମୋର୍ଚ୍ଚା ସ୍ଲୋଗାନ ଦେଇଥିଲା। ଏହି ସମାବେଶରେ ବିଭିନ୍ନ ସ୍ୱୟଂ ଶ୍ରୀ ମହିଳା ସମବାୟ ସମିତିର ସଭାପତି ଧୂଳିଗଡ଼ ସରପଞ୍ଚ ମାନସ ରଣା,ସଭାପତି ଗୋଲଖି ଧୀରଙ୍କ ସମେତ ମହିଳା ମାନେ ସମାବେଶରେ ଯୋଗ ଦେଇଥିଲେ।

# କିନ୍ନରଙ୍କ ନିମନ୍ତେ ଆଇନଗତ ସହାୟତା ଶିବିର

ଭୁବନେଶ୍ୱର,୧୧।୫ (ସଂଚାର ବ୍ୟୁରୋ): ସମାଜର ସବୁବର୍ଗଙ୍କୁ ସମାନ ଆଇନ୍ ଏବଂ ସାମାଜିକ ନ୍ୟାୟ ପ୍ରଦାନ କରିବାର ଲକ୍ଷ୍ୟ ନେଇ କିନ୍ନର ସମ୍ପ୍ରଦାୟଙ୍କ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍) ପକ୍ଷରୁ ନିକଟରେ ଦୁଇ ଦିନିଆ ଆଇନ୍ ସଚେତନତା ଶିବିର ଆୟୋଜିତ ହୋଇଯାଇଛି।

ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର (ଡକ୍ଟର) ଏସ୍.ଏ.କେ. ଆଜାଦଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ପ୍ରାୟ ୧୦୦ ଜଣ କିନ୍ନର ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲେ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଲିଗାଲ ଏଡ୍ ସୋସାଇଟିର ୩୦ ଜଣ ସ୍ୱେଚ୍ଛାସେବୀ ଏବଂ ସଦସ୍ୟ ସକ୍ରିୟ ଭାବେ ସାମିଲ ହୋଇ କାର୍ଯ୍ୟ କରିଥିଲେ।



ପ୍ରଥମ ଦିନର ଶିବିରଟି ଭୁବନେଶ୍ୱର ସ୍ଥିତ ଡମଣା ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଖୀ' ଫାଉଣ୍ଡେସନ୍‌ର ସହଭାଗିତାରେ ଆୟୋଜିତ ହୋଇଥିଲା। ସ୍ୱେଚ୍ଛାସେବୀମାନେ ଏହି ଅନୁଷ୍ଠାନର କିନ୍ନର ସମ୍ପ୍ରଦାୟର ଜଣ ଜଣଙ୍କ ସହ ଆଲୋଚନା କରି ସେମାନେ କିଭଳି ପ୍ରତିଦିନ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଜାଣିବା ସହ ସେମାନଙ୍କୁ ନିଜର ମୌଳିକ ଅଧିକାର, ଆଇନଗତ ସୁରକ୍ଷା ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। 'ସଖୀ'ର ସଭାନେତ୍ରୀ ସ୍ୱିଟି ସାହୁ ଯୋଗ ଦେଇ ନିଜ ଯାତ୍ରା ଓ ସଫଳତା ବଖାଣି ଥିଲେ।

ସେହିପରି ଦ୍ୱିତୀୟ ଦିନର ଶିବିର ସୁନ୍ଦରପଦା ଅଞ୍ଚଳରେ ଆୟୋଜନ କରାଯାଇଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଖା'ର ପ୍ରତିଷ୍ଠାତା ମୀରା ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ସାମିଲ ହୋଇଥିବା ପ୍ରତିନିଧିମାନଙ୍କୁ ସେମାନଙ୍କର ଆଇନଗତ ଅଧିକାର ସହ ସମାନତା, ଆତ୍ମସମ୍ମାନ ଏବଂ ସାମାଜିକ ଅନ୍ତର୍ଭୁକ୍ତି ସମ୍ପର୍କରେ ସଚେତନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମହତ୍ତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।

କାର୍ଯ୍ୟକ୍ରମକୁ ଏସ୍‌ଏନ୍‌ଆଇଏଲ୍‌ର ଫ୍ୟାକଲ୍ଟି ମେମ୍ବର୍ସ ଶ୍ରୀ ସିଦ୍ଧାର୍ଥ ଦାସ, ଶ୍ରୀ ପ୍ରମିଥ ନନ୍ଦୀ, ଶ୍ରୀ ହିମାଂଶୁ ଶେଖର ମୁଦୁଲି ଓ ଶ୍ରୀ ଅନୁରାଗ ଦାସ ପରିଚାଳନା କରିଥିଲେ।

## କୃଷକ ମୋର୍ଚ୍ଚାର ନୂତନ ଜିଲ୍ଲା ପଦାଧିକାରୀ ମଣ୍ଡଳୀ ଘୋଷଣା

ସୁନ୍ଦରଗଡ଼,୧୧।୫ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ କୃଷକ ମୋର୍ଚ୍ଚାର ସଂଗଠନକୁ ଆହୁରି ସକ୍ରିୟ, ସୁଦୃଢ଼ ଓ ଗ୍ରାମମୁଖୀ କରିବା ଉଦ୍ଦେଶ୍ୟରେ ନୂତନ ଜିଲ୍ଲା ପଦାଧିକାରୀ ମଣ୍ଡଳୀ ଘୋଷଣା କରାଯାଇଛି। ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଏବଂ କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ବିମଳ ପଟେଲଙ୍କ ଅନୁମୋଦନ କ୍ରମେ ନବଗଠିତ ଟିମ୍‌କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂତନ କମିଟିରେ ଜିଲ୍ଲା ଉପସଭାପତି ଭାବେ ଦୋଳ ଗୋବିନ୍ଦ ଦାସ, ପ୍ରଫୁଲ୍ଲ ବାରିକ, ସତ୍ୟବାନ ବିଶି, ଚନ୍ଦ୍ରମା ମେହେର, ଆରତୀ ପଟେଲ ଓ ବେଦପ୍ରକାଶ ବରୁଆଙ୍କୁ ଦାୟିତ୍ୱ ମିଳିଥିବା ବେଳେ ସାଧାରଣ ସମ୍ପାଦକ ଭାବେ ସୁଦାମ ହୋତା ଓ ଶ୍ରୀଧର ଭୋଇଙ୍କୁ ମନୋନୀତ କରାଯାଇଛି।

ସେହିପରି ଜିଲ୍ଲା ସମ୍ପାଦକ ଭାବେ ସୁମନ୍ତ ପଟେଲ, ବିକାଶ ନାଏକ, ମନୋଜ ପୁରୋହିତ, ପ୍ରକାଶିନୀ ନାଏକ, ପଙ୍କଜିନୀ ମାଝୀ ଓ କୁନି ଅଡ଼ାଙ୍କୁ ଦାୟିତ୍ୱ ଦିଆଯାଇଛି। କୋଷାଧ୍ୟକ୍ଷ ଭାବେ ଗୌରୀ କୁଜୁରଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଆଇଟି ସେଲର ଦାୟିତ୍ୱ ଓମ ପ୍ରକାଶ ଅଗ୍ରୱାଲ ଓ ମିଡ଼ିଆ ସେଲର ଦାୟିତ୍ୱ ଅଜୟ ପଟେଲଙ୍କୁ ପ୍ରଦାନ କରାଯାଇଛି।ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ସମସ୍ତ ନବନିଯୁକ୍ତ ପଦାଧିକାରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଦଳ ପକ୍ଷ ରୁ ଆଶା ପ୍ରକାଶ କରାଯାଇଛି ଯେ, ନୂତନ ନେତୃତ୍ୱ କୃଷକମାନଙ୍କ ସମସ୍ୟା, ଅଧିକାର ଓ ସରକାରୀ ଯୋଜନାକୁ ଗାଁଗାଁରେ ପହଞ୍ଚାଇ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବେ।

କୃଷକ ମୋର୍ଚ୍ଚା ସଦା ସର୍ବଦା ଚାଷୀ ଭାଇଭଉଣୀଙ୍କ ସହ ରହି ତାଙ୍କ ଉନ୍ନତି ପାଇଁ କାମ କରୁଛି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିସାନ, ସମ୍ମାନ ନିଧି ଯୋଜନା, ପିଏମ ଫସଲ ବୀମା ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, କୃଷି ଯନ୍ତ୍ରପାତି ସହାୟତା, ସିଚାଇ ସୁବିଧା ବୃଦ୍ଧି ଓ ଆତ୍ମନିର୍ଭର କୃଷି ଯୋଜନା ମାଧ୍ୟମରେ କୃଷକମାନଙ୍କ ଆର୍ଥିକ ସଶକ୍ତିକରଣ ହେଉଛି। ଏହି ସମସ୍ତ ଯୋଜନାକୁ ସାଧାରଣ କୃଷକଙ୍କ ନିକଟରେ ପହଞ୍ଚାଇବା ସହିତ ସେମାନଙ୍କ ସମସ୍ୟାର ସମାଧାନ ପାଇଁ କୃଷକ ମୋର୍ଚ୍ଚାର ପଦାଧିକାରୀ ଙ୍କୁ ତୃଣମୂଳ ସ୍ତରରେ ନିରନ୍ତର କାର୍ଯ୍ୟ କରିବାକୁ ଦଳ ଆଶା ବ୍ୟକ୍ତ ରଖିଛି। ଦଳର ଆଦର୍ଶ, ଶୃଙ୍ଖଳା ଓ ସେବାଭାବକୁ ଆଧାର କରି ସମସ୍ତ ପଦାଧିକାରୀ କୃଷକ ଓ ସାଧାରଣ ଜନତାଙ୍କ ସହ ସୁଦୃଢ଼ ସମ୍ପର୍କ ସ୍ଥାପନ କରି ସଂଗଠନକୁ ଆହୁରି ଗତିଶୀଳ କରିବେ ବୋଲି ଦୃଢ଼ ବିଶ୍ୱାସ କରାଯାଇଛି।

## ମା' ମଙ୍ଗଳା ପୀଠରେ ଚନ୍ଦନ ଯାତ୍ରା ପାଳିତ

### ପ୍ରାଚୀ ନଦୀରେ ଚାପ ଖେଳିଲେ ରାଧାକୃଷ୍ଣ



ଅସ୍ତରଙ୍ଗ/କାକଟପୁର,୧୧।୫ (ସଂଚାର ବ୍ୟୁରୋ): ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ମାନଙ୍କର ୨୧ ଦିନିଆ ଚନ୍ଦନ ଯାତ୍ରା ଶ୍ରୀକ୍ଷେତ୍ରେ ଭଉଁରୀ ନୀତି ଥିବାବେଳେ ପୁରୀ ଜିଲ୍ଲା କାକଟପୁର ବସିନୀ ମା ମଙ୍ଗଳାଙ୍କ ପୀଠରେ ,ରାଧାକୃଷ୍ଣଙ୍କର ୨୨ ଦିନ ଧରି ଚାଲୁଥିବା ଚନ୍ଦନ ଯାତ୍ରାର ଉକ୍ତଳେ ଭଉଁରୀ ନୀତି ସମାପନ ହୋଇଛି । ଏହି ଚନ୍ଦନ ଯାତ୍ରା ପ୍ରଥା କେଉଁ ଆବାହନ ରୁ ରହିଆଛି । ଯାହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇ ଜ୍ୟେଷ୍ଠ ପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମା ପୂର୍ବରୁ ଶେଷ ହୋଇଥାଏ । ଏହି ସମୟରେ ପୁରୀରେ ମହାପ୍ରଭୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା (ମଦନମୋହନ, ରାମକୃଷ୍ଣ, ଦୋଳଗୋବିନ୍ଦ) ନରେନ୍ଦ୍ର ପୋଖରୀରେ ଚାପ ଖେଳିବା ସହ ଚନ୍ଦନ ଲାଗି ହୁଅନ୍ତି । ସେହିପରି ସୋମବାର ସନ୍ଧ୍ୟାରେ ମା ମଙ୍ଗଳା ମନ୍ଦିରରୁ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ମଙ୍ଗଳା ମନ୍ଦିର ସେବାୟତ ମାନେ ପାରମ୍ପରିକ ବାଦ୍ୟ ଘଣ୍ଟ, ଘଣ୍ଟା, ଢୋଲ, ମହୁରୀ, ଛତ୍ରୀ ଆଦି ସହ ଆତଶ ବାଜି ମାଧ୍ୟମରେ ମନ୍ଦିର ବାହାରକୁ ଠାକୁରଙ୍କୁ ଅଣାଯାଇ କାକଟପୁର ବଜାର ମଧ୍ୟରେ ଥିବା ପ୍ରାଚୀ ନଦୀ କୂଳ ଚନ୍ଦନ ମଣ୍ଡପକୁ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ଅଣାଯାଇଥିଲା ।

ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ପ୍ରତିଦିନ ସନ୍ଧ୍ୟାରେ ରାଧାକୃଷ୍ଣ ଠାକୁରମାନେ ରତ୍ନ ସିଂହାସନରୁ ଆଜ୍ଞାମାଳ ନେଇ ଚନ୍ଦନ ମଣ୍ଡପକୁ ଚାପ ଖେଳିବା ପାଇଁ ଆସିଥାନ୍ତି । ଠାକୁରମାନେ ନୌକା ବିହାର କରି ଚାପ ଖେଳିଥାନ୍ତି । ସୁଗନ୍ଧିତ ଚନ୍ଦନ ପାଣିରେ ଠାକୁରଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ ହେବାପରେ ବିଭିନ୍ନ ଅଳଙ୍କାରରେ ସଜିତ କରାଯାଏ ଯାହା ଗ୍ରୀଷ୍ମ ଋତୁରେ ସେମାନଙ୍କୁ ଶୀତଳତା ପ୍ରଦାନ କରେ ।ଭକ୍ତ ମାନଙ୍କ ଦ୍ୱାରା ବିଭିନ୍ନ ଫଳ ଆଦି ଠାକୁରଙ୍କ ପାଖରେ ଭୋଗ ଲାଗିଥାଏ ଏହି ଭୋଗକୁ ପଣ୍ଟି ଭୋଗ କୁହାଯାଏ ବୋଲି ମା ମଙ୍ଗଳାଙ୍କ ସେବକ ମାନସ କୁମାର ଦୀକ୍ଷିତ କହିଥିବା ବେଳେ ପ୍ରାଚୀ ନଦୀରେ ଠାକୁରଙ୍କ ଚାପ ଖେଳ ସରିବା ପରେ ପୁନଃ ମନ୍ଦିର ସେବାୟତ ମାନେ ରାଧକୃଷ୍ଣ ଙ୍କୁ ନେଇ ବିମାନରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।ଏହି ଚନ୍ଦନ ଯାତ୍ରା ୨୨ ଦିନ ଧରି ଚାଲିଥାଏ ।ଏହା ଜଗନ୍ନାଥ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଯାହା କାକଟପୁର ମା ମଙ୍ଗଳାଙ୍କ ପୀଠରେ ଦେଖିବାକୁ ମିଳେ ଭକ୍ତ ଓ ଭଗବାନଙ୍କ ସମ୍ପର୍କକୁ ନିବିଡ଼ କରିଥାଏ ।

### ଜନନୀ ପରିବାର ପକ୍ଷରୁ ମାତୃତ୍ୱ ଦିବସ ପାଳିତ

# ମା' ହାତ ଥର୍ମୋମିଟର ସହ ସମାନ




ବାଲିଆପାଳ,୧୧।୫ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ କାଳିପଦା ବଜାର ଠାରେ ଜନନୀ ପରିବାର ପକ୍ଷରୁ ରବିବାର ସନ୍ଧ୍ୟାରେ ବିଶ୍ୱ ମାତୃତ୍ୱ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଜନନୀ ପରିବାରର ମୁଖ୍ୟ ଆଇନଜୀବୀ ଜ୍ୟୋତ୍ସ୍ନା ରାଣୀ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନି ଜେନା ଯୋଗଦେଇ ମା ଆମର ରାହା, ଆମର ପ୍ରତ୍ୟେକଟି ନିଶ୍ୱାସ ମା ପାଇଁ ଉତ୍ସର୍ଗୀକୃତ ହେଉ, ଏଣୁ ୩୬୫ ଦିନ ମାତୃତ୍ୱ ଦିବସ ହେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବସ୍ତା ଏସଡିପିଓ ମାନସ ଦେଓ ଯୋଗଦେଇ ଯୁବ ପୀଢ଼ି ଙ୍କ ଉଦ୍ଦେଶ୍ୟରେ କହିଥିଲେ

ମା ସ୍ନେହର ପ୍ରତିମୂର୍ତ୍ତି ଚଳନ୍ତି ପ୍ରତିମା, ମାର ହାତ ଥର୍ମୋମିଟର ସହିତ ସମାନ ,ମାଙ୍କୁ ସ୍ନେହ ଓ ସମ୍ମାନ ଦେଲେ ପିଲା ମାନେ ସଂସ୍କାରୀ ହୋଇ ସଫଳତାରେ ଶୀର୍ଷରେ ପହଞ୍ଚି ପାରିବେ। ସମ୍ମାନୀତ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ପ୍ରୀତମ କୁମାର ସାହୁ, ମଦର ଟେରେସା ସେବା ସଂଘ ବିଦ୍ୟାଳୟର ସଂଯୋଜକା ଶକୁନ୍ତଳା ପ୍ରଧାନ, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ଯୋଗାଚାର୍ଯ୍ୟ ଅଭୟ ମୁନି, ରବିନ୍ଦ୍ର ମୁନି ପ୍ରମୁଖ ଉପସ୍ଥିତି ରହି ମାତୃତ୍ୱ ଦିବସ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଁ ପରିବାର ପକ୍ଷରୁ ସାତ ଜଣ ବ୍ୟକ୍ତିଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟିପିଏନଓଡିଏଲ ବିରୋଧରେ ଆନ୍ଦୋଳନ ଧମକ

ଧର୍ମଶାଳା,୧୧।୫ (ସଂଚାର ବ୍ୟୁରୋ): ଗତ କିଛିଦିନ ଧରି ଟାଟା ପାୱାର ବିରୋଧରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଆନ୍ଦୋଳନ ଜୋର ଧରିଛି। ୨୦୨୧ ମସିହା ଠାରୁ ବିଦ୍ୟୁତ ବିତରଣ ଟାଟା ପାୱାରକୁ ହସ୍ତାନ୍ତର କରିଥିଲେ। ପରେ ସାରା ରାଜ୍ୟରେ ଟାଟା ପାୱାର ମନମାନୀ ଚଳାଇ ଆସୁଛି ବୋଲି ଅଭିଯୋଗ ହେଉଛି। ଅନେକ ସମୟରେ ଉପଭୋକ୍ତାମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିବା ସହ ଆନ୍ଦୋଳନ କରିଛନ୍ତି।

ଏବେ ଉପଭୋକ୍ତା ନୁହେଁ କମ୍ପାନୀ ତଳିଆ ଠିକା କର୍ମଚାରୀଙ୍କ ଉପରେ ନିଜର ପତିଆରା ଜାହିର କରୁଛି। ଟାଟା ପାୱାର ଉତ୍ତରାଞ୍ଚଳ (ଟିପିଏନଓଡିଏଲ) ଅଧୀନରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀଙ୍କୁ ବିଭିନ୍ନ ଏଜେନ୍ସି ଦ୍ୱାରା ବ୍ୟାପକ ଛଟେଇପତ୍ର ପ୍ରଦାନ କରୁଅଛି। ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ ଓ ନିନ୍ଦନୀୟ ବୋଲି ସଂଘ ଅଭିଯୋଗ କରିଛି। ଏହାକୁ ବିରୋଧ କରିଛି ଯାଜପୁର ଠିକା ଶ୍ରମିକ ସଙ୍ଘ। ଏହି ପରିପ୍ରେକ୍ଷୀରେ ସଙ୍ଘ ପକ୍ଷରୁ ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଜରିଆରେ ସୋମବାର ଦିନ ଏକ ଦାବିପତ୍ର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯଇଛି। ଟିପିଏନଓଡିଏଲ ଅଧୀନରେ କାର୍ଯ୍ୟରତ ଠିକାଦାରମାନେ ବିଦ୍ୟୁତ ଭଳି ଏକ ଜରୁରୀ ସେବାକୁ ଅଣଦେଖା କରିବା ଓ ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ଙ୍କ ନିର୍ଦ୍ଦେଶରେ ଏହା କରାଯାଉଛି ବୋଲି କହିବା ସାଧାରଣ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ବିଦ୍ୟୁତ ଗ୍ରାହକଙ୍କୁ ମର୍ମାହତ କରିଛି। ଏହାର ପ୍ରତାବାଦରେ ଯାଜପୁର ସର୍କଲ ଅଧୀନରେ ଥିବା ସମସ୍ତ ଡିଭିଜନରେ ଛଟେଇ ନୋଟିସ ଆସନ୍ତା ୩୧ ତାରିଖ ପୂର୍ବରୁ ପ୍ରତ୍ୟାହାର ନକଲେ ଠିକା ଶ୍ରମିକ ସଙ୍ଘ ଅହୋରାତ୍ର ଅନଶନ କରିବାକୁ ଚେତାବନୀ ଦେଇଛି।

## ଆରଟିଓ ଫିଟନେସ୍ ଓ ଟେଷ୍ଟିଂ ପଏଣ୍ଟରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଦାବି

ସୁନ୍ଦରଗଡ,୧୧।୫ (ସଂଚାର ବ୍ୟୁରୋ): ସୁନ୍ଦରଗଡ ସହରର ସାଧାରଣ ଲୋକଙ୍କ ପାଇଁ ବିପଦଜନକ ହୋଇ ପଡିଥିବା ଆରଟିଓ ଫିଟନେସ୍ ପଏଣ୍ଟ ଓ ଟେଷ୍ଟିଂ ପଏଣ୍ଟକୁ ଶୀଘ୍ର ସ୍ଥାନାନ୍ତର କରିବା ସହ ସେହି ସ୍ଥାନରେ ଏକ ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ କିମ୍ବା ଅନ୍ୟ କୌଣସି ଉନ୍ନତିମୂଳକ ପ୍ରକଳ୍ପ ନିର୍ମାଣ କରିବାକୁ ଦାବି ଉଠିଛି।



ଏନେଇ କାଉନସିଲର ତଥା ଜିଲ୍ଲା ଯୋଜନା କମିଟି ସଦସ୍ୟ ସୁମନ୍ତ ସାହୁ ଜିଲ୍ଲାପାଳଙ୍କୁ ଜନ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗରେ ସେ ଉଲ୍ଲେଖ କରିଛନ୍ତି ଯେ, ସହର ମଧ୍ୟଭାଗରେ ଥିବା ଆରଟିଓ ଫିଟନେସ୍ ଓ ଟେଷ୍ଟିଂ ପଏଣ୍ଟ ଅଛି ଯାହା କି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯେପରି ବୟନ ଶିଳ୍ପ, ଜିଲ୍ଲା ଖାଉଟି ବିବାଦ ଆୟୋଗ ,ଜଳ ଯୋଗାଣ ଓ ପରିମଳ,ଜିଲ୍ଲା ଆୟୁର୍ବେଦିକ କାର୍ଯ୍ୟାଳୟ, ଜିଲ୍ଲା ସାଧାରଣ ବଣ୍ଟନ, ଉଠା ଜଳ ସେଚନ,ଜିଲ୍ଲା ଶ୍ରମିକ କାର୍ଯ୍ୟାଳୟ, ଏଲଆଇସି ଅଫିସ,ସଙ୍ଗୀତ ନାଟକ ବିଦ୍ୟାଳୟ, ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ,ମହିଳା ମହାବିଦ୍ୟାଳୟ, ରଥ ନୋଡାଲ ସ୍କୁଲ, ଏସମ୍ଲି ଅଫ ଗଡ ସ୍କୁଲ, ଦୀପିକା ମଡେଲ ସ୍କୁଲ, ସମେତ ଅନେକ ବିଦ୍ୟାଳୟ ଓ ବିଭିନ୍ନ ସଂସ୍ଥା ଯେପରି ସଂସ୍କୃତି ଭବନ ଯେଉଁଠାରେ ପ୍ରତ୍ୟେକ ଦିନ କିଛି ନା କିଛି ସାମାଜିକ, ସାଂସ୍କୃତିକ ତଥା ସରକାରୀ କାର୍ଯ୍ୟକ୍ରମ ଚାଲି ଥାଏ ଯାହା ଫଳରେ ପ୍ରତିଦିନ ଭାରି ଯାନଚଳାଚଳ ହେଉଥିବାରୁ ସାଧାରଣ ଲୋକ, ଛାତ୍ରଛାତ୍ରୀ ଓ ନିକଟସ୍ଥ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତତ୍ ସହିତ ନୂତନ ଭାବରେ ଜିଲ୍ଲା କୋର୍ଟ କୋଠା ସେହି ରାସ୍ତାକୁ ସଂଯୋଗ କରୁଅଛି ଯଦ୍ୱାରା ଭବିଷ୍ୟତରେ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ । ଦୁର୍ଘଟଣାର ଆଶଙ୍କା ସହ ପରିବେଶ ଦୂଷଣ ଓ ଯାତାୟାତ ସମସ୍ୟା ମଧ୍ୟ ବଢ଼ୁଥିବାରୁ ଏହାକୁ ସହର ବାହାରକୁ ସ୍ଥାନାନ୍ତର କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ସେହି ସ୍ଥାନରେ ଯୁବପିଢ଼ୀଙ୍କ କ୍ରୀଡ଼ା ପ୍ରତିଭା ବିକାଶ ପାଇଁ ଏକ ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ କରିବା ପାଇଁ ଜିଲ୍ଲାପାଳ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଆଶା ପ୍ରକାଶ ପାଇଛି।

# ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସରପଞ୍ଚଙ୍କ ମହାନତା

ନବରଙ୍ଗପୁର,ତେନ୍ତୁଳିଖୁଣ୍ଟି, ୧୧।୫ (ସଂଚାର ବ୍ୟୁରୋ): ଅଭାବ ଅନଟନ ଭିତରେ ବି ଫୁଟିଛି ପ୍ରତିଭାର ଫୁଲ। ତେନ୍ତୁଳିଖୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ହାତୀପଖନା ଗ୍ରାମର ମେଧାବୀ ଛାତ୍ରୀ ସାମଜିନୀ ସାନ୍ତା ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ୪୦୯ ମାର୍କ ରଖି ସମସ୍ତଙ୍କୁ ଗର୍ବିତ କରିଛନ୍ତି।



ସାମଜିନୀ ବିଜ୍ରାଗୁଡ଼ା ସରକାରୀ ଏସ.ଏସ.ଡି ଉଚ୍ଚ ପ୍ରାଥମିକ କନ୍ୟା ଶ୍ରମିକ ବିଦ୍ୟାଳୟର ଜଣେ ଛାତ୍ରୀ। ତାଙ୍କ ସଂଘର୍ଷର କାହାଣୀ ସତରେ ହୃଦୟସ୍ପର୍ଶୀ। ୨ ବର୍ଷ ତଳେ ନିଜ ପିତାଙ୍କୁ ହରାଇବା ପରେ ସେ ପୁରା ଅସହାୟ ହୋଇପଡ଼ିଥିଲେ। ତାଙ୍କ ମାଆ ଜଣେ ଅତ୍ୟନ୍ତ ପରିଶ୍ରମୀ ମହିଳା, ସେ ଜଙ୍ଗଲରୁ କାଠ ସଂଗ୍ରହ କରି ତାକୁ ବିକ୍ରି କରି ବହୁ କଷ୍ଟରେ ସାମଜିନୀ ଏବଂ ତାଙ୍କର ଦୁଇଟି ୧୨ ବର୍ଷର ଯାଆଁଳା ଭାଇଙ୍କୁ ପ୍ରତିପୋଷଣ କରୁଛନ୍ତି। ଏତେ ଦୁଃଖ ଓ ଦାରିଦ୍ର୍ୟ ସତ୍ତ୍ୱେ ହଷ୍ଟେଲରେ ରହି ସାମଜିନୀଙ୍କର ଏହି ସଫଳତା ପ୍ରମାଣ କରୁଛି ଯେ ଇଚ୍ଛାଶକ୍ତି ଥିଲେ ସବୁ କିଛି ସମ୍ଭବ।ତାଙ୍କର ଯୁକ୍ତ ଦୁଇ (+୨) ପଢ଼ିବାର ସ୍ୱପ୍ନକୁ ସାକାର କରିବା ପାଇଁ ଆଜି ତେନ୍ତୁଳିଖୁଣ୍ଟି ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଟଭା ନାୟକଙ୍କ ସ୍ୱାମୀ ଶ୍ରୀଯୁକ୍ତ ଶଙ୍କର ନାୟକ ମହୋଦୟ ଛାତ୍ରୀଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶଙ୍କର ବାବୁଙ୍କ ଏହି ମହତ ଓ ସମ୍ବେଦନଶୀଳ କାର୍ଯ୍ୟ ପାଇଁ ଆମେ ତାଙ୍କୁ ସାଧୁବାଦ ଜଣାଉଛୁ।

ଆମର ବିନମ୍ର ଅନୁରୋଧ ଆମେ ସରକାରଙ୍କୁ ଏହି ମେଧାବୀ ଛାତ୍ରୀଙ୍କ ଉଚ୍ଚ ଶିକ୍ଷା ପାଇଁ ସ୍ୱତନ୍ତ୍ର ସହାୟତା ଯୋଗାଇଦେବାକୁ ନିବେଦନ କରୁଛୁ। ଏହାସହ ଆପଣ ସମସ୍ତ ଜନସାଧାରଣଙ୍କୁ ମଧ୍ୟ ବିନିତ ଅନୁରୋଧ ଯେ, ଯଦି ସମ୍ଭବ ହୁଏ ତେବେ ନିଜ ସ୍ତରରେ ସାମଜିନୀଙ୍କୁ କିଛି ସାହାଯ୍ୟ କରନ୍ତୁ, ଯଦ୍ୱାରା ଏହି ଗରିବ ଓ ପ୍ରତିଭାବାନ ଝିଅଟିର ପାଠପଢ଼ା ସ୍ୱପ୍ନ ଅଧାରେ ରହିଯିବ ନାହିଁ।

ଜଣେ ଅସହାୟ ଛାତ୍ରୀଙ୍କୁ ସାହାଯ୍ୟ କରି ସେମାନଙ୍କ ଭବିଷ୍ୟତ ଗଢ଼ିବା ହିଁ ପ୍ରକୃତ ମାନବ ସେବା। ଆସନ୍ତୁ ସମସ୍ତେ ମିଶି ସାମଜିନୀଙ୍କ ସାଥେ ଛିଡ଼ା ହେବା।

# ପଞ୍ଚାୟତ କାର୍ଯ୍ୟାଳୟକୁ ପଞ୍ଚାୟତ ଭବନ ରୂପ ଦେଇ ସ୍ଥାନାନ୍ତରିତ

### ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

ନୀଳଗିରି, ତା ୧୧।୫ (ସଂଚାର ବ୍ୟୁରୋ ): ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଞ୍ଚାୟତ ଅଫିସ ଗୃହ ଟି ୧୯୮୪ ମସିହାରେ ନିର୍ମିତ ହୋଇକାର୍ଯ୍ୟ କରୁ ଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ କୁ ପଞ୍ଚାୟତ ଭବନ ରୂପ ଦେଇ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ଜେନା ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ପ୍ରଧାନ

ଅନ୍ୟତ୍ର ସ୍ଥାନାନ୍ତରିତ କରିବା ସହିତ ଓ ନୂତନ ପଞ୍ଚାୟତ ଭବନ ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ଜିଲ୍ଲାପାଳଙ୍କ ଠାରେ ଗ୍ରାମବାସୀ ମାନେ ଫେରାଦ ହୋଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ

ଦକ୍ଷିଣ ନରସିଂହପୁର ଗ୍ରାମ ପଞ୍ଚାୟତରେ ପଂଚାୟତ ଭବନ କାର୍ଯ୍ୟ ପାଇଁ ଉଚ୍ଚ ନ୍ୟାୟାଳୟରେ ବିଚାରଧିନ ଥିଲାବେଳେ କାର୍ଯ୍ୟ ଚାଲୁଥିବା ରୁ ଏହାର ପ୍ରତିବାଦ କରି ଗତ ତା ୩୦.୦୩.୨୦୨୬ ରିଖରେ ଦକ୍ଷିଣ ନରସିଂହପୁର ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳ ଙ୍କଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ଜେନା ଏବଂ ଔପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଶି ମନ୍ଦ ଉଦ୍ଦେଶ୍ୟ ରଖି ଦକ୍ଷିଣ ନରସିଂହପୁର ଗ୍ରାମରେ ୧୯୮୪ ମସିହାରୁ ସ୍ଥାପିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ପଞ୍ଚାୟତ ଭବନ ରୁପ ଦେଇ ଡମ୍ବରୁପାଳ ମୌଜାକୁ ସ୍ଥାନାନ୍ତରିତ କରି କାର୍ଯ୍ୟ ଚାଲୁଅଛି । ଦୁଃଖ ଏବଂ ଅନୁତାପର ବିଷୟ ଯେ ଦୀର୍ଘ ୪୦ ବର୍ଷ ପୂର୍ବରୁ ଦକ୍ଷିଣ ନରସିଂହପୁର ଗ୍ରାମର ସ୍ୱର୍ଗତ ଶ୍ରୀନିବାସ ନାୟକ ଗ୍ରାମବାସୀଙ୍କ ସହାୟତାରେ ଓଡିଶା ସରକାରଙ୍କୁ ଜମି ଦାନ ଦେଇ ଗ୍ରାମ ପଂଚାୟତ କାର୍ଯ୍ୟାଳୟଟିକୁ ଉକ୍ତ ଗ୍ରାମରେ ସ୍ଥାପନ କରିଥିଲେ । ଉକ୍ତ ସ୍ଥାନରେ ଓଡିଶା ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ସହିତ ବ୍ୟାଙ୍କ, ଲାଇବ୍ରେରୀ ଘର, ମାର୍କେଟ କମ୍ପ୍ଲେକ୍ସ, ପାନୀୟ ଜଳର ବ୍ୟବସ୍ଥା, ପାଇଖାନା ଗୃହ, ଗେଟ୍ ଇତ୍ୟାଦି ସ୍ଥାପନ ହୋଇଛି। ଉକ୍ତ ଘଟଣାକୁ ନେଇଗ୍ରାମ ବାସୀ ମାନେ ଉଚ୍ଚ ନ୍ୟାୟାଳୟର ଦୃଷ୍ଟି ଆକର୍ଷଣ କରିଥିଲେଗତତା୨୯.୪.୨୦୨୬ ରେ ମାନ୍ୟବର ଉଚ୍ଚନ୍ୟାୟାଳୟ ଙ୍କ ନିର୍ଦ୍ଦେଶାନୁସାରେ କେସ ନଂ ଡବ୍ଲୁପି.ସି. ୧୧୪୮୪/୨୦୨୬ ମୂଳେ ବିଚାରଧୀନ ଥିଲାବେଳେ ସରପଞ୍ଚ ଶ୍ରୀଯୁକ୍ତ ଜେନା ଏବଂ ଔପଦା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉକ୍ତ କାର୍ଯ୍ୟଟିକୁ ସ୍ଥଗିତ ନ ରଖି କାର୍ଯ୍ୟଟିକୁ ଅଦ୍ୟାବଧି ଚାଲୁ ରଖିଥିବାରୁ କାର୍ଯ୍ୟଟିକୁ ସୁଗିତ କରିବା ପାଇଁ ଉକ୍ତ ଗ୍ରାମର ବୃନ୍ଦଦେବ ମହାନ୍ତି, ଶିବ ପ୍ରସାଦ ବେହେରା, ଗୌରାଙ୍ଗ ସଲ, ଶ୍ରୀକାନ୍ତ ପରିଡ଼ା, ରତ୍ନାକର ମୁଦୁଲୁ ପ୍ରମୁଖ ଦକ୍ଷିଣ ନରସିଂହପୁର ଗ୍ରାମବାସୀ ଆଜି ପୂର୍ବାହ୍ନ ୧୧ ଘଟିକାରେ ପୁଣି ଆଉଥରେ ଜିଲ୍ଲାପାଳ ଙ୍କ ଠାରେ ଦ୍ୱାରସ୍ଥ ହୋଇ ପଞ୍ଚାୟତ ଭବନ କାର୍ଯ୍ୟ ବନ୍ଦ କରିବା ସହିତ ପଞ୍ଚାୟତ ଅଫିସ ସ୍ଥାନାନ୍ତରିତ ବନ୍ଦ ପାଇଁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।



# ସକାଳୁ ହଳଦୀ ପାଣି ପିଉଛନ୍ତି କି ?

## ଶରୀରକୁ ମିଳିବ ଚମତ୍କାରୀ ଫାଇଦା



ଡ଼ାକ୍ତର ଏବଂ ବଡ଼ ଲୋକମାନେ ସକାଳୁ ଉଠି ଖାଲି ପେଟରେ ହାଲୁକା ଉଷୁମ ପାଣି ପିଇବା ପାଇଁ ପରାମର୍ଶ ଦେଇଥାନ୍ତି। ଏପରି କରିବା ଦ୍ୱାରା ସହଜରେ ପେଟ ସଫା ହୋଇଯାଏ ଏବଂ ଏସିଡିଟି ସମସ୍ୟା ଥିବା ଲୋକମାନଙ୍କ ପାଇଁ ଲାଭକାରୀ ହୋଇଥାଏ। ଆମ ରୋଷଇ ଘରେ ଏପରି କିଛି ଜିନିଷ ଅଛି ଯାହା ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ଆରାମ ଦେଇଥାଏ। ତେବେ ହାଲୁକା ଉଷୁମ ପାଣିରେ ଏକ ଚାମଚ ହଳଦୀ ପକାଇ ସେବନ କରିବା ଦ୍ୱାରା କେଉଁ ପ୍ରକାର ଲାଭ ମିଳିଥାଏ ଆସନ୍ତୁ ସେ ସମ୍ପର୍କରେ ଜାଣିବା।

**ହଳଦୀରେ ମିଳୁଥିବା ଲାଭଃ** ସମସ୍ତେ ଜାଣନ୍ତି ହଳଦୀକୁ ଆଣ୍ଟିସେପ୍ଟିକ କୁହାଯାଇଥାଏ। ଏହା ଆମକୁ ବିଭିନ୍ନ ସଂକ୍ରମଣ ରୋଗ ସହ ଲଢ଼ିବା ପାଇଁ ଶକ୍ତି ପ୍ରଦାନ କରିଥାଏ। ଶରୀର ଭିତରର ରୋଗ ଏବଂ ଶରୀର ବାହାରରର ରୋଗକୁ ଭଲ କରିବାରେ ହଳଦୀ କାମ କରିଥାଏ। ଏହି କାରଣରୁ ଭାରତୀୟ ପରିବାରରେ ଅଧିକରୁ ଅଧିକ ହଳଦୀ ବ୍ୟବହାର କରାଯାଇଥାଏ। ସକାଳୁ ଉଠିବା ପରେ ହାଲୁକା ଉଷୁମ ହଳଦୀ ପାଣି ସେବନ କରିବା ଦ୍ୱାରା ଆପଣଙ୍କର ପେଟ ଏବଂ ଛାତି ଜଳା ପୋଡ଼ା କମ ହୋଇଥାଏ। କିଛି ଲୋକମାନେ ମଧ୍ୟ ରାତିରେ ଅଧିକ ଖାଦ୍ୟ ଖାଇବା କାରଣରୁ ସକାଳୁ ଉଠିବା ପରେ ଛାତି ଜଳା ପୋଡ଼ା ହେବା ଭଳିଲାଗିଥାଏ। ଏହି ସମୟରେ ହଳଦୀ ପାଣି ସେବନ କରିବା ଦ୍ୱାରା ଆରାମ ମିଳିଥାଏ। ଯେଉଁ ଲୋକମାନଙ୍କର ସର୍ବଦା ଏସିଡିଟି ଏବଂ ଛାତି ଜଳିବାର ସମସ୍ୟା ରହିଛି ସେହି ବ୍ୟକ୍ତିମାନେ ସର୍ବଦା ହଳଦୀ ପାଣି ସେବନ କରିବା ଉଚିତ। ଏକ ସପ୍ତାହ ମଧ୍ୟରେ ଆପଣ ଏହାର ପ୍ରଭାବ ଦେଖିବାକୁ ପାଇବେ।

**ମାନସିକ ରୋଗ ଦୂର କରିଥାଏଃ**
ହଳଦୀରେ ଥିବା 'କର୍କମିନ' ତତ୍ତ୍ୱ ଥାଏ। ଯାହା ଆମର ମସ୍ତିଷ୍କ ପାଇଁ ଲାଭକାରୀ ହୋଇଥାଏ। ମାନସିକ ରୋଗକୁ ରକ୍ଷା ପାଇବା ପାଇଁ ବ୍ରେନ- ଡିରାଇଣ୍ଡ ନ୍ୟୁଟ୍ରୋଫିକ ଫ୍ୟାକ୍ଟରର ଆବଶ୍ୟକତା ରହିଥାଏ। ଯାହା ହଳଦୀର କର୍କମିନ ତତ୍ତ୍ୱରୁ ମିଳିଥାଏ। ଏହାକୁ ସକାଳୁ ସେବନ କରିବା ଅତ୍ୟଧିକ ଲାଭକାରୀ ହୋଇଥାଏ।

**କ୍ୟାନ୍ସର ରୋଗରୁ ରକ୍ଷା କରିଥାଏଃ** ହଳଦୀ ପାଣିରେ ଆଣ୍ଟି-ଅକ୍ସିଡେଣ୍ଟ ବା ଆଣ୍ଟିଥେସିସ୍ ରହିଥାଏ। ଯାହା ଏହି ରୋଗରୁ ମୁକ୍ତି ଦେବାରେ ସହାୟକ କରିଥାଏ। ଏହି ରୋଗ ପାଇଁ ହଳଦୀ ପାଣି ବେଷ୍ଟ ବୋଲି ବିବେଚନା କରାଯାଉଛି।

**ପେଟ ରୋଗ ଏବଂ ଛାତି ରୋଗ ପାଇଁ ଲାଭକାରୀ ହୋଇଥାଏଃ** ସକାଳୁ ଖାଲି ପେଟରେ ହଳଦୀ ପାଣି ସେବନ କରିବା ଦ୍ୱାରା ଆମର ପାଚନ ଶକ୍ତି ମଜବୁତ ହୋଇଥାଏ। ଏହା ସେବନ କରିବା ଦ୍ୱାରା ପେଟ ସଫା ରହିଥାଏ ଏବଂ ଭୋକ ମଧ୍ୟ ଲାଗିଥାଏ। ଏହା ବ୍ୟତୀତ ହଳଦୀ ଅତ୍ୟଧିକ ମୋଟାପଣ ଏବଂ କୋଲେଷ୍ଟ୍ରଲର ମାତ୍ରାକୁ କମ୍ କରିଥାଏ।

**ଗଣ୍ଠିଜନିତ ସମସ୍ୟା ଦୂର କରିଥାଏଃ** ଗଣ୍ଠି ଜନିତ ସମସ୍ୟା ଥିବା ଲୋକମାନଙ୍କ ପାଇଁ ହଳଦୀ ପାଣି ବହୁତ ଫଳପ୍ରଦ ହୋଇଥାଏ। ହଳଦୀ ଗଣ୍ଠି ଯନ୍ତ୍ରଣାକୁ ଦୂର କରିବାରେ ସାହାଯ୍ୟ କରିଥାଏ।

**ମଧୁମେହରୁ ରକ୍ଷା କରିଥାଏଃ** ହଳଦୀ ସେବନ କରିବା ଦ୍ୱାରା ମଧୁମେହ ରୋଗକୁ ନିୟନ୍ତ୍ରଣ କରିଥାଏ। ଏହା ବ୍ୟତୀତ ହଳଦୀ ପାଣି କିଡନି ପାଇଁ ଲାଭକାରୀ ହୋଇଥାଏ।

# କେଶ ପାଇଁ ମେଥି ହେୟାର ମାସ୍କ

**ବର୍ତ୍ତମାନର ଖରାପ ଲାଇଫ୍‌ଷ୍ଟାଇଲ୍ ଏବଂ ଖାଇବା ଅଭ୍ୟାସ ହେତୁ ଲୋକଙ୍କ କେଶ ବହୁତ ଅଧିକ ଝଡ଼ିବାକୁ ଲାଗୁଛି। ଏଭଳି ପରିସ୍ଥିତିରେ ଲୋକମାନେ କେଶ ଝଡ଼ିବା ପାଇଁ ଦାମୀ ତେଲ, ସାମ୍ପୁ ଏବଂ କଣ୍ଡିସନର ବ୍ୟବହାର କରନ୍ତି। କିନ୍ତୁ ଏସବୁ କରିବା ପରେ ମଧ୍ୟ କେଶ ମୋଟା ଏବଂ ଲମ୍ବା ହେବା ପରିବର୍ତ୍ତେ ଝଡ଼ିବାକୁ ଲାଗୁଛି। ତେବେ କେଶ ପାଇଁ କେମିକାଲ ପ୍ରଡକ୍ଟରେ ଅଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ, ଆପଣ ନିଜ ରୋଷେଇ ଘରେ ଥିବା ଏହି ଜିନିଷଗୁଡ଼ିକ ବ୍ୟବହାର କରିବା ଉଚିତ୍। କେବଳ ଆପଣଙ୍କ କେଶ ଝଡ଼ିବା ବନ୍ଦ କରେ ନାହିଁ ବରଂ ସେମାନଙ୍କୁ ମୂଳରୁ ଷ୍ଟ୍ରଙ୍ଗ କରେ। ଯଦି ଆପଣ ମଧ୍ୟ କେଶ ଝଡ଼ିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣଙ୍କୁ ଏକ ଉପଚାର ସମ୍ପର୍କରେ ଜଣାଇବୁ।**

ପ୍ରଦୂଷଣ ଏବଂ ବଦଳୁଥିବା ଜୀବନଶୈଳୀ କାରଣରୁ କେଶରେ ଖରାପ ପ୍ରଭାବ ପକାଇଥାଏ। ଯଦି କେଶର ଚିକିତ୍ସା ନ କରନ୍ତି ତାହେଲେ ବହୁତ ସମସ୍ଯା ସୃଷ୍ଟି ହୋଇପାରେ ଯଥା-କେଶ ଝଡିବା,ଡେନଡ୍ରଫ,ସୂକ୍ଷ୍ମ କେଶ ଆଦି। କିନ୍ତୁ ଏହାଠାରୁ ଦୁରେଇ ରହିବା ପାଇଁ ଜରୁରୀ ନୁହେଁ ଯେ ଆପଣ ଦାମୀ ପ୍ରଡକ୍ଟସନ ବ୍ଯବହାର କରନ୍ତୁ କିମ୍ବା ପାର୍ଲରରେ ପଇସା ଖର୍ଚ୍ଚ କରନ୍ତୁ। ରୋଷେଇରେ ବ୍ଯବହାର ହେଉଥିବା ମେଥିକୁ ଆପଣ କେଶ ସମ୍ବନ୍ଧୀୟ ସମସ୍ତ ସମସ୍ଯାକୁ ଦୂର କରିପାରିବେ। ମେଥୀରେ ପ୍ରୋଟିନ,ଭିଟାମିନ ସି,ପୋଟାସିୟମ,ଆଇରନ,ନିକୋଟିନିକ ଏସିଡ ଏବଂ ଲେସିଥିନ ପ୍ରଚୁର ପରିମାଣରେ ମିଳିଥାଏ।ଏହିସବୁ ତତ୍ତ୍ୱ କେଶରେ ମଜଭୁତୀ ଏବଂ ଚମକ ବଢ଼ାଇବାରେ ସାହାଯ୍ଯ କରିଥାଏ। ଏହାର ବ୍ଯବହାର କରିବାକୁ ହେଲେ ପ୍ରଥମେ ଗରମ ପାଣିରେ ମେଥି ଦାନାକୁ ରାତିସାରା ଫୁଲିବା ପାଇଁ ଛାଡିଦେବେ। ପରେ କେଶର ସମସ୍ଯା ହିସାବରେ ଆପଣ ଏଥିରେ ବାକି ଜିନିଷ ମିଶାଇ ହେୟାର ମାଷ୍କ ତିଆରି କରିବେ। ଯଦି ଆପଣ କେଶ ଝଡିବା ବନ୍ଦ କରିବାକୁ ଚାହୁଁଛନ୍ତି ତାହେଲେ ରାତିସାରା ଭିଜେଇକରି ରଖିଥିବା ମେଥି ଦାନାକୁ ପେଶି ପେଷ୍ଟ ପ୍ରସ୍ତୁତ କରିଦିଅନ୍ତୁ। ଏହାପରେ ଏଥିରେ ନଡିଆ ତେଲକୁ ମିଶାଇ କେଶର ମୂଳରେ ଲଗାନ୍ତୁ। ହେୟାର ମାଷ୍କକୁ ୩୦ ରୁ ୪୦ ମିନିଟ ପର୍ଯ୍ଯନ୍ତ ଶୁଖିବାକୁ ଛାଡି ଦିଅନ୍ତୁ। ଏହାପରେ ସାମ୍ପୁରେ କେଶକୁ ଭଲଭାବେ ଧୋଇ ଦିଅନ୍ତୁ। ସପ୍ତାହରେ ଏହିଭଳି ଥରେ ବ୍ଯବହାର କଲାପରେ କେଶ ଉଠିବା ଆରମ୍ଭ ହୋଇଯିବ।

ରାତିସାରା ଗରମ ପାଣିରେ ଭିଜା ହୋଇ ରଖାଯାଇଥିବା ମେଥି ଦାନାକୁ ଦହି ସହିତ ପେସି ଦିଅନ୍ତୁ। ଏହାପରେ ଏହି ପେଷ୍ଟକୁ କେଶରେ ଲଗାଇ ଘଣ୍ଟାଏ ପରେ ଶାମ୍ପୁ ଲଗାଇ ଧୋଇ ଦିଅନ୍ତୁ। ସପ୍ତାହରେ ଦୁଇଥର ଏହି ମାସ୍କକୁ ବ୍ଯବହାର କଲେ ଫରକ ଅଳ୍ପ ଦିନରେ ଜାଣିପାରିବେ।

ପୁରୁଣା କେଶର ଚମକ ଆଣିବା ଏବଂ ସ୍କାଲ୍ପରେ ଶୁଷ୍କତା ଦୂର କରିବାକୁ ହେଲେ ରାତିସାରା ଭିଜାଇ ରଖିଥିବା ମେଥି ଦାନାକୁ ପେସି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏଥିରେ ଅଣ୍ଡାର ହଳଦିଆ ଅଂଶକୁ ମିଶାଇ କେଶରେ ଅଧଘଣ୍ଟା ଲଗାଇ ଶୁଖିବା ପାଇଁ ଛାଡି ଦିଅନ୍ତୁ। ଏହାପରେ ସାମ୍ପୁ ଲଗାଇ କେଶକୁ ଧୋଇ ଦିଅନ୍ତୁ। ମାସରେ ହାରାହାରି ଦୁଇଥର ଏପରି କରିବା ଦ୍ୱାରା ଆପଣଙ୍କୁ ଫାଇଦା ମିଳିଥାଏ।





# ନେଲ ପେଣ୍ଟ ବୃଦ୍ଧି କରିପାରେ ଚର୍ମ କର୍କଟ ରୋଗ ଆଶଙ୍କା



ନିକଟରେ ନେଲ ପେଣ୍ଟକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ନେଲ ରିମୁଭର ସହିତ ନେଲପେଣ୍ଟକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏହି ରାସାୟନିକ ପଦାର୍ଥଗୁଡ଼ିକ ଚର୍ମ କର୍କଟ ରୋଗର ଆଶଙ୍କାକୁ ଯଥେଷ୍ଟ ବୃଦ୍ଧି କରେ। ଥରେ ଏଗୁଡ଼ିକ ଆମ ଶରୀରରେ ପ୍ରବେଶ କରିବା ପରେ, ଏଗୁଡ଼ିକ ଚର୍ମ ଏବଂ କୋଷଗୁଡ଼ିକୁ କ୍ଷତି ପହଞ୍ଚାନ୍ତି। ଅନେକ ନେଲପଲିସରେ ଫର୍ମାଲ୍ଡିହାଇଡ, ଟୋଲୁଇନ ଏବଂ ଡିବ୍ୟୁଟିଲ ଫାଥଲେଟ ଭଳି ରାସାୟନିକ ପଦାର୍ଥ ଥାଏ। ଯାହା କ୍ୟାନ୍ସର ଭଳି ବଡ଼ ରୋଗ କରିପାରେ। ଏଭଳି ଏକ ଚାଞ୍ଚଲ୍ୟକର ରିପୋର୍ଟ ଦେଇଛି ହାର୍ଭାର୍ଡ ହେଲଥ।

ନେଲପେଣ୍ଟ ମହିଳାଙ୍କ ମଧ୍ୟରେ ଏକ ପ୍ରସାଧନର ସାମଗ୍ରୀ। କିନ୍ତୁ ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ କେତେ ପ୍ରଭାବିତ କରେ, ଯଦି ଜାଣିନାହାଁନ୍ତି, ତେବେ ଜାଣିରଖନ୍ତୁ ଯେ ନେଲପେଣ୍ଟ ବ୍ୟବହାର ଚର୍ମ ପାଇଁ ବିପଦ ସୃଷ୍ଟି କରେ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ସାନ ଡିଏଗୋର ଗବେଷକମାନେ ଜାଣିପାରିଲେ ଯେ ୟୁଭିରୁ ପ୍ରାପ୍ତ ନେଲପଲିସର ବାରମ୍ବାର ବ୍ୟବହାର ସିଧାସଳଖ କୋଷଗୁଡ଼ିକୁ ପ୍ରଭାବିତ କରେ। ପରୀକ୍ଷଣରୁ ଜଣାପଡ଼ିଛି ଯେ କେବଳ ୨୦ ମିନିଟର ୟୁଭି ଏକ୍ସପୋଜର ୨୦ରୁ ୩୦% କୋଷ ନଷ୍ଟ କରିଦିଏ। ନିରନ୍ତର ଏକ୍ସପୋଜର ଏହି ସଂଖ୍ୟାକୁ ୬୦ରୁ ୭୦%କୁ ବୃଦ୍ଧି କରିଛି। ଡିଏନଏ ପରିବର୍ତ୍ତନ ମଧ୍ୟ ପରିଲକ୍ଷିତ ହୋଇଥିଲା ଯାହା ଚର୍ମ କର୍କଟ ରୋଗର ବିପଦକୁ ବୃଦ୍ଧି କରିପାରେ। ତେବେ ଏଥିପାଇଁ କ'ଣ କରିବେ ଆସନ୍ତୁ ଜାଣିବା। ପ୍ରତିଦିନ ନେଲପଲିସ ବ୍ୟବହାର ଏଡ଼ାଇବାକୁ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ମାସକୁ ଗୋଟିଏରୁ ଦୁଇ ସପ୍ତାହ ପାଇଁ ନେଲପଲିସ ବ୍ୟବହାର ବନ୍ଦ କରିବା ଉଚିତ। ପବ ମେଡରେ ପ୍ରକାଶିତ ଏକ ପଦ୍ଧତିଗତ ସମୀକ୍ଷାରୁ ଜଣାପଡ଼ିଛି ଯେ, ଜେଲ୍ ମାନିକ୍ୟୁରରେ ବ୍ୟବହୃତ ୟୁଭି ଲ୍ୟାମ୍ପରୁ ଚର୍ମ କର୍କଟ ହେବାର ଆଶଙ୍କା ଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ପ୍ରମାଣିତ କରାଯାଇପାରିବ ନାହିଁ। ତଥାପି, ବୈଜ୍ଞାନିକମାନଙ୍କ ମତରେ, ନିରନ୍ତର ଏବଂ ଦୀର୍ଘ ସମୟ ଧରି ବ୍ୟବହାର କରିବା ଦ୍ୱାରା କର୍କଟ ରୋଗର ବିପଦ ବଢ଼ିପାରେ।

କେଉଁମାନେ ନେଲପେଣ୍ଟ ଆଦୌ ଲଗାଇବା ଉଚିତ ନୁହେଁ ଆସନ୍ତୁ ଜାଣିବା। ଗର୍ଭାବସ୍ଥାରେ, ଏହାକୁ ଯଥାସମ୍ଭବ ଏଡ଼ାଇବା ପାଇଁ ବିଶେଷ ଯତ୍ନ ନେବା ଉଚିତ, କାରଣ ଖାଇବା ବେଳେ ଏହା ଭୁଲବଶତଃ ପେଟ ଭିତରକୁ ଗଲେ ସମସ୍ୟା ସୃଷ୍ଟି କରିପାରେ। ଏହା ବ୍ୟତୀତ, ଛୋଟ ପିଲାମାନଙ୍କୁ ନେଲପେଣ୍ଟଠାରୁ ଦୂରରେ ରଖିବା ଉଚିତ। ଏହା ସହିତ, ସମ୍ବେଦନଶୀଳ ଚର୍ମ ଥିବା, ପିଢ଼ି ବା ଜିନରେ କର୍କଟ ରୋଗର ଥିଲେ ଏବଂ ଯେଉଁମାନେ ବାରମ୍ବାର ଜେଲ ପଲିସ ଏବଂ ୟୁଭି ଲ୍ୟାମ୍ପ ବ୍ୟବହାର କରନ୍ତି ସେମାନେ ସତର୍କତା ଅବଲମ୍ବନ କରିବା ଉଚିତ।

# ରକ୍ତରେ ଶର୍କରା ସ୍ତରକୁ ପ୍ରଭାବିତ କରିପାରେ

## ଘଣ୍ଟା ଘଣ୍ଟା ଧରି ଏସି ତଳେ ବସୁଥିଲେ



ଆମେ ଯଦି ଆପଣଙ୍କୁ ପ୍ରଶ୍ନ ପଚାରିବୁ ଏସିରେ ଆପଣ କେତେ ସମୟ ବିତାଉଛନ୍ତି ? ୩ ଘଣ୍ଟା କିମ୍ବା ୪ ଘଣ୍ଟା। ଅଫିସ ଯାଉଥିଲେ ଏହି ସମୟ ଆହୁରି ବଢ଼ିଯିବ। ଯାହା ପାଖାପାଖି ୮ରୁ ୧୦ ଘଣ୍ଟା। ଅଫିସ ହେଉ କି ଘର, ଘଣ୍ଟା ଘଣ୍ଟା ଧରି ଏସି ତଳେ ବସି ରହୁଥିଲେ ଏହାକୁ ଆପଣ ହାଲୁକା ଭାବେ ନେଉଥିବେ। କିନ୍ତୁ, ନିକଟରେ ବିଶେଷଜ୍ଞ ଏସିରେ ବିତାଉଥିବା ଲୋକଙ୍କ ଶାରୀରିକ ସମସ୍ୟା ଉପରେ ଏକ ରିପୋର୍ଟ ଦେଇଛନ୍ତି। ଅତ୍ୟଧିକ ଏୟାର କଣ୍ଡିସନର ବ୍ୟବହାର ରକ୍ତ ଶର୍କରା ସ୍ତରକୁ ବିଚଳିତ କରିପାରେ।

ଗରମରୁ ଆରାମ ପାଇବା ପାଇଁ ଲୋକମାନେ ଏୟାର କଣ୍ଡିସନର (ଏସି) ବ୍ୟବହାର କରନ୍ତି। କିନ୍ତୁ ଏହା ଆପଣଙ୍କ ରକ୍ତ ଶର୍କରା ସ୍ତରକୁ ପ୍ରଭାବିତ କରିପାରେ। ଖାସ୍ କରି ମଧୁମେହ ରୋଗୀଙ୍କ ପାଇଁ। ଅନେକ ଅଧ୍ୟୟନ ଏବଂ ବିଶେଷଜ୍ଞମାନେ ସହମତ ଯେ, ଏସିର ଅତ୍ୟଧିକ ବ୍ୟବହାର ମଧୁମେହ ରୋଗୀଙ୍କ ପାଇଁ ବିପଦ ସଙ୍କେତ ହୋଇପାରେ। ପ୍ରାରମ୍ଭରେ, ଏସିର ପ୍ରଭାବ ତୁରନ୍ତ ଅନୁଭୂତ ହୁଏ ନାହିଁ। ଥଣ୍ଡା ପବନରେ ବସିବା ଦ୍ୱାରା ଆରାମ ଅନୁଭବ ହୁଏ। କିନ୍ତୁ, ବାସ୍ତବରେ ଶରୀରର ମେଟାବୋଲିକ କାର୍ଯ୍ୟକଳାପକୁ ଏହା ଧୀର କରିଦିଏ। ଯେତେବେଳେ ମେଟାବୋଲିକ୍ସ ମନ୍ଥର ହୋଇଯାଏ ଏବଂ ରକ୍ତରେ ଶର୍କରା ସ୍ତର ଧୀରେ ଧୀରେ ଖରାପ ହେବାକୁ ଆରମ୍ଭ କରେ। ଦିଲ୍ଲୀର ଜିଟିବି ହସ୍ପିଟାଲର ମେଡିସିନ ବିଭାଗର ଡାକ୍ତର ଅଜିତ କୁମାରଙ୍କ କହିବାନୁସାରେ, ଏୟାର କଣ୍ଡିସନିଂର ଦୀର୍ଘ ସମୟ ଧରି ରହିବାର ଆଉ ଏକ ପ୍ରମୁଖ ସମସ୍ୟା ହେଉଛି "ଶାରୀରିକ ନିଷ୍କ୍ରିୟତା"। ଯେତେବେଳେ ପରିବେଶ ଥଣ୍ଡା ଥାଏ, ଶରୀର କମ ସକ୍ରିୟ ଥାଏ। ଏହି କାରଣରୁ ଲୋକମାନେ ଅଧିକ ସମୟ ପାଇଁ ଏୟାର କଣ୍ଡିସନିଂ ରୁମରେ ବସିବାକୁ ଏବଂ କମ ଶାରୀରିକ କାର୍ଯ୍ୟ କରିଥାନ୍ତି। ଏହି ହ୍ରାସ ପାଇଥିବା କାର୍ଯ୍ୟକଳାପ ଇନସୁଲିନ ସମ୍ବେଦନଶୀଳତାକୁ ସିଧାସଳଖ ପ୍ରଭାବିତ କରେ ଏବଂ ଶରୀର ରକ୍ତରେ ଗ୍ଲୁକୋଜକୁ ଶକ୍ତିରେ ପରିଣତ କରିବାକୁ ସଂଘର୍ଷ କରେ। ସାଧାରଣତଃ ଯେତେବେଳେ ଗରମରେ ଝାଳ ବାହାରେ, ଏହା ଶରୀରର କ୍ୟାଲୋରି ଜାଳିଦିଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। କିନ୍ତୁ, ଏସିରେ ବସିବା ଦ୍ୱାରା ଆପଣଙ୍କ ଶରୀରରୁ ଆଦୌ ଝାଳ ବାହାରିନଥାଏ। ଏହାର ଅର୍ଥ ହେଉଛି ଝାଳ ମାଧ୍ୟମରେ ନଷ୍ଟ ହୋଇପାରୁଥିବା କ୍ୟାଲୋରି ଆପଣଙ୍କ ରକ୍ତରେ ସଂରକ୍ଷିତ ରହିଥାଏ।

ତେବେ କଳ୍ପନା କରନ୍ତୁ ଯେ ଜଣେ ମଧୁମେହ ରୋଗୀ ଯଦି ପ୍ରତିଦିନ ୮ରୁ ୧୦ ଘଣ୍ଟା ଏୟାର କଣ୍ଡିସନରରେ ବିତାଇବେ, ତେବେ ତାଙ୍କର ଶର୍କରା ସ୍ତର ନିୟନ୍ତ୍ରଣ ପ୍ରକ୍ରିୟା କେତେ ଧୀର ହୋଇଯିବ। ଏହି କାରଣରୁ ଅତ୍ୟଧିକ ଏୟାର କଣ୍ଡିସନର ବ୍ୟବହାରକୁ ମଧୁମେହ ରୋଗୀଙ୍କ ପାଇଁ ଏକ ବିପଦର କାରଣ ଭାବରେ ବିବେଚନା କରାଯାଏ। ତେବେ ଏହାର ଅର୍ଥ କ'ଣ ଆମେ ଏସି ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିଦେବା ଉଚିତ ? ଯଦି ଆପଣ ଅଧିକ ସମୟ ପାଇଁ ଏସିରେ ରହୁଛନ୍ତି, ମଝିରେ ମଝିରେ ହାଲୁକା ଚଲାବୁଲା କରନ୍ତୁ। ଘରେ ଥିବା ସମୟରେ ଷ୍ଟ୍ରେଚିଂ କରନ୍ତୁ ଏବଂ ପର୍ଯ୍ୟାପ୍ତ ପାଣି ପିଅନ୍ତୁ। ଘରେ ଥିବା ସମୟରେ ଏସିର ବ୍ୟବହାର କମ କରିବା ସହ ଘରର ତାପମାତ୍ରାକୁ ଅତ୍ୟଧିକ ଥଣ୍ଡା ରଖନ୍ତୁ ନାହିଁ।

### ସରକାରଙ୍କ ମାଳମାଳ ଯୋଜନା ପାଲଟିଛି ପ୍ରହସନ

# କମାରଗଡ଼ିଆ ଗାଁରେ ପକ୍କା ରାସ୍ତା ସାତସପନ



ବସ୍ତା,୧୧।୫(ସଂଚାର ବ୍ୟୁରୋ): ସ୍ୱାଧୀନତାର ବର୍ଷ ବର୍ଷ ପରେ ବି କାଦୁଅରେ ଜୀବନ। ଏମିତି ରାସ୍ତା ଯେଉଁଥିରେ ଗାଡ଼ି ତ' ଛାଡ଼ ପାଦରେ ଚାଲିକି ଯିବା ବି ମୁସ୍କିଲ୍। ସାଇକେଲ୍‌କୁ ଟେକି ଟେକି ନେବାକୁ ପଡୁଛି। ସେଠି ବିକାଶ କଥା ଚିନ୍ତା କରିବା ଅସମ୍ଭବ। ପୁଣି ଏ ଚିତ୍ର ଖରା ଦିନର। ବର୍ଷା ଦିନେ କ'ଣ ଅବସ୍ଥା ହେଉଥିବ ଏଥିରୁ ଅନୁମାନ କରନ୍ତୁ। ସରକାରଙ୍କ ଗ୍ରାମ ସଡ଼କ ଯୋଜନା ଏଠି ପ୍ରହସନ ! ଭାଷଣବାଜିରେ ସୀମିତ ବିକାଶ ! ଦଶନ୍ଧି ପରେ ଦଶନ୍ଧି ବିତୁଛି। ସରକାର ବଦଳୁଛନ୍ତି, ବାରମ୍ବାର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ହେଉଛି। ହେଲେ ବସ୍ତା ପୁଟୁରା ପଞ୍ଚାୟତ କମାରଗଡ଼ିଆ ଗାଁର ଭାଗ୍ୟ ବଦଳୁନି। କମାରଗଡ଼ିଆ ଗାଁରେ ପ୍ରାୟ ୫୦୦ ପରିବାର ବସବାସ କରନ୍ତି। ଯାତାୟତ ପାଇଁ ଏକମାତ୍ର ଭରସା ଏହି ଜରାଜୀର୍ଣ୍ଣ ରାସ୍ତା। ଶେଷଥର ପାଇଁ ୧୯୬୨ରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ସେବେଠାରୁ ଆଜି ଯାଏଁ କୌଣସି ନେତା କିମ୍ବା ମନ୍ତ୍ରୀଙ୍କ ଶୁଭଦୃଷ୍ଟି ପଡ଼ିନାହିଁ। କେତବେଳେ କେମିତି ନାଲି ମୋରମ୍ ପକାଇ କାମ ସରିଗଲା ଭାବି ଆଖି ବୁଜିଦିଅନ୍ତି। ସବୁଠାରୁ ଦୟନୀୟ କଥା ହେଉଛି, ଗାଁକୁ ଆମ୍ବୁଲାନ୍ସ ଆସିପାରେ ନାହିଁ। ରୋଗୀ ଏବଂ ଗର୍ଭବତୀ ମହିଳାଙ୍କୁ ଭରସା ଦଉଡ଼ିଆ ଖଟ। ୩ କିଲୋମିଟର ଖଟରେ ବୋହି ବୋହି ରୋଗୀଙ୍କୁ ମୁଖ୍ୟ ରାସ୍ତାକୁ ଅଣାଯାଏ। ରାସ୍ତାର ଅବସ୍ଥା ଏମିତି ସାମାନ୍ୟ ବର୍ଷା ହେଲେ ପିଲାଙ୍କ ସ୍କୁଲ ଯିବା ବନ୍ଦ ହୋଇଯାଏ। ରାଜ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ଗଡୁଥିବା ବେଳେ, ଏହି ଗାଁ ପାଇଁ ଭଲ ରାସ୍ତାଟିଏ ଏବେ ବି ସାତ ସପନ। ଏମିତି ହେବ ବିକାଶ ! ପକ୍କା ରାସ୍ତାଟିଏ ପାଇଁ ଏତେ ନେହୁରା କାହିଁକି ? କେଉଁଠି କାର୍ଯ୍ୟକାରୀ ହେଉଛି ସରକାରୀ ଯୋଜନା ? ନା ବ୍ୟବସ୍ଥା ପାଖରେ ହାର୍ ମାନିଛି ଗାଁ ? ଯଦି ଆଗାମୀ ଦିନରେ ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ କରାନଯାଏ ରାଜରାସ୍ତାକୁ ଓହ୍ଲାଇବା ନେଇ ଚେତାବନୀ ଦେଇଛନ୍ତି ଲୋକେ। ପ୍ରଶାସନର କୁମ୍ଭକର୍ଣ୍ଣ ନିଦ କେବେ ଭାଙ୍ଗୁଛି ? ତାକୁ ଅପେକ୍ଷା।

# ଭିଟାମାଟିକୁ ଫେରୁଥିବା ସମୟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



ବଲାଙ୍ଗିର,୧୧।୫(ସଂଚାର ବ୍ୟୁରୋ): ଖପ୍ରାଖୋଲ ବ୍ଲକରୁ ଏକ ପରିବାର ନିଜ ସ୍ତ୍ରୀ ଛୁଆ ପିଲା ସହ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିଲେ। ରାଜ୍ୟ ବାହାରେ କାମ କରୁଥିବାବେଳେ ପରିବାରର ଜଣଙ୍କ ଦେହ ସାମାନ୍ୟ ଅସୁସ୍ଥ ହେବା ପରେ ସେଠାରେ ପ୍ରାଥମିକ ଚିକିତ୍ସା କରି ଟ୍ରେନ ଯୋଗେ ପରିବାର ସହ ବଲାଙ୍ଗିର ଜିଲା ନିଜ ଘରକୁ ଫେରୁଥିଲେ । ଆଜି ସକାଳୁ ପାସେଞ୍ଜର ଟ୍ରେନ ଯୋଗେ ନିଜ ଭିଟାମାଟି ଘରକୁ ଫେରୁଥିବାବେଳେ ବଲାଙ୍ଗିର ଜିଲା ମୁରିବାହାଲ ଷ୍ଟେଶନଠାରେ ଅଚେତ ହୋଇ ପଡିଥିଲେ । ପରିବାର ଲୋକେ କଣ୍ଟାବାଞ୍ଜି ଷ୍ଟେଶନରେ ଓହ୍ଲାଇଥିଲେ। କଣ୍ଟାବାଞ୍ଜି ଷ୍ଟେଶନରେ ଡାକ୍ତର ଯାଞ୍ଚ କରିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଦାଦନ ଶ୍ରମିକ ହେଲେ ଖପ୍ରାଖୋଲ ଥାନା ଭାରୁଆମୁଣ୍ଡା ଗାଁର ଲୋକନାଥ ମାଝି ବୋଲି ଜଣାପଡ଼ିଛି । ଲୋକନାଥ ପାଞ୍ଚ ମାସ ପୂର୍ବରୁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ନିଜ ସ୍ତ୍ରୀ ଓ ଛୋଟ ପୁଅକୁ ଧରି କାମ କରିବାକୁ ଯାଇଥିଲେ। ହେଲେ ସୋମବାର ନିଜ ଭିଟାମାଟି ଭରୁଆମୁଣ୍ଡା ଗ୍ରାମ ପହଞ୍ଚିବା ପୂର୍ବରୁ ଶବ ହୋଇ ଫେରିଥିଲେ। କଂଟାବାଞ୍ଜି ଜିଆରପି ରେଳବାଇ ପୋଲିସ ମୃତଦେହକୁ ଜବତ କରି କଣ୍ଟାବାଞ୍ଜି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିବା ସହ ତଦନ୍ତ ଆରମ୍ଭ କରିଛି ।

## ଆମ୍ବଝରନ ଫରେଷ୍ଟ ରିଜର୍ଭରେ ଝୁଲୁଛି ଅଜଣା ମୃତଦେହ

ବଲାଙ୍ଗୀର,୧୧।୫ (ସଂଚାର ବ୍ୟୁରୋ): ବଲାଙ୍ଗୀର ଆଗଲପୁର ଥାନା ଅନ୍ତର୍ଗତ ଆମ୍ବଝରନ ରିଜର୍ଭ ଫରେଷ୍ଟରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ମିଳିଛି। ସୂଚନା ଅନୁଯାୟୀ, ଆମ୍ବଝରନ ରିର୍ଜଭ ଫରେଷ୍ଟଠାରେ ଏକ ଗଛରେ ଜଣେ ଅଜଣା ବ୍ୟକ୍ତି ବେକରେ ରଶି ଲଗାଇ ଝୁଲି ପଡ଼ିଥିବା ସ୍ଥାନୀୟ ଅଧିବାସୀ ଦେଖିବାକୁ ପାଇଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଝୁଲନ୍ତା ମୃତଦେହକୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ଆଣିଥିବା ଜଣାପଡ଼ିଛି। ଏପର୍ଯ୍ୟନ୍ତ ଅଜଣା ମୃତ ବ୍ୟକ୍ତିଙ୍କ ପରିଚୟ ମିଳପାରି ନ ଥିବା ବେଳେ ମୃତ ବ୍ୟକ୍ତି ଜଣକ ଚିହ୍ନଟ ହେବା ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିବ ବୋଲି କୁହାଯାଉଛି।

## ବ୍ରାଉନସୁଗର କାରବାରରେ ପୁଲିସର ଚଢ଼ାଉ: ୧ ଗିରଫ



ବାଲିକୁଦା,୧୧।୫(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧୀନ ଅପଣ୍ଡରା ପଞ୍ଚାୟତର ତିର୍ତ୍ତୋଲ- ନହରଣା ମୁଖ୍ୟ ରାସ୍ତାର ଚାରିଆଣ ଛକ ନିକଟରେ ବ୍ରାଉନ ସୁଗାର କାରବାର ଚାଲିଥିବାର ଗୁପ୍ତ ସୂଚନା ପାଇ ବାଲିକୁଦା ପୁଲିସ ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗତସିଂହପୁର ଥାନା ଅନ୍ତର୍ଗତ ମହିଉଦ୍ଦିନପୁର ଗ୍ରାମର ଫିରୋଜଉଦ୍ଦିନ ଖାନଙ୍କ ପୁଅ ସାହିଲଉଦ୍ଦିନ ଖାନ। ପୋଲିସ ସୂଚନା ଅନୁଯାୟୀ, ସାହିଲଉଦ୍ଦିନ ଦୀର୍ଘଦିନ ଧରି ଜଗତସିଂହପୁରରୁ ବ୍ରାଉନ ସୁଗାର ଆଣି ବାଲିକୁଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେପାର କରୁଥିଲେ। ଏନେଇ ଖବର ପାଇ ବାଲିକୁଦା ଥାନା ଭାରପ୍ରାପ୍ତ ଅଧିକାରୀ କାବୁଲି ବାରିକଙ୍କ ନିର୍ଦ୍ଦେଶରେ ଏସଆଇ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ପୋଲିସ ଟିମ ତାଙ୍କୁ ପିଛା କରି ନିକଟସ୍ଥ ବିଲ ମଧ୍ୟରୁ କାବୁ କରିଥିଲା। ତାଙ୍କ ନିକଟରୁ ପ୍ରାୟ ୭ ଗ୍ରାମ ବ୍ରାଉନ ସୁଗାର, ୨୨୦୦ ଟଙ୍କା ନଗଦ ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଏହି ଘଟଣାରେ ବାଲିକୁଦା ପୋଲିସ ଥାନା କେସ ନଂ- ୧୭୨/୨୬ ରେ ମାମଲା ରୁଜୁ କରି ଏନଡିପିଏସ ଆକ୍ଟର ଧାରା ୨୧(ବି) ଓ ୨୯(୧) ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇ ଜଗତସିଂହପୁର କୋର୍ଟକୁ ଚାଲାଣ କରାଯାଇଛି।

## ଘିମିରି ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୧୧।୫ (ସଂଚାର ବ୍ୟୁରୋ): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଘିମିରି ନିରାକରଣ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ସାହୁ ଉପସ୍ଥିତ ରହି କହିଲେ, ଗ୍ରୀଷ୍ମ ଋତୁର ଉତାପରୁ ସ୍ୱେଦ ଓ ମଇଳା ଚର୍ମରେ ଜମି ରହେ ଫଳରେ ଘିମିରି ଜାତ ହୁଏ। କୁଣ୍ଡାଇ ହୁଏ, କୁଣ୍ଡାଇଲେ ଲାଲ୍ ପଡ଼ି ଜଳେ। ଦ୍ୱଚାକୁ ମୁଲତାନି ମାଟି ଲଗାଇ ସଫା କରନ୍ତୁ। ଭଲ ଭାବେ ଦିନକୁ ଦୁଇ ଥର ଗାଧାନ୍ତୁ। ସ୍ନାନ ପରେ ଚନ୍ଦନ କିମ୍ବା ବେଣାଚେର ଚିକ୍କଣ ଚୂର୍ଣ୍ଣ ଲଗାନ୍ତୁ। କୁଣ୍ଡାଇ ହେଲେ ନ କୁଣ୍ଡାଇ ଘୃତ କୁମାରୀ ରସ ଲଗାନ୍ତୁ। ସକାଳୁ ନିମ୍ବ ହଳଦୀ ବଟା ପାଞ୍ଚ ଗ୍ରାମ ଖାଆନ୍ତୁ। କାକୁଡ଼ି, ତରଭୁଜ ଖାଆନ୍ତୁ, ଅଧିକ ମିଠା, ଖଟା, ଆମ୍ବ ଖାଆନ୍ତୁ ନାହିଁ ଓ ସୂତାଲୁଗା ପରିଧାନ କରିବା ପାଇଁ ପରମର୍ଶ ଦେଇଥିଲେ କ୍ଷଏହି ଅବସରରେ ରୋଗୀଙ୍କ ନାଡ଼ୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା।

## ବିଶ୍ୱ ପ୍ରଯୁକ୍ତିବିଦ୍ୟା ଦିବସ ପାଳିତ




ସୁବର୍ଣ୍ଣପୁର,୧୧।୫ (ସଂଚାର ବ୍ୟୁରୋ): ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରାଳୟ ଅଧୀନରେ ଥିବା 'ମେରା ଯୁବା ଭାରତ' ସୋନପୁର ଏବଂ 'ମହାନଦୀ ଧାରା' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ୧୧ ମଇ ୨୦୨୬ ଦିନରେ ବିଶ୍ୱ ପ୍ରଯୁକ୍ତିବିଦ୍ୟା ଦିବସ ଅବସରରେ ଏକ ସଭା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାନଦୀ ଧାରାର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ପ୍ରାଚୀନ ମହାପାତ୍ରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଶ୍ରୀଯୁକ୍ତ ମହାପାତ୍ର କହିଥିଲେ ଯେ, 'ପ୍ରଯୁକ୍ତିବିଦ୍ୟା କେବଳ ଏକ ସୁବିଧା ନୁହେଁ, ବରଂ ଏହା ସାମାଜିକ ପରିବର୍ତ୍ତନର ଏକ ଶକ୍ତିଶାଳୀ ମାଧ୍ୟମ। ଆମର ଲକ୍ଷ୍ୟ ହେଉଛି ଗ୍ରାମାଞ୍ଚଳର ଯୁବପିଢ଼ିଙ୍କୁ ବୈଷୟିକ ଜ୍ଞାନରେ ସଶକ୍ତ କରିବା।' ଏହି କାର୍ଯ୍ୟକ୍ରମରେ ସୋନପୁର କଲେଜର ଆଇ.ଟି. ଅଧ୍ୟାପିକା ନିରୋଜା ଗୁରୁ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନ ସାହାଯ୍ୟରେ ଏକ ସଫଳ ଭବିଷ୍ୟତ ଗଢ଼ିବାକୁ ପରାମର୍ଶ ଦେଇଥିଲେ। 'ମେରା ଯୁବା ଭାରତ' ଟିମ୍ ପକ୍ଷରୁ କୃପାସିନ୍ଧୁ ସା ମଧ୍ୟ ଯୋଗ ଦେଇ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସଠିକ୍ ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମହାନଦୀ ଧାରାର ଅଧ୍ୟକ୍ଷା ଆଭା ପୂଜାରୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଥିଲେ ଯେ, 'ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଶିକ୍ଷଣ ପ୍ରକ୍ରିୟାକୁ ଅଧିକ ସହଜ ଓ ପ୍ରଭାବଶାଳୀ କରିଥାଏ। ଆଜିର ଯୁବପିଢ଼ି କେବଳ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକାରୀ ନହୋଇ ଏହାର ନବସୃଜନକାରୀ ହେବା ଆବଶ୍ୟକ।

## ଯୁଗ୍ମ ଅଭିଯୋଗ ଶୁଣାଣି: ୧୦୫ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର,୧୧।୫(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ବିନକା ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ମହଦା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରତାପ କୁମାର ରଣା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୧୦୫ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୭୮ (ଅଠସ୍ତରୀ)ଟି ବ୍ୟକ୍ତିଗତ ଓ ୨୭ (ସତେଇଶ)ଟି ସାମୁହିକ ଦରଖାସ୍ତ ଥିଲା। ଶୁଣାଣି ସମୟରେ ୨୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି।ଏହି ଅବସରରେ ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର କାଳିଆ ମଲ୍ଲିକ, ତହସିଲଦାର ରଶନା ଭୋଇ, ସହାୟକ କଲେକ୍ଟର (ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




### ପଥରାସାହିରେ ଗ୍ରାମ୍ୟ ଜଙ୍ଗଲ କାଟିବାକୁ ନେଇ ଉତ୍ତେଜନା

# ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ ରାସ୍ତା ଅବରୋଧ



ବୈଶିଙ୍ଗା,୧୧।୫(ସଂଚାର ବ୍ୟୁରୋ): ଗ୍ରାମ୍ୟ ଜଙ୍ଗଲ ରୁ ଗଛ କାଟି ନେବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ଙ୍କ ବିରୋଧ, ଘଟଣା କୁ ନେଇ ମାଫିଆଙ୍କ ଧମକଚମକ ପରେ ଗାଁ ରେ ଉତ୍ତେଜନା, ଗ୍ରାମବାସୀ ଙ୍କ ରାସ୍ତା ଅବରୋଧ ସହ ପୋଲିସ ମୁତୟନ।ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ପୂରୁଣିଆ ପଂଚାୟତ ପଥରସାହି ଗ୍ରାମରେ ଗ୍ରାମ୍ୟ ଜଙ୍ଗଲ ରୁ ଗଛ କାଟିବା ପାଇଁ ଚକ୍ରାନ୍ତ କରୁଥିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ନେଇ ଗତକାଲି ଜଙ୍ଗଲ କାଟିବାକୁ ଆସିଥିବା କିଛି ଯୁବକମାନେ ଗ୍ରାମବାସୀ ଙ୍କୁ ଧମକ ଚମକ ଦେବା ସହ ଖଣ୍ଡା ଭୁଜାଲି ଦେଖାଇଥିବା ନେଇ ବୈଶିଙ୍ଗା ଥାନା ରେ ଲିଖିତ ଅଭିଯୋଗ ହୋଇଥିଲା । ଏହି ଘଟଣା କୁ ନେଇ ୨୪ ଘଣ୍ଟା ପୁରି ଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ଠୋସ ପଦକ୍ଷେପ ନିଆଯାଇନଥିବା ରୁ ଆଜି ଗାଁ ରେ ଉତ୍ତେଜନା ଦେଖାଦେଇଛି।ତେବେ ବୈଶିଙ୍ଗା ଥାନାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦାବିକୁ ନେଇ ବୈଶିଙ୍ଗା - ରୁପ୍ସା ରାସ୍ତା ର ମହୁଲପାଟଣା ଛକ ନିକଟରେ ରାସ୍ତା ଅବରୋଧ କରିଛନ୍ତି। ପୂର୍ବରୁ ମଧ୍ୟ ଏହିପରି ଏକ ଘଟଣା ରେ ଗାଁ ରେ ମରଣାତ୍ମକ ଆକ୍ରମଣ ହୋଇଥିବା ଦେଖିବାକୁ ମିଳିଥିଲା। ଆଜି ରାସ୍ତା ଅବରୋଧ ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛି, ହେଲେ ଲୋକେ ପୋଲିସ ର କୈଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ରୁ ଅସନ୍ତୋଷ ଦେଖିବାକୁ ମିଳିଥିଲା। ତେବେ ଏହି ରାସ୍ତା ଅବରୋଧ ଘଟଣା ସ୍ଥଳରେ ବୈଶିଙ୍ଗା ପୋଲିସ ସହିତ, ଏସଡିପିଓ ମିନତୀ ବିଶ୍ୱାଳ ପୋଲିସ ଫୋର୍ସ ସହ ପହଞ୍ଚି ଅବରୋଧକାରୀ ଙ୍କ ସହିତ ବୁଝାମଣା କରି ରାସ୍ତା ଅବରୋଧ ହଟାଇବା ପରେ ରାତି ୮ ଘଣ୍ଟାରେ ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ ।

## ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଜିଲ୍ଲା ପରିଦର୍ଶନ




ସୁବର୍ଣ୍ଣପୁର,୧୧।୫ (ସଂଚାର ବ୍ୟୁରୋ): ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ରେଆର ମୂଖ୍ୟ କାର୍ଯ୍ୟାଳୟ ଧୂବାମୁଣ୍ଡା, ସୋନପୁର ଏଠାରେ ଅବସ୍ଥିତ ଡେ କେୟାର ରିହାବିଲିଟେସନ ସେଣ୍ଟର ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଭିନ୍ନକ୍ଷମ ଶିଶୁ ସେମାନଙ୍କ ର ଅଭିଭାବକ ଙ୍କ ସହିତ ସିଧାସଳଖ ବିଭିନ୍ନ ସମସ୍ୟା ଓରେଆର ଦ୍ୱାରା ଭବଲବ୍ଲ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମ ରେ ସହ ପ୍ରତିଷ୍ଠାତା ଅମ୍ବୁଜ ବିହାରୀ ଶତପଥୀ ରହି ରେଆର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ କାର୍ଯ୍ୟକ୍ରମ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।ରେଖାର ଭିନ୍ନକ୍ଷମ ଛାତ୍ର ଶିବଦତ୍ତ ଚାନ୍ଦ ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାର କରି ସ୍ୱାସ୍ଥ୍ୟ ଓ ଶିକ୍ଷା ର ପ୍ରଗତି ବିଷୟରେ ବୁଝିଥିଲେ। ଏହି କାର୍ଯ୍ୟକ୍ରମକୁ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଙ୍ଗୀ ସଂଯୋଜନା କରିଥିଲେ।ରେଆର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ପରିଦର୍ଶନ ସମୟରେ ଉପକଷ୍ଟ ସାମାଜିକ ସୁରକ୍ଷା ଅଧିକାରିଣୀ ଅଞ୍ଜୁଲତା ମିଶ୍ର ଉପସ୍ଥିତ ଥିଲେ।

# ଦିନଦ୍ୱିପ୍ରହରେ ସାତ ବନ୍ଧରୁ ମୋଟର ଚୋରି

### ପୁଲିସର ତୁରନ୍ତ ପଦକ୍ଷେପ ଯୋଗୁଁ ଉଦ୍ଧାର ହେଲା

ସୁବର୍ଣ୍ଣପୁର,୧୧।୫ (ସଂଚାର ବ୍ୟୁରୋ): ସୋମବାର ଦିନ ଦ୍ୱିପହରରେ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସୁରେଶ୍ୱରୀ ଗଙ୍ଗା କୁ ସାତବନ୍ଧ ରୁ ପାଣି ଆସୁଥିବା ୩ଏଚ୍‌ପି ମୋଟର ଚୋରି ହୋଇଥିଲା। ଦେବୋତ୍ତର କମିଟି ସଦସ୍ୟ ବୈକୁଣ୍ଠ ଶତପଥୀ ଙ୍କ ଅଭିଯୋଗ କ୍ରମେ ସୋନପୁର ଥାନା ଅଧିକାରୀ ଯାଦବ ବାଗ ଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ମାଁ ସୁରେଶ୍ୱରୀ ମନ୍ଦିର ର ଏହି ମୂଲ୍ୟବାନ ମୋଟର କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଥାନା ଅଧିକାରୀ ଯାଦବ ବାଗ ଙ୍କ ନିର୍ଦ୍ଦେଶ କ୍ରମେ ଏ ଏସ ଆଇ ଗୋବର୍ଦ୍ଧନ ନାଏକ ଙ୍କ ନେତୃତ୍ୱ ରେ ଏକ ଦଶ ଜଣିଆ ପୋଲିସ ଟିମ୍ ପ୍ରଚଣ୍ଡ ଖରା ରେ ଅପରାହ୍ନ ୩ ଘଣ୍ଟା ରୁ ୫ ଟା ଯାଏ



ଏହି ସାତ ବନ୍ଧ ଚାରି ପାଖ ଅଞ୍ଚଳ ରେ ଛାନ୍ ଭିନ କରି ମୋଟରଟିକୁ ଉଦ୍ଧାର କରିବାରେ ସଫଳ ହୋଇଥିବା ସୁଚନା ମିଳିଛି। ସନ୍ଦିଗ୍ଧ ବ୍ୟକ୍ତି ମାନଂକୁ ପଚରା ଉଚରା କରି ଚୋର ଧରିବାକୁ ଉଦ୍ୟମ ଜାରି ରହିଥିବା ବିଷୟ ଦେବୋତ୍ତର କମିଟି ଓ ସୋନପୁର ପୋଲିସ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଥାଉ କି ଯେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଙ୍କ ସହଯୋଗ ରେ ମା ସୁରେଶ୍ୱରୀ ଗଙ୍ଗା କୁ ମତ୍ସ୍ୟ ବିଭାଗ ର ସାତ ବନ୍ଧ ରୁ କିଛି ଦିନ ପୂର୍ବରୁ ପାଣି ଯୋଗାଉ ଥିବା ସୁଚନା ମିଳିଛି। ଆଗାମୀ ଦିନ ରେ ସହର ର ମନ୍ଦିର ମାନଙ୍କ ରେ ହେଉ କିମ୍ବା କୌଣସି ଜାଗାରୁ ଚୋରୀ ହେଉ ଜିଲ୍ଲା ପୋଲିସ୍ ପକ୍ଷରୁ ଅପରାଧୀ ଙ୍କ ବିରୋଧ ରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ପୋଲିସ ସହର ରେ ପେଟ୍ରୋଲିଙ୍ଗ ବ୍ୟବସ୍ଥା କୁ କଡ଼ା କଡି କରା ଯାଇଥିବା ବିଷୟ ମଧ୍ୟ ଶ୍ରୀ ବାଗ ମିଡିଆ ସୂଚନା ଦେଇଛନ୍ତି ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି: ବିଭିନ୍ନ ସମସ୍ୟାର ସମାଧାନ ଦାବି



ଦିଗପହଣ୍ଡି,୧୧।୫ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଦିଗପହଣ୍ଡି ପ୍ରଶାସନ ପକ୍ଷରୁ ସୋମବାର ଗୌଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଦିଗପହଣ୍ଡି ବିଡ଼ିଓ ଅନାମିକା ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକେ ପାନୀୟ ଜଳ ଯୋଗାଣ,ବିଦ୍ୟୁତ ରାସ୍ତାଘାଟ ଓ ଡ୍ରେନେଜ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଦାବି ଜଣାଇଥିଲେ। ଗୌଡ଼ଗାଁର ମିଲ ସାହିଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଯାଏ ନୂତନ ଡ୍ରେନ ନିର୍ମାଣ କରାଯିବା ସହ ଦୀର୍ଘଦିନରୁ ଲାଗିରହିଥିବା ପାନୀୟ ଜଳ ସମସ୍ୟା ନେଇ ସରପଞ୍ଚ ସୁନୀତା ସାହୁ ପ୍ରଶାସନିକ ଅଧିକାରୀ ବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବହୁ ସଂଖ୍ୟକ ହିତାଧିକାରୀ ନୂତନ ଭତ୍ତା, ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମିଜମା ସମ୍ପର୍କିତ ପଟ୍ଟା ପାଇଁ ଦରଖାସ୍ତ କରିଥିଲେ।

# ଖରାଟିଆ ଧାନ ଫସଲ ନଷ୍ଟ କଲେ, ଘର ଭାଙ୍ଗିଲେ ଭାଙ୍ଗିଲେ ହାତୀପଲ



ବୈଶିଙ୍ଗା,୧୧।୫ (ସଂଚାର ବ୍ୟୁରୋ): କିଛିଦିନର ବ୍ୟବଧାନ ପରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ରେଞ୍ଜକୁ ପୁଣି ଲେଉଟିଛନ୍ତି ବିଶାଳ ଝାଡଖଣ୍ଡୀ ହାତୀପଲ। ଏହି ରେଞ୍ଜରେ ଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲ ମାନଙ୍କରେ ହାତୀପଲ ଦିନରେ ଡେରା ପକାଇଥିବା ବେଳେ ରାତି ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁକୁ ଯାଇ ଲୋକଙ୍କ ଘରଦ୍ୱାର ଭାଙ୍ଗି ଦେଉଛନ୍ତି ତ କେତେବେଳେ ବିଲ ମୁହାଁ ଯାଇ ଖରାଟିଆ ଧାନ ଫସଲ ବିଲରେ ଖାଇବା ସହିତ ଦଳି ମକଚି ନଷ୍ଟ କରି ଦେଉଥିବା ଦେଖିବାକୁ ମିଳିଛି।ସେହିପରି ଗତକାଲି ବିଳମ୍ବିତ ରାତି ପ୍ରାୟ ୧୦ଟା ପାଖାପାଖି ସମୟରେ ମେର୍ଦା ପଞ୍ଚାୟତର ଦୁର୍ଗାପୁର ଦେଇ ୬୦ ଟିକିଆ ହାତୀପଲ ଅଁଳା ପଞ୍ଚାୟତର ରାଇକମାକୁ ଆସିଥିବା ବେଳେ କ୍ଷେତ୍ରମୋହନ ମହାନ୍ତ ନାମକ ଜଣେ ଚାଷୀ ପାଞ୍ଚମାଣ ଜମି ଭାଗଆକାରରେ ଖରାଟିଆ ଧାନ ଚାଷ କରିଥିଲେ। କିନ୍ତୁ ସେହି ଜମିର ହାରାହାରି ୪ମାଣ ଅଂଶକୁ ହାତୀପଲ ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇ ବୈଦିପୁର ପଟେ ଯାଇଥିବା ଚାଷୀ କ୍ଷେତ୍ରମୋହନ ପ୍ରକାଶ କରିଛନ୍ତି। ସେହିପରି ସେହି ବିଳମ୍ବିତ ରାତିରେ ମେର୍ଦା ପଞ୍ଚାୟତର ବର୍ତ୍ତନା ଉପକଣ୍ଠ ଆଳଦିଆ ଗ୍ରାମର ଶମ୍ଭୁଆ ମହାକୁଡଙ୍କ ଘରକୁ ମଧ୍ୟ ଭାଙ୍ଗି ବ୍ୟାପକ ଉପଦ୍ରବ ଘଟାଇଥିବା ଜଣାପଡ଼ିଛି। ଏପଟେ ବନବିଭାଗ ପକ୍ଷରୁ ନିୟୋଜିତ ଥିବା ଗଜସାଥୀ ଉପସ୍ଥିତ ଥିଲେ ମଧ୍ୟ ଏତେ ବଡ ହାତୀପଲକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇପଡୁଥିବା ଯୋଗୁଁ ଗ୍ରାମବସୀମାନେ ବନ ବିଭାଗ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।କ୍ଷୟକ୍ଷତିକୁ ଆକଳନ କରି ତୁରନ୍ତ କ୍ଷତିପୂରଣ ଦେବାପାଇଁ ଦାବି କରିଛନ୍ତି।

## ପ୍ରେମିକାକୁ ପାଇବା ପାଇଁ ପ୍ରେମିକ ସାଜିଲା ପିଲା ଚୋର

ମାଲକାନଗିରି,୧୧।୫ (ସଂଚାର ବ୍ୟୁରୋ): ପିଲା ଚୋରକୁ ଖୁଣ୍ଟରେ ବାନ୍ଧି ପୁଲିସ ଜିମା ଦେଲେ ଗାଁ ଲୋକ। ଏପରି ଏକ ଘଟଣା ଘଟିଛି ମୋଟୁ ଥାନା ଅନ୍ତର୍ଗତ ଏମଭି ୧୧୪ ଗ୍ରାମରେ। ଖବର ପାଇ ଆଜି ସକାଳୁ ମୋଟୁ ପୁଲିସ ଘଟଣାସ୍ଥଳରେ ପହଁଚି ଅଭିଯୁକ୍ତ ଯୁବକକୁ ଉଦ୍ଧାର କରି ଥାନାକୁ ନେଇଥିବାର ସୂଚନା ମିଳିଛି।ମିଳିଥିବା ସୂଚନା ଅନୁସାରେ, ଏମଭି ୬୦ଗ୍ରାମର ସୁବ୍ରତ ମଣ୍ଡଳ ନାମକ ଯୁବକ ଏମଭି ୧୧୪ ଗ୍ରାମର ଜଣେ ମହିଳାଙ୍କୁ ଭଲ ପାଉଥିଲା। ମହିଳା ଓ ଅଭିଯୁକ୍ତ ଜଣକ ଆନ୍ଧ୍ରରେ କାମ କରୁଥିବା ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ହୋଇଥିଲା। କିଛି ଦିନ ହେଲା ମହିଳା ଜଣକ ନିଜ ଗ୍ରାମକୁ ଆସିବାପରେ ଯୁବକ ସହିତ ଆଉ ଯୋଗାଯୋଗରେ ନଥିଲେ। ତେବେ ମହିଳାଙ୍କ ଛୁଆକୁ ଅପହରଣ କରି ନେଇଗଲେ ମହିଳା ଜଣଙ୍କ ଆପେ ଆପେ ତାଙ୍କ ପାଖକୁ ଆସିଯିବ ଭାବି ଆଜି ଭୋର ସମୟରେ ସୁବ୍ରତ ଏମଭି ୧୧୪ ଗ୍ରାମକୁ ଆସି ମହିଳାଙ୍କ ଛୁଆ ବଦଳରେ ପଡ଼ୋଶୀ ଘରର ଜଣେ ଛୁଆକୁ ଅପହରଣ କରି ନେଇଯାଇଥିଲା। ତେବେ ଗ୍ରାମବାସୀ ଏହା ଜାଣି ପାରି ଚୋରର ପିଛା କରି ଗାଁ ନିକଟରୁ ଶିଶୁପୁତ୍ରକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ବାନ୍ଧି ପୁଲିସକୁ ଖବର ଦେଇଥିଲେ। ମୋଟୁ ପୁଲିସ ଅଭିଯୁକ୍ତକୁ ଗିରଫ କରି ଘଟଣାର ତଦନ୍ତ କରୁଥିବାର ସୂଚନା ମିଳିଛି।

## କାର୍ଯ୍ୟାଳୟ ସଭା ଗୃହରେ ଅଭିଯୋଗ ଶୁଣାଣି ଶିବିର

ଜୟପୁର,୧୧।୫ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ପ୍ରଶାସନ ତରଫରୁ ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ସଭା ଗୃହ ଠାରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୨୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୮ ଟି ଓ ଗୋଷ୍ଠୀଗତ ସମସ୍ୟାର ୧୩ ଟି ଅଭିଯୋଗର ଶୁଣାଣି କରାଯାଇଛି ଓ ଗୋଟିଏ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଲକ୍ଷ୍ମୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆମ୍ବିତ ମହାନ୍ତି, ଉପଜିଲ୍ଲାପାଳ ପ୍ରେମ ଲାଲ୍ ହିଆଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ. ଶିବ ସାଇ ସ୍ୱରୂପ, ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେଶିକା ଓ ତହସିଲଦାର ନୈବେଦ୍ୟ ଭୋଇ ପ୍ରମୁଖ ଉପସ୍ଥିତ ଥିବାବେଳେ ପ୍ରତ୍ୟେକ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।